୬ ତ୍ର' ହେଲା କଲମ୍ବୋ ଟେଷ୍ଟ : ୧-୦ରେ ସିରିଜ୍ ଜିତିଲା ଗିଲ୍ ବାହିନୀ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା
The Sambad Kalika

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

E-mail : sambadkalikanews@gmail.com

ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୨୦୮ ● ୨୮ ଅଗଷ୍ଟ ୨୦୨୬ ଶୁକ୍ରବାର ● ଭୁବନେଶ୍ୱର ● Vol -33 ● Issue-208 ● 28th August 2026, Friday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27


## ଗୋଳାବନ୍ଧ/ଛେଳିଗଡ ବିସ୍ଥାପିତଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ

# ଆଗାମୀ ୨ ବର୍ଷରେ ୫ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ଲକ୍ଷ୍ୟ

ଭୁବନେଶ୍ୱର, ୨୭।୮

ନ୍ୟୁଜ୍ ବ୍ୟୁରୋ

ଦୀର୍ଘ ବର୍ଷର ଅପେକ୍ଷା ଓ ସଂଘର୍ଷ ପରେ ଗୋଳାବନ୍ଧର ନୋଳିଆ ବିସ୍ଥାପିତ ପରିବାରଙ୍କୁ ମିଳିଛି ବଡ଼ ଆଶ୍ୱାସନା। ଗଞ୍ଜାମ ଜିଲ୍ଲା ଗୋଳାବନ୍ଧଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୋଳାବନ୍ଧର ୧,୩୭୧ଟି ବିସ୍ଥାପିତ ପରିବାର ପାଇଁ ୭୫ କୋଟି ୬୦ ଲକ୍ଷ ୩୦ ହଜାର ଟଙ୍କାର ଏକ ସ୍ୱତନ୍ତ୍ର ପୁନର୍ବାସ ଓ ଥଇଥାନ ପ୍ୟାକେଜ୍ ଘୋଷଣା କରିବା ସହ



ଏହାର ଶୁଭାରମ୍ଭ କରିଛନ୍ତି। ଏହାସହିତ ଛେଳିଗଡ଼ ମଧ୍ୟମ ଜଳସେଚନ ପ୍ରକଳ୍ପର ବିସ୍ଥାପିତ ୧୧୨ଟି ପରିବାରଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୯୬ଟି ପରିବାରକୁ ଘରବାରି ଓ ଚାଷଜମିର ପଟ୍ଟା ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମର ଆରମ୍ଭରେ ଗୋଳାବନ୍ଧର ମହିଳାମାନେ ମୁଖ୍ୟମନ୍ତ୍ରୀଙ୍କୁ ରାକ୍ଷୀ ବାନ୍ଧି ଭାବବିହ୍ୱଳ ପରିବେଶ ମଧ୍ୟରେ ସ୍ୱାଗତ ଜଣାଇଥିଲେ। *(ପୃଷ୍ଠା ୭ରେ)*

## ବୈଦେଶିକ ମନ୍ତ୍ରଣାଳୟର ସୂଚନା

# ନେପାଳରେ ୨୮୮ ଜଣ ଭାରତୀୟ ନିଖୋଜ

ନୂଆଦିଲ୍ଲୀ, ୨୭।୮

ନେପାଳରେ ଭୟଙ୍କର ବନ୍ୟା ଯୋଗୁଁ ଅନେକ ଭାରତୀୟ ମଧ୍ୟ ପ୍ରଭାବିତ ହୋଇଛନ୍ତି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଅନୁଯାୟୀ, ୫ଟି ପ୍ରମୁଖ ଗୋଷ୍ଠୀ ଅଛନ୍ତି ଯାହା ସହିତ ଯୋଗାଯୋଗ କରାଯାଇ ପାରିନାହିଁ। ଏହି ଗୋଷ୍ଠୀରେ ମୋଟ ୨୮୮ ଜଣ ଭାରତୀୟ ଅଛନ୍ତି। ଏଥିରେ ଦେଶର ବିଭିନ୍ନ ରାଜ୍ୟରୁ ଦଳବଦ୍ଧ ଭାବେ ଆସୁଥିବା ପର୍ଯ୍ୟଟକ ସାମିଲ ଅଛନ୍ତି, ଯେଉଁଥିରେ ତ୍ରିଶୁଲି-୧ ବିଦ୍ୟୁତ ପ୍ରକଳ୍ପରେ କାର୍ଯ୍ୟ କରୁଥିବା ଭାରତୀୟ ମଧ୍ୟ ସାମିଲ ଅଛନ୍ତି। ଏହାବ୍ୟତୀତ ଗୁରୁବାର ଅପରାହ୍ନ ୧ଟା ସୁଦ୍ଧା ୨୧ ଜଣ ଭାରତୀୟ ନାଗରିକଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି।

ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜସ୍ୱାଲ ଗୁରୁବାର ଏ ସମ୍ପର୍କରେ ଏକ ସ୍ୱତନ୍ତ୍ର ସୂଚନା ଦେଇ କହିଛନ୍ତି



ଭାରତୀୟମାନଙ୍କର ୫ଟି ବୃହତ ଗୋଷ୍ଠୀ ବର୍ତ୍ତମାନ ଅପହଞ୍ଚ ଅଛନ୍ତି । ଏମାନଙ୍କ ମଧ୍ୟରେ ତ୍ରିଶୁଲି-୧ ବିଦ୍ୟୁତ ପ୍ରକଳ୍ପରେ କାର୍ଯ୍ୟ କରୁଥିବା ୭୩ ଜଣ ଭାରତୀୟ ଅଛନ୍ତି। ମୁଖପାତ୍ର କହିଛନ୍ତି ଯେ କାଠମାଣ୍ଡୁରେ ଥିବା ଭାରତୀୟ ଦୂତାବାସ ଏହି ଲୋକଙ୍କ ବିଷୟରେ ଅଧିକ ବିବରଣୀ ପାଇବା ପାଇଁ ପ୍ରକଳ୍ପ ମୁଖ୍ୟଙ୍କ ସହ ଯୋଗାଯୋଗରେ ଅଛନ୍ତି। ଏହି ଅଞ୍ଚଳରେ ଯୋଗାଯୋଗ ଲାଇନ୍ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି । ଏଭଳି ପରିସ୍ଥିତିରେ ଗ୍ରାଉଣ୍ଡରେ ଥିବା ଲୋକଙ୍କ ସହ ଯୋଗାଯୋଗ କରିବା କଷ୍ଟକର ହୋଇପଡ଼ିଛି।

ଏହାବ୍ୟତୀତ, ତାମିଲନାଡୁର 'ସମ୍ରାଟ' ଏବଂ 'ଫ୍ଲାଇ ଏଭରେଷ୍ଟ ଟ୍ରାଭେଲ୍ସ'(ଦୁଇଟି ଭିନ୍ନ ଟ୍ରାଭେଲ ଏଜେଣ୍ଟ) ଜରିଆରେ କୈଳାସ ମାନସରୋବର ଯାତ୍ରା କରିଥିବା ତାମିଲନାଡୁର ୩୭ ଏବଂ ୪୯ ଜଣ ନାଗରିକ, ପଶ୍ଚିମବଙ୍ଗର ୩୨ ଜଣ ଭାରତୀୟ, ଯେଉଁମାନେ 'ସମ୍ରାଟ ଟ୍ରାଭେଲ୍ସ' ସହାୟତାରେ ରାସୁଓ୍ୱା ଜିଲ୍ଲାର ତିମୁରେରେ ଯାତ୍ରା କରିଥିଲେ (ଯେଉଁଠାରେ ଦୁର୍ଘଟଣା ଘଟିଥିଲା),'ରିଚା ଟୁର୍' ଜରିଆରେ ଯାତ୍ରା କରିଥିବା ବିଭିନ୍ନ ରାଜ୍ୟର ୬୧ ଜଣ ଭାରତୀୟ ଏବଂ କେରଳର ୩୩ ଜଣ ଭାରତୀୟ ନାଗରିକଙ୍କ ଏକ ଦଳ ଯୋଗାଯୋଗରେ ନାହାଁନ୍ତି।

ମୁଖପାତ୍ର କହିଛନ୍ତି ଯେ ନେପାଳୀ କର୍ତ୍ତୃପକ୍ଷଙ୍କ ମାଧ୍ୟମରେ ଆମେ ଆମ ଲୋକଙ୍କ ନିକଟରେ ପହଞ୍ଚିବା ପାଇଁ *(ପୃଷ୍ଠା ୭ରେ)*

## ଭୁବନେଶ୍ୱର ଡିସିପି ଜଗମୋହନ ମୀନାଙ୍କ ଇସ୍ତଫା ଗୃହୀତ

ଭୁବନେଶ୍ୱର, ୨୭।୮

ନ୍ୟୁଜ୍ ବ୍ୟୁରୋ

ଭୁବନେଶ୍ୱର ଡିସିପି ଜଗମୋହନ ମୀନାଙ୍କ ଇସ୍ତଫା ଗୃହୀତ ହୋଇଛି। ୨୦୧୩ ବ୍ୟାଚ୍‌ର ଆଇପିଏସ୍ ଅଫିସର ଜଗମୋହନ ମୀନାଙ୍କ ଇସ୍ତଫାକୁ ଗ୍ରହଣ କରି ରାଜ୍ୟ ସରକାର ଏନଓସି ସହ କେନ୍ଦ୍ର ଗୃହ ମନ୍ତ୍ରଣାଳୟକୁ ପଠାଇଛନ୍ତି। ଗତ ଜୁଲାଇ ୬ ତାରିଖରେ ଇସ୍ତଫା ଦେଇଥିଲେ ଜଗମୋହନ ମୀନା।

# ବିଶିଷ୍ଟ ବୋଲାଉଥିବା ସାହିତ୍ୟକାରଙ୍କ ସିଂହାସନ ଓ ମୁକୁଟ ମୋହ




ଦୁର୍ଗା ଚରଣ ଷଡଙ୍ଗୀ
ମୋ : ୯୪୩୮୫୩୫୫୭୭


ଲକ୍ଷ୍ୟ କରିବାର କଥା ଯେ, ବିଗତ ତିନିଦଶନ୍ଧି ଧରି ଆଗଧାଡିରେ ଲେଖନୀ ଚାଳନା କରୁଥିବା ସାହିତ୍ୟକାର-ଗଣ ବର୍ତ୍ତମାନର ସମଧର୍ମୀ ସାହିତ୍ୟିକ ଗୋଷ୍ଠୀଙ୍କ ପ୍ରତି ଅବିଚାର ଭାବ, ନିସ୍ପୃହତା, ଗୋଷ୍ଠୀକରଣ ଭୁକ୍ତ ହୋଇ ସାହିତ୍ୟରେ ରାଜନୀତି କରିବା ଫଳରେ ଆମ ଭାଷା ସାହିତ୍ୟ ଯେ, ପୂର୍ବାପର ଭାବେ ପାରଦର୍ଶୀ ସାହିତ୍ୟ ସୃଷ୍ଟି କରିବାରେ ସଫଳ ହେବ, ଏପରି ଆଶା କାହିଁ ଆଉ ଦେଖାଯାଉ ନାହିଁ। ଏହାର ଏପରି ହେବାର କାରଣଟିଏ ଏହା ହୋଇପାରେ ଯେ, ସାହିତ୍ୟ ସର୍ବଦା ଆଲୋଚନା, ସମାଲୋଚନା, ବିଷୟ ବିନ୍ୟାସ ଆନ୍ତରିକ କୁଟୁମ୍ବତା ଓ ସାଂପ୍ରତିକ ସାମାଜିକ ଅଙ୍ଗୀକାରର ଦୃପ୍ତ ଆହ୍ୱାନ ଉପରେ ନିର୍ଭରଶୀଳ ହୋଇଥାଏ। ସମୟ ଥିଲା ଯେତେବେଳେ ଈଶ୍ୱର, ପ୍ରକୃତି, ସ୍ତୁତିଗାନ, ପ୍ରେମ-ପ୍ରଣୟକୁ ନେଇ କଥା-କାବ୍ୟମାନ ବହୁଳ ସଂଖ୍ୟାରେ ଲେଖାଯାଉଥିଲା। ତାହା ବୋଧହୁଏ ପାଠକ ମଣିଷର ଚିତ୍ତବିନୋଦନକାରୀ ପ୍ରସଙ୍ଗ ହୋଇ ସେବେଥିଲା। ବିଶ୍ୱର ପରିବର୍ତ୍ତିତ ପରିସ୍ଥିତିକୁ ଉପଲବ୍ଧି କରିବା ପରେ ବିଶ୍ୱ ଲେଖକ ଗୋଷ୍ଠୀ ମଣିଷ ଜୀବନର ଶ୍ରମ, ସଂଘର୍ଷ, ରୋଗ, ଶୋକ, ଯୁଦ୍ଧର ଭୟାବହ ପରିସ୍ଥିତିକୁ ଦେଖି ତା'ର ସୃଜନଧାରାକୁ ସେହି ଦିଗରେ ପ୍ରଭାବିତ କରିବା ପାଇଁ ମନସ୍ଥ କରିଥିବେ! ଏହି ସାଧକ *(ପୃଷ୍ଠା ୭ରେ)*

## ମହାପ୍ରଭୁଙ୍କୁ ନେଇ କୌଣସି ମନଗଢ଼ା କାହାଣୀ ରଚାନଯାଉ : ଆଇନ ମନ୍ତ୍ରୀ

ଭୁବନେଶ୍ୱର, ୨୭।୮ : ନ୍ୟୁଜ୍ ବ୍ୟୁରୋ

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉପରେ ଆନିମେଟଡ୍ ଫିଲ୍ମ ବିବାଦକୁ ନେଇ ପ୍ରତିକ୍ରିୟା ରଖିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ।ସେ କହିଛନ୍ତି ଯେ ଫିଲ୍ମ ଉପରେ ବିଚାରବିମର୍ଶ ଚାଲିଛି। ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଭୂମିକା ସ୍ପଷ୍ଟ ରହିଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସେମାନଙ୍କୁ ଡାକି ଆଲୋଚନା ହୋଇଛି। ମହାପ୍ରଭୁଙ୍କୁ ନେଇ କୌଣସି ମନଗଢ଼ା କାହାଣୀ ରଚାନଯାଉ ବୋଲି କହିଛନ୍ତି ଆଇନ ମନ୍ତ୍ରୀ।

## କଲେଜରେ ଛାତ୍ରଛାତ୍ରୀଙ୍କ ପାଇଁ ବାଧ୍ୟତାମୂଳକ ହେବ ବାୟୋମେଟ୍ରିକ୍ ଉପସ୍ଥାନ

ଭୁବନେଶ୍ୱର, ୨୭।୮ : ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ସମସ୍ତ କଲେଜରେ ଛାତ୍ରଛାତ୍ରୀମାନଙ୍କ ପାଇଁ ବାୟୋମେଟ୍ରିକ୍ ଉପସ୍ଥାନ ବାଧ୍ୟତାମୂଳକ ହେବ। ଏନେଇ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଏହା ସହିତ ରାଜ୍ୟରେ କଲେଜ ଡ୍ରପ୍ ଆଉଟ୍ ହାର କମ୍ କରିବା ସହ ଛାତ୍ରଛାତ୍ରୀ ମାନଙ୍କୁ କଲେଜ ମୁହାଁ କରିବା ପାଇଁ ଏହା ରାଜ୍ୟ ସରକାରଙ୍କ ବଡ଼ ପଦକ୍ଷେପ।




32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୮ ଅଗଷ୍ଟ ୨୦୨୬ ଶୁକ୍ରବାର





# ଆଇଟିଆଇରୁ ମୁହଁ ଫେରାଉଛନ୍ତି ଝିଅ

## ବ୍ରହ୍ମପୁର ଆଇଟିଆଇରେ ୨୨୮୦ ସିଟ୍‌ରୁ ମାତ୍ର ୬୭୧ ଛାତ୍ରୀଙ୍କ ନାମଲେଖା

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ

ଦକ୍ଷତା ହିଁ ଆଜିର ଦିନର ସବୁଠୁ ବଡ଼ ପୁଞ୍ଜି । ପାରମ୍ପରିକ ଶିକ୍ଷା ସହିତ ବୈଷୟିକ ଓ ବୃତ୍ତିଗତ ଶିକ୍ଷା ଯୁବପିଢ଼ି ପାଇଁ ରୋଜଗାରର ନୂଆ ଦ୍ୱାର ଖୋଲୁଛି । ଏହି ଦିଗରେ ଆଇଟିଆଇ ଶିକ୍ଷାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ହେଲେ ଗଞ୍ଜାମ ଜିଲ୍ଲାରେ ଚଳିତ ବର୍ଷ ଆଇଟିଆଇ ନାମଲେଖାର ଚିତ୍ର ଏବେ ଚିନ୍ତା ବଢ଼ାଇଛି । ବିଶେଷ କରି ଦକ୍ଷତା ଭିତ୍ତିକ ଶିକ୍ଷା ପ୍ରତି ଝିଅମାନଙ୍କ ଆଗ୍ରହ କମିବା ଏକ ଗମ୍ଭୀର ପ୍ରସଙ୍ଗ ହୋଇ ଉଭା ହୋଇଛି । ଏକଦା ଝିଅମାନଙ୍କୁ ଦକ୍ଷତା ଭିତ୍ତିକ ଶିକ୍ଷା ଆଡ଼କୁ ଆଣିବାରେ ବ୍ରହ୍ମପୁର ଆଇଟିଆଇ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲା । ନିଜ ଦକ୍ଷତା ବଳରେ ଝିଅମାନେ ମଧ୍ୟ ରୋଜଗାର କରିପାରିବେ, ସ୍ୱାବଲମ୍ବୀ ହୋଇପାରିବେ ଏବଂ ପୁରୁଷଙ୍କ ସହ ସମାନ ଭାବେ ବୈଷୟିକ କ୍ଷେତ୍ରରେ ଆଗକୁ ବଢ଼ିବାର ଧାରଣାକୁ ମଜବୁତ୍ କରିବାରେ ଏହି ଅନୁଷ୍ଠାନର ଅବଦାନ ରହିଛି । କିନ୍ତୁ ସମୟ ବଦଳିବା ସହ ଏବେ ମନେ ହେଉଛି ଝିଅମାନେ ଧୀରେ ଧୀରେ ଆଇଟିଆଇ ଶିକ୍ଷା ଠାରୁ ଦୂରେଇ ଯାଉଛନ୍ତି । ଚଳିତ ବର୍ଷର ନାମଲେଖା ତଥ୍ୟ ଏହାକୁ ଆହୁରି ସ୍ପଷ୍ଟ କରୁଛି । ବ୍ରହ୍ମପୁର ଆଇଟିଆଇରେ ସମୁଦାୟ ୨୨୮୦ଟି ସିଟ୍ ରହିଛି । ଏଥିରୁ ମାତ୍ର ୬୭୧ ଜଣ ଛାତ୍ରୀ ନାମ ଲେଖାଇଥିବା ଜଣାପଡ଼ିଛି । ଅବଶିଷ୍ଟ ନାମଲେଖାରେ ଛାତ୍ରମାନଙ୍କ ସଂଖ୍ୟା ଅଧିକ ରହିଛି । ଅର୍ଥାତ୍ ବ୍ରହ୍ମପୁର ଆଇଟିଆଇରେ ଝିଅମାନଙ୍କ ଅଂଶଗ୍ରହଣ ତୁଳନାତ୍ମକ ଭାବେ କମ୍ ରହିଛି । ଏତେ ବଡ଼ ଅନୁଷ୍ଠାନରେ ଝିଅମାନଙ୍କ ଉପସ୍ଥିତି ଆଶାନୁରୂପ ନହେବା ନେଇ ଏବେ ଆଲୋଚନା ଆରମ୍ଭ ହୋଇଛି । କେବଳ ବ୍ରହ୍ମପୁର ଆଇଟିଆଇର ଚିତ୍ର ନୁହେଁ, ନାମଲେଖା ପରବର୍ତ୍ତୀ ପ୍ରକ୍ରିୟାରେ ମଧ୍ୟ ଅନେକ ଅସଙ୍ଗତି ଦେଖାଦେଇଥିବା ସୂଚନା ମିଳିଛି । ଚଳିତ ବର୍ଷ ନାମ ଲେଖାଇଥିବା ଅନେକ ଛାତ୍ରଛାତ୍ରୀ ଏପର୍ଯ୍ୟନ୍ତ ଏସ୍‌ଏଲ୍‌ସି/ସିଏଲ୍‌ସି ପ୍ରଦାନ କରିନଥିବା ଜଣାପଡ଼ିଛି । ଫଳରେ ନାମଲେଖା ପ୍ରକ୍ରିୟାର ସମ୍ପୂର୍ଣ୍ଣତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି । ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ତଥ୍ୟ ଅନୁସାରେ ବ୍ରହ୍ମପୁର ଆଇଟିଆଇରେ ୧୭୫ ଜଣ ଛାତ୍ରଛାତ୍ରୀ ଏସ୍‌ଏଲ୍‌ସି/ସିଏଲ୍‌ସି ଦାଖଲ କରିନାହାନ୍ତି । ସେହିପରି ପୁରୁଷୋତମପୁର ଆଇଟିଆଇରେ ୧୫ ଜଣ, ଛତ୍ରପୁର ଆଇଟିଆଇରେ ୬ ଜଣ ଏବଂ ଶେରଗଡ଼ ଆଇଟିଆଇରେ ୨ ଜଣ ଛାତ୍ରଛାତ୍ରୀ ଏସ୍‌ଏଲ୍‌ସି/ଏଲ୍‌ସି ପ୍ରଦାନ କରିନଥିବା ସୂଚନା ମିଳିଛି । ତେବେ ଆଇଟିଆଇ ଶିକ୍ଷା ଠାରୁ ଝିଅମାନଙ୍କ ଆଗ୍ରହ କମିବାର ଉତ୍ତର ଖୋଜିବା ଏବେ ଜରୁରୀ ହୋଇଛି । ଅଭିଭାବକଙ୍କ ମାନସିକତା, ଝିଅମାନଙ୍କ ପାଇଁ ଉପଯୁକ୍ତ ଟ୍ରେଡ୍ ସମ୍ପର୍କରେ ସଚେତନତାର ଅଭାବ, ପାଠପଢ଼ା ପରେ ଚାକିରୀର ସୁଯୋଗ ନେଇ ଅସ୍ପଷ୍ଟତା ଏବଂ ଆଇଟିଆଇ ଶିକ୍ଷାକୁ ନେଇ ରହିଥିବା ପୁରୁଣା ଧାରଣାକୁ ବଦଳାଇବାରେ ସଚେତନର ଆବଶ୍ୟକତା କମ୍ ପଡ଼ିଯାଇଛି ବୋଲି ଶିକ୍ଷାବିତ୍ ମତ ଦେଇଛନ୍ତି । ଆଜିର ସମୟରେ ଆଇଟିଆଇ କେବଳ ପୁଅମାନଙ୍କ ପାଇଁ ନୁହେଁ । ବିଭିନ୍ନ ବୈଷୟିକ କ୍ଷେତ୍ରରେ ଝିଅମାନେ ମଧ୍ୟ ଦକ୍ଷତା ହାସଲ କରି ନିଜ କ୍ୟାରିୟର ଗଢ଼ିପାରିବେ । ତେଣୁ ଝିଅମାନଙ୍କୁ ଆଇଟିଆଇ ଶିକ୍ଷା ପ୍ରତି ଆକୃଷ୍ଟ କରିବାପାଇଁ କେବଳ ନାମଲେଖା ସମୟରେ ପ୍ରଚାର କରିଦେଲେ ହେବନାହିଁ । ସ୍କୁଲ ସ୍ତରରୁ କ୍ୟାରିୟର କାଉନ୍‌ସେଲିଂ, ଅଭିଭାବକ ସଚେତନତା ଏବଂ ଆଇଟିଆଇ ପରେ ରୋଜଗାରର ସୁଯୋଗ ସମ୍ପର୍କରେ ସ୍ପଷ୍ଟ ତଥ୍ୟ ପହଞ୍ଚାଇବା ଆବଶ୍ୟକ । ବିଶେଷ କରି ବ୍ରହ୍ମପୁର ଭଳି ପ୍ରମୁଖ ଆଇଟିଆଇରେ ଝିଅମାନଙ୍କ ସଂଖ୍ୟା କାହିଁକି କମୁଛି, ତାହାର ସଠିକ୍ କାରଣ ଜାଣିବାପାଇଁ ଏକ ସମୀକ୍ଷା ଆବଶ୍ୟକ । କେଉଁ ଟ୍ରେଡ୍‌ରେ ଝିଅମାନଙ୍କ ଆଗ୍ରହ ଅଧିକ, କେଉଁଠି ନାମଲେଖା କମୁଛି ଏବଂ ନାମଲେଖା ପରେ କେତେଜଣ ପ୍ରକୃତରେ ପାଠପଢ଼ା ଜାରି ରଖୁଛନ୍ତି ଏନେଇ ତଥ୍ୟାଧାରିତ ବିଶ୍ଳେଷଣ ହେବା ଦରକାର ବୋଲି ଶିକ୍ଷାବିତ୍ କହିଛନ୍ତି । ଗୋଟିଏ ପଟେ ଦେଶ ଓ ରାଜ୍ୟ ଦକ୍ଷ ମାନବ ସମ୍ବଳ ଗଢ଼ିବା ଉପରେ ଗୁରୁତ୍ୱ ଦେଉଛି, ଅନ୍ୟପଟେ ଦକ୍ଷତା ଶିକ୍ଷାର ଏକ ପ୍ରମୁଖ କେନ୍ଦ୍ରରେ ଝିଅମାନଙ୍କ ଅଂଶଗ୍ରହଣ କମିବା ନିଶ୍ଚିତ ଭାବେ ଚିନ୍ତାର ବିଷୟ । ଯେଉଁ ଅନୁଷ୍ଠାନ ଦିନେ ଝିଅମାନଙ୍କୁ ଦକ୍ଷତା ଶିକ୍ଷାର ସ୍ୱପ୍ନ ଦେଖାଇଥିଲା ସେହି ଅନୁଷ୍ଠାନରେ ଏବେ ଝିଅଙ୍କ ସଂଖ୍ୟା କମିବା ଦକ୍ଷତା ବିକାଶର ଭବିଷ୍ୟତ ନେଇ ନୂଆ ପ୍ରଶ୍ନ ଉଠିଛି ।

# ବଡ଼ ଧରଣର ଡକାୟତି ଉଦ୍ୟମ ପଣ୍ଡ:୪ ଗିରଫ

କଟକ, ନ୍ୟୁଜ୍ ବ୍ୟୁରୋ



କଟକରେ ବଡ଼ ଧରଣର ଡକାୟତି ଯୋଜନା ପଣ୍ଡ ହୋଇଛି । ଚାଉଳିଆଗଞ୍ଜ ଓଏମ୍‌ପି ଛକ ସ୍ଥିତ ଲାଇଟ୍ ହାଉସ୍ ପାଖରୁ ଧରାପଡ଼ିଛନ୍ତି ୪ ଆନ୍ତଃଜିଲ୍ଲା ଡକାୟତ ଦଳ । ସେମାନଙ୍କ ମଧ୍ୟରୁ ଜଣେ ଖସି ଯିବାକୁ ସକ୍ଷମ ହୋଇଛି । ଏହି ଡକାୟତି ଦଳ ଚାଉଳିଆଗଞ୍ଜ ପେଟ୍ରୋଲ ପମ୍ପରେ ଲୁଟ୍ କରିଥାନ୍ତେ । ଏମାନଙ୍କ ଠାରୁ କାର, ଲଙ୍କାଗୁଣ୍ଡ ସହ ଶାବଳ ଓ ଅନ୍ୟାନ୍ୟ ମାରଣାସ୍ତ୍ର ଜବତ କରାଯାଇଛି । ସୂଚନା ମୁତାବକ, ଚାଉଳିଆଗଞ୍ଜ ପୋଲିସ କର୍ମଚାରୀମାନେ ଓଏମ୍‌ପି ଛକରେ ରୁଟିନ୍ କରୁଥିବା ସମୟରେ, ଏକ ବେଶେଷ ସୂଚନା ମିଳିଥିଲା ଯେ ଏକ ଧଳା ରଙ୍ଗର ମାରୁତି ସୁଜୁକି ସ୍ୱିଫ୍ଟ କାରରେ ଯାତ୍ରା କରୁଥିବା ୪-୫ ଜଣ ଅସାମାଜିକ ବ୍ୟକ୍ତି ଚାଉଳିଆଗଞ୍ଜର ଲାଇଟ୍‌ହାଉସ୍ ନିକଟସ୍ଥ ଏକ ଅଞ୍ଚଳରେ ଏକତ୍ରିତ ହୋଇଛନ୍ତି ଏବଂ ନିକଟସ୍ଥ ଏକ ପେଟ୍ରୋଲ ପମ୍ପରେ ଡକାୟତି କରିବା ପାଇଁ ପ୍ରସ୍ତୁତି କରୁଛନ୍ତି । ସୂଚନା ପାଇ ଚାଉଳିଆଗଞ୍ଜ ପୋଲିସ ତୁରନ୍ତ ଚାଉଳିଆଗଞ୍ଜର ଲାଇଟ୍‌ହାଉସ୍ ନିକଟସ୍ଥ ଅଞ୍ଚଳରେ ଚଢ଼ଉ କରିଥିଲା ଏବଂ ଚାରି ଜଣଙ୍କୁ ଗିରଫ କରିଥିଲା, ଯେଉଁମାନେ NH-55 (କଟକ-ପାରାଦୀପ ରୋଡ଼) ପାର୍ଶ୍ୱରେ ଥିବା ଚାଉଳିଆଗଞ୍ଜ ପେଟ୍ରୋଲ ପମ୍ପରେ ଡକାୟତି କରିବା ପାଇଁ ସେମାନଙ୍କ ସହଯୋଗୀମାନଙ୍କ ସହିତ ପ୍ରସ୍ତୁତ ହେଉଥିଲେ । ପରେ ପଚରା ସମୟରେ ଜଣାପଡିଲା ଯେ ଗିରଫ ବ୍ୟକ୍ତିମାନେ ଅନେକ ଚୋରି ଏବଂ ଡକାୟତି ମାମଲାରେ ଜଡିତ ଅଛନ୍ତି । ସେମାନେ ଯୋଜନାବଦ୍ଧ ଡକାୟତି କରିବା ପାଇଁ ମାରାତ୍ମକ ଅସ୍ତ୍ରଶସ୍ତ୍ର ଧରି କଟକ ଆସିଥିଲେ । ସେମାନଙ୍କ ନିକଟରୁ ୨ଟି କଟୁରୀ, ୫ଟି ବିଅର ବୋତଲ, ଲଙ୍କା ଗୁଣ୍ଡ, ୨ଟି ଧାରୁଆ ଛୁରୀ ସମେତ ଧଳା ରଙ୍ଗର ସ୍ୱିଫ୍ଟ କାର୍ ଜବତ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ଖୋର୍ଦ୍ଧା ଜଟଣୀ ଅଞ୍ଚଳର ଏମ୍‌ଡି ଅରବାଜ (୨୫), ଏସ୍‌କେ ମନୋହର (୨୬), ଏସ୍‌କେ ସମାମ (୨୮) ଓ ଗଣେଶ ଦାସ (୨୩) । ଏମାନଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ୧୦ ରୁ ଅଧିକ ଅପରାଧିକ ମାମଲା ଥିବା ଜଣାପଡିଛି । ଅଭିଯୁକ୍ତ ମାନଙ୍କୁ ୨୬.୦୮.୨୦୨୬ ତାରିଖରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ।

# ସୁନା, ରୁପା ଦର ବୃଦ୍ଧି ରୋକିବାକୁ ମାଷ୍ଟର ପ୍ଲାନ:ହ୍ରାସ ହେବ ଆମଦାନୀ ଶୁଳ୍କ

ନୂଆଦିଲ୍ଲୀ, ନ୍ୟୁଜ୍ ବ୍ୟୁରୋ

ଦେଶରେ ବଢ଼ିଚାଲିଥିବା ସୁନା ଓ ରୁପା ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା ଲାଗି କେନ୍ଦ୍ର ସରକାର ଏକ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିଛନ୍ତି । ଯୋଜନାନୁଯାୟୀ ସୁନା ଏବଂ ରୁପା ଉପରେ ଆମଦାନୀ ଶୁଳ୍କ ହ୍ରାସ ନେଇ ସରକାର ବିଚାର କରୁଛନ୍ତି । ଅଧିକ ସୀମା ଶୁଳ୍କ ଅଣ-ଆନୁଷ୍ଠାନିକ ଚ୍ୟାନେଲ ମାଧ୍ୟମରେ ଚୋରା ଚାଲାଣ ବୃଦ୍ଧି କରିଛି । ସରକାର ଏହାକୁ ବନ୍ଦ କରିବାକୁ ଚାହୁଁଛନ୍ତି । ଲକ୍ଷ୍ୟ ହେଉଛି ସୁନାର ଆମଦାନୀ ଶୁଳ୍କ ହାର ହ୍ରାସ କରି ଚୋରା ଚାଲାଣକୁ ନିରୁତ୍ସାହିତ କରିବା ଏବଂ ବ୍ୟବସାୟୀମାନଙ୍କୁ ଆଇନଗତ ମାଧ୍ୟମରେ ଆନୁଷ୍ଠାନିକ ଭାବରେ ଆମଦାନୀ କରିବାକୁ ଉତ୍ସାହିତ କରିବା, ଯାହାଦ୍ୱାରା ସରକାର ଆଉ ରାଜସ୍ୱ କ୍ଷତି ସହିବେନାହିଁ । ହେଲେ ଜଣେ ସରକାରୀ ଅଧିକାରୀ କହିଛନ୍ତି ଯେ ଶୁଳ୍କ ହ୍ରାସ କରିବା ବିଷୟରେ ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନିଆଯାଇନାହିଁ । ସୂତ୍ର ଅନୁଯାୟୀ, ସୁନା, ରୁପା ଏବଂ ଅଳଙ୍କାର ବ୍ୟବସାୟୀଙ୍କ ସମେତ ଶିଳ୍ପ ପ୍ରତିନିଧିମାନେ ଆମଦାନୀ ଶୁଳ୍କ ବର୍ତ୍ତମାନର ୧୫%ରୁ ୬%କୁ ହ୍ରାସ କରିବାକୁ ଦାବି କରୁଛନ୍ତି । ସୁନା ଆମଦାନୀ ହ୍ରାସ କରିବା ଏବଂ ଦେଶର ଡଲାର ଭଣ୍ଡାର ସଂରକ୍ଷଣ କରିବା ପାଇଁ ଚଳିତବର୍ଷ ମେ ୧୩ରେ ସରକାର ଆମଦାନୀ ଶୁଳ୍କ ବୃଦ୍ଧି କରିଥିଲେ । ଭାରତ ବିଶ୍ୱର ଅନ୍ୟତମ ବୃହତ୍ ସୁନା ଆମଦାନୀକାରୀ । ଦେଶ ବାର୍ଷିକ ପ୍ରାୟ ୭୦୦-୮୦୦ଟନ୍ ସୁନା ଆମଦାନୀ କରିଥାଏ । ଭାରତ ମଧ୍ୟ ୟୁଏଇ, ଓଲାଣ୍ଡ ଏବଂ ସିଙ୍ଗାପୁର ଭଳି ଦେଶକୁ ସୁନା ଅଳଙ୍କାର ରପ୍ତାନୀ କରିଥାଏ । ଶୁଳ୍କ ବୃଦ୍ଧି ପୂର୍ବରୁ ୨୦୨୬ ଏପ୍ରିଲରେ ସୁନା ଆମଦାନୀ ବର୍ଷକୁ ବର୍ଷ ପ୍ରାୟ ୮୨ ପ୍ରତିଶତ ବୃଦ୍ଧି ପାଇଥିଲା । ସୁନା ଆମଦାନୀରେ ଏହି ବୃଦ୍ଧି ଚିନ୍ତାର କାରଣ ଥିଲା । ଅଧିକ ଆମଦାନୀ ଭାରତର ବିଦେଶିକ ମୁଦ୍ରା ଭଣ୍ଡାର ଉପରେ ଚାପ ପକାଇଥିଲା ।

# ସାଧା ପୋଷାକରେ ଆସି ଦୁଇ ଯୁବକଙ୍କୁ ଉଠାଇ ନେଲେ:ଥାନାରେ ଅଭିଯୋଗ

ରାଇଘର, ନ୍ୟୁଜ୍ ବ୍ୟୁରୋ



ନବରଙ୍ଗପୁର ଜିଲ୍ଲା ସନପୁର ଡିଏନ୍‌କେ ଗ୍ରାମରେ ସାଧା ପୋଷାକରେ ଆସି ଦୁଇଜଣ ଯୁବକଙ୍କୁ ଉଠାଇ ନେବାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି । ଘଟଣାକୁ ନେଇ ଗ୍ରାମବାସୀଙ୍କ ପକ୍ଷରୁ ବନ ବିଭାଗର କିଛି ଅଧିକାରୀଙ୍କ ବିରୋଧରେ ଥାନାରେ ଅଭିଯୋଗ ଦିଆଯାଇଥିବା ଜଣାପଡ଼ିଛି । ମିଳିଥିବା ସୂଚନା ଅନୁସାରେ, ସନପୁର ଡିଏନ୍‌କେ ଗ୍ରାମର ଦୁଇଜଣଙ୍କୁ କାଠ ମାଫିଆ ସହ ସମ୍ପୃକ୍ତ ଥିବା ସନ୍ଦେହରେ ବନ ବିଭାଗର ଦୁଇଜଣ ଅଧିକାରୀ ସାଧା ପୋଷାକରେ ଆସି ଉଠାଇନେଇଥିବା ଅଭିଯୋଗ ହୋଇଛି । ପରେ ସେମାନଙ୍କୁ ଅଧା ରାସ୍ତାରେ ଛାଡ଼ି ଦିଆଯାଇଥିବା ମଧ୍ୟ ଅଭିଯୋଗରେ ଦର୍ଶାଯାଇଛି । ଘଟଣା ଜଣାପଡ଼ିବା ପରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଏନେଇ ବନ ବିଭାଗ ଅଧିକାରୀଙ୍କ ବିରୋଧରେ ଥାନାରେ ମାମଲା ରୁଜୁ ପାଇଁ ଅଭିଯୋଗ କରାଯାଇଥିବା ଜଣାପଡ଼ିଛି । ତେବେ ଦୁଇଜଣଙ୍କୁ କେଉଁ ପରିସ୍ଥିତିରେ ଉଠାଇ ନିଆଯାଇଥିଲା, ସେମାନଙ୍କୁ କାହିଁକି ଅଧା ରାସ୍ତାରେ ଛାଡ଼ାଗଲା ଏବଂ ଏହି ଘଟଣାରେ ବନ ବିଭାଗର ଅଧିକାରୀଙ୍କ ଭୂମିକା କ'ଣ ଥିଲା, ତାହା ତଦନ୍ତ ପରେ ସ୍ପଷ୍ଟ ହେବ । ଘଟଣାକୁ ନେଇ ପୋଲିସ ଓ ବନ ବିଭାଗ ପକ୍ଷରୁ ତଦନ୍ତ କରାଯାଉଥିବା ସୂଚନା ମିଳିଛି ।

# କାର୍ଯ୍ୟରେ ଅବହେଳା ପାଇଁ ୨ ପୋଲିସ କର୍ମଚାରୀ ନିଲମ୍ବିତ

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ବୌଦ୍ଧରେ କାର୍ଯ୍ୟରେ ଅବହେଳା ଅଭିଯୋଗରେ ଜଣେ ପୋଲିସ ସବ୍ ଇନ୍ସପେକ୍ଟର ଓ ଜଣେ କନେଷ୍ଟବଳ ପୃଥକ୍ ପୃଥକ୍ ମାମଲାରେ ଆରକ୍ଷୀ ଅଧୀକ୍ଷକ କୁଲଦୀପ ମୀନା ନିଲମ୍ବିତ କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ବୌଦ୍ଧ ରିଜର୍ଭରେ କାର୍ଯ୍ୟରତ ସବ୍‌ଇନ୍ସପେକ୍ଟର ଚନ୍ଦନ ଜେନା ନିଲମ୍ବିତ ହୋଇଥିବାବେଳେ ମନମୁଣ୍ଡା ଥାନାର କନେଷ୍ଟବଳ ଯଶମୋହନ ମାଝୀ ଅଭିଯୁକ୍ତଙ୍କ ଠାରୁ ଜବତ ଜିନିଷ ହେର୍‌ଫେର୍ ଅଭିଯୋଗରେ ନିଲମ୍ବିତ ହୋଇଥିବା ସୂଚନା ମିଳିଛି । ସବ୍ ଇନ୍ସପେକ୍ଟର ଚନ୍ଦନ ଜେନା ଗଞ୍ଜେଇ ଚାଲାଣରେ ପୋଲିସର ସମ୍ପୃକ୍ତି ନେଇ ବିଭିନ୍ନ ଗଣମାଧ୍ୟମରେ ଭାଇରାଲ୍ ହେଉଥିବା କଲ୍ ରେକର୍ଡରେ ମଧ୍ୟ ସମ୍ପୃକ୍ତ ଥିଲେ । ଆରକ୍ଷୀ ଅଧୀକ୍ଷକଙ୍କ ଏଭଳି କାର୍ଯ୍ୟାନୁଷ୍ଠାନ ପୋଲିସ ମହଲରେ କୋକୁଆ ଭୟ ସୃଷ୍ଟି କରିଛି ।

# ସରକାରୀ ଅର୍ଥ ହେର୍‌ଫେର୍ ଅଭିଯୋଗ:ପୂର୍ବତନ ଭାରପ୍ରାପ୍ତ ଅଧ୍ୟକ୍ଷ ଗିରଫ

କଟକ, ନ୍ୟୁଜ୍ ବ୍ୟୁରୋ

ଶିକ୍ଷାନୁଷ୍ଠାନରେ ସରକାରୀ ପାଣ୍ଠି ହେର୍‌ଫେର୍ ଅଭିଯୋଗରେ ବଡ଼ କାର୍ଯ୍ୟାନୁଷ୍ଠାନ ନେଇଛି ଓଡ଼ିଶା ଭିଜିଲାନ୍ସ । ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବ୍ଲକ୍ ଅନ୍ତର୍ଗତ ଲଇଡା ସ୍ଥିତ ଦୂତିକା ସାହୁ କଲେଜର ପୂର୍ବତନ ଭାରପ୍ରାପ୍ତ ଅଧ୍ୟକ୍ଷ ତଥା ବର୍ତ୍ତମାନର ରାଜନୀତି ବିଜ୍ଞାନ ଅଧ୍ୟାପକ ଡ. ବସନ୍ତ କୁମାର ନାୟକଙ୍କୁ ଭିଜିଲାନ୍ସ ଗିରଫ କରିଛି । ତାଙ୍କ ବିରୋଧରେ ୭୩ ଲକ୍ଷ ୪୪ ହଜାର ୯୫୦ ଟଙ୍କା ସରକାରୀ ପାଣ୍ଠି ହେର୍‌ଫେର୍ ଅଭିଯୋଗ ରହିଛି । ଭିଜିଲାନ୍ସର ତଦନ୍ତ ଅନୁଯାୟୀ, ଡ. ନାୟକ ୨୦୧୯-୨୦ରୁ ୨୦୨୪-୨୫ ଆର୍ଥିକ ବର୍ଷ ମଧ୍ୟରେ ଭାରପ୍ରାପ୍ତ ଅଧ୍ୟକ୍ଷ ଦାୟିତ୍ୱରେ ଥିବା ସମୟରେ କଲେଜ ଭିତ୍ତିଭୂମି ବିକାଶ ପାଇଁ ମିଳିଥିବା ସରକାରୀ ପାଣ୍ଠିରେ ଅନିୟମିତତା କରିଥିଲେ । ଭିଜିଲାନ୍ସ ତଦନ୍ତରେ ଅଭିଯୋଗ ହୋଇଛି ଯେ, ବାସ୍ତବରେ ଆବଶ୍ୟକ ଭୌତିକ ବିକାଶମୂଳକ କାର୍ଯ୍ୟ ନକରି ପାଣ୍ଠି ଆତ୍ମସାତ୍ କରାଯାଇଥିଲା । ଏହାସହ ମିଥ୍ୟା ବିଲ୍ ପ୍ରସ୍ତୁତ କରିବା, ମଞ୍ଜୁର ହୋଇଥିବା ପାଣ୍ଠି ବିନିମୟରେ ଆବଶ୍ୟକ ସଂସ୍ଥାଗତ ଉପକରଣ ନକିଣିବା ଭଳି ଅଭିଯୋଗ ମଧ୍ୟ ରହିଛି । ଅଟୋମେସନ୍ ଓ ଡିଜିଟାଲ୍ ମ୍ୟାନେଜ୍‌ମେଣ୍ଟ ସଫ୍ଟୱେର୍ କାର୍ଯ୍ୟାନ୍ୱୟନ ନାମରେ ମଧ୍ୟ ସରକାରୀ ଅନୁଦାନକୁ ଅନ୍ୟତ୍ର ବ୍ୟବହାର କରାଯାଇଥିବା ଭିଜିଲାନ୍ସ ତଦନ୍ତରେ ଜଣାପଡ଼ିଥିବା କୁହାଯାଇଛି । ଏହି ଘଟଣାରେ ଡ. ନାୟକଙ୍କ ବିରୋଧରେ ସମ୍ବଲପୁର ଭିଜିଲାନ୍ସ ଥାନାରେ କେସ୍ ନମ୍ବର ୧୩/୨୦୨୬ ରୁଜୁ ହୋଇଛି । ତାଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା (BNS), ୨୦୨୩ର ସମ୍ପୃକ୍ତ ଧାରା ସହ ଦୁର୍ନୀତି ନିବାରଣ ଆଇନ୍‌ର ଧାରା ଲାଗୁ କରାଯାଇଛି ।

# ଚୌଦ୍ୱାର ମହାବିଦ୍ୟାଳୟରେ ଅଧ୍ୟାପକ-କର୍ମଚାରୀ ପଦବୀ ଖାଲି:ଶିକ୍ଷାଦାନରେ ବାଧା

ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ

ଚୌଦ୍ୱାର ମହାବିଦ୍ୟାଳୟରେ ଦୀର୍ଘଦିନ ଧରି ବିଭିନ୍ନ ଅଧ୍ୟାପକ ଓ ଅଣ ଶିକ୍ଷକ ପଦବୀ ଖାଲିପଡ଼ିଥିବାରୁ ଶିକ୍ଷାଦାନ କ୍ଷେତ୍ରରେ ଅଚଳ ଅବସ୍ଥା ସୃଷ୍ଟି ହେବାସହ ଛାତ୍ରଛାତ୍ରୀ ମାନଙ୍କର ଭବିଷ୍ୟତ ଅନ୍ଧକାର ଭିତରକୁ ଠେଲି ହୋଇଯାଉଥିବା ଚୌଦ୍ୱାର କଂଗ୍ରେସ କମିଟି ପକ୍ଷରୁ ଅଭିଯୋଗ କରାଯାଇଛି । ଏନେଇ ଚୌଦ୍ୱାର ନଗର କଂଗ୍ରେସ ସଭାପତି ହରିହର ପରିଡ଼ାଙ୍କ ନେତୃତ୍ୱରେ ଦଳର ଏକ ପ୍ରତିନିଧି ମଣ୍ଡଳୀ କଟକ ସଦର ଉପଜିଲ୍ଲାପାଳ ତଥା ଚୌଦ୍ୱାର ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତିଙ୍କୁ ଭେଟି ଏକ ଲିଖିତ ଅଭିଯୋଗପତ୍ର ପ୍ରଦାନ କରାଯାଇଛି । ମହାବିଦ୍ୟାଳୟର ଜୁଲୋଜି ଓ ଫିଜିକ୍ସ ବିଭାଗରେ ୨ଟି ଲେଖାଏଁ ଅଧ୍ୟାପକ ପଦବୀ ଥିବାବେଳେ ବର୍ତ୍ତମାନ ଏହି ବିଭାଗ ଗୁଡ଼ିକରେ ଆବଶ୍ୟକ ସଂଖ୍ୟକ ଅଧ୍ୟାପକ ନଥିବାରୁ ଶିକ୍ଷାଦାନ ପ୍ରଭାବିତ ହେଉଛି । ଅନ୍ୟ ବିଭାଗ ଗୁଡ଼ିକରେ ମଧ୍ୟ ଅଧ୍ୟାପକ ଓ କର୍ମଚାରୀଙ୍କ ଅଭାବ ରହିଥିବା ଦାବି କରାଯାଇଛି । ଏହାସହିତ ଚୌଦ୍ୱାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଚୌଦ୍ୱାର ଡିଗ୍ରୀ ମହାବିଦ୍ୟାଳୟ ଗୋଟିଏ ପରିସରରେ ଏକାଠି ଚାଲୁଥିବାବେଳେ ଜଣେ ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତି କରାଯାଉନଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ କରାଯାଇଛି । ପଦବୀ ଗୁଡ଼ିକ ଖାଲିପଡ଼ିଥିବାରୁ ଛାତ୍ରଛାତ୍ରୀମାନେ ଶିକ୍ଷାପ୍ରାପ୍ତିରୁ ବଞ୍ଚିତ ହେଉଛନ୍ତି । ମହାବିଦ୍ୟାଳୟରେ ଖାଲିପଡ଼ିଥିବା ସମସ୍ତ ପଦବୀ ତୁରନ୍ତ ପୂରଣ କରିବା ସହ ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତି ପାଇଁ ଚୌଦ୍ୱାର କଂଗ୍ରେସ କମିଟି ତରଫରୁ ଦାବି କରାଯାଇଛି । ପିସିସି ସଦସ୍ୟ ରାଜୀବ ମହାନ୍ତି, ବିଜୟ ବେହେରା, ସୁବାସ ଚନ୍ଦ୍ର ଦଳାଇ, ମୋନାଲିସା ଦାଶ, ଗୀତିକା ସ୍ୱାଇଁ, ଅଜୟ ଦାସ, ସଙ୍ଗୀତା ସ୍ୱାଇଁ, ଅନୁସୟା ସାମଲ, ଶ୍ରୀମନ୍ତ ବେହେରା, ଅଂଶୁମାନ ପ୍ରଧାନ ପ୍ରମୁଖ ପ୍ରତିନିଧି ମଣ୍ଡଳୀରେ ସାମିଲ୍ ହୋଇଥିଲେ ।

# ଶୁଷ୍କ ବଲ୍କ କାର୍ଗୋ ପରିଚାଳନା ପାଇଁ ପିପିଏ ପକ୍ଷରୁ 'ଏଏମ୍/ଏନ୍‌ଏସ୍ ଇଣ୍ଡିଆ' ପୁରସ୍କୃତ

ପାରାଦୀପ, ନ୍ୟୁଜ୍ ବ୍ୟୁରୋ




ଇନ୍ଧନ ସଂରକ୍ଷଣକାରୀ, ମିତବ୍ୟୟୀ ଏବଂ ପରିବେଶ ଅନୁକୂଳ ପରିବହନ ପଦ୍ଧତି ଭାବରେ ଉପକୂଳ ଜାହାଜ ଚଳାଚଳକୁ ପ୍ରୋତ୍ସାହିତ କରିବା ପାଇଁ ଭାରତ ସରକାରଙ୍କ ନୀତି ସହିତ ସମନ୍ୱୟ ରଖି, ପାରାଦୀପ ବନ୍ଦର କର୍ତ୍ତୃପକ୍ଷ (PPA) ୧୦ MTPA କ୍ଷମତାର କ୍ୟାପଟିଭ୍ ଆଧାରରେ ଶୁଷ୍କ ବଲ୍କ କାର୍ଗୋ ପରିଚାଳନା ପାଇଁ CQ III ବର୍ଥର ଯାନ୍ତ୍ରିକୀକରଣ ପାଇଁ AMNS ପାରାଦୀପ ଲଜିଷ୍ଟିକ୍ସ ପ୍ରାଇଭେଟ୍ ଲିମିଟେଡ୍ (APLPL), AMNS ପାରାଦୀପ ଲଜିଷ୍ଟିକ୍ସ ପ୍ରାଇଭେଟ୍ ଲିମିଟେଡ୍ (APLPL)କୁ ଆନୁଷ୍ଠାନିକ ଭାବରେ ରିହାତି ପ୍ରଦାନ କରିଛନ୍ତି । ଭାରତ ସରକାରଙ୍କ ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ପାରାଦୀପର ବିଜୁ କନ୍‌ଭେନ୍‌ସନ୍‌ରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ AM/NS ଇଣ୍ଡିଆର କର୍ପୋରେଟ୍ ବ୍ୟାପାର ମୁଖ୍ୟ ଦୀପକ ଆରୋରାଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ । ୩୦ ବର୍ଷ ପାଇଁ ପ୍ରଦାନ କରାଯାଇଥିବା ଏହି ରିହାତି, ନିର୍ବିଘ୍ନ କାର୍ଗୋ ପରିବହନକୁ ସୁନିଶ୍ଚିତ କରିବ, AM/NS ଇଣ୍ଡିଆର କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି କରିବ ଏବଂ ପରିବେଶଗତ ସ୍ଥିରତା ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ସୁଦୃଢ଼ କରିବ । ଏହି ବ୍ୟବସ୍ଥା APLPLକୁ AM/NS ଇଣ୍ଡିଆର ପେଲେଟ୍ ପ୍ଲାଣ୍ଟ କମ୍ପ୍ଲେକ୍ସରୁ PPA ବର୍ଥକୁ ସିଧାସଳଖ ସଂଯୁକ୍ତ ଏକ ସମ୍ପୂର୍ଣ୍ଣ ଯାନ୍ତ୍ରିକ କନ୍‌ଭେୟର ସିଷ୍ଟମ୍ ମାଧ୍ୟମରେ ଲୁହା ପଥର ପେଲେଟ୍ ପରିବହନ ପରିଚାଳନା କରିବାକୁ ସକ୍ଷମ କରିବ । AM/NS ଇଣ୍ଡିଆ ଦ୍ୱାରା ପାରାଦୀପରୁ ହାଜିରାକୁ ଲୁହା ପଥର ପେଲେଟ୍‌ର ଉପକୂଳ ପରିବହନ ହେଉଛି ପରିବହନର ଏକ ପ୍ରତିଷ୍ଠିତ ପରିବେଶଗତ ସ୍ଥାୟୀ ପଦ୍ଧତି । CQ III ବର୍ଥର କ୍ୟାପ୍ଟିଭ୍ ବ୍ୟବହାର କେବଳ AM/NS ଇଣ୍ଡିଆର ଦୀର୍ଘକାଳୀନ ଅଭିବୃଦ୍ଧିକୁ ସମର୍ଥନ କରିବ ନାହିଁ ବରଂ କମ୍ପାନୀର ଦୃଢ଼ ଏବଂ ପରିବେଶ ଅନୁକୂଳ ଯୋଗାଣ ଶୃଙ୍ଖଳ ପାଇପ୍ ଲାଇନ୍‌ରେ ଏକ ଗୁରୁତ୍ୱପୂର୍ଣ୍ଣ ସଂଯୋଗ ଭାବରେ କାର୍ଯ୍ୟ କରିବ । ଲଜିଷ୍ଟିକ୍ସ କ୍ଷମତାକୁ ସୁଦୃଢ଼ କରିବା ଏବଂ ବନ୍ଦର କାର୍ଯ୍ୟକୁ ଆଧୁନିକୀକରଣ କରିବା ପାଇଁ AM/NS ଇଣ୍ଡିଆର ଯାତ୍ରାରେ ଏହି ପୁରସ୍କାର ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ । ଏହା ପାରାଦୀପକୁ ଏକ ବିଶ୍ୱ ସାମୁଦ୍ରିକ ପ୍ରବେଶପଥରେ ପରିଣତ କରିବାରେ AM/NS ଇଣ୍ଡିଆର କାର୍ଯ୍ୟକ୍ଷମ ଉତ୍କର୍ଷତା, ନବସୃଜନ ଏବଂ ସହଭାଗୀତା ପ୍ରତି ପ୍ରତିବଦ୍ଧତାକୁ ପୁନଃନିର୍ମାଣ କରେ । ଏହି ଅବସରରେ, ସମ୍ପଦ ଚନ୍ଦ୍ର ସ୍ୱାଇଁ, ରାଜ୍ୟ ମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ), ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ, ଓଡ଼ିଶା ସରକାରଙ୍କ ବିଭୁ ପ୍ରସାଦ ତରାଇ, ଜଗତସିଂପୁରର ସାଂସଦ (ସାଂସଦ), ପି. ଏଲ୍. ହରଣାଧ, ଆଇଆର୍‌ଟିଏସ୍, ଅଧ୍ୟକ୍ଷ, ପାରାଦୀପ ବନ୍ଦର କର୍ତ୍ତୃପକ୍ଷ, ଟି. ଭେଣୁ ଗୋପାଳ, ଉପାଧ୍ୟକ୍ଷ, ପାରାଦୀପ ବନ୍ଦର କର୍ତ୍ତୃପକ୍ଷ, ୟୁ.ଏସ୍.ଆର୍. ରାଜୁ, ମୁଖ୍ୟ - ଓଡ଼ିଶା ଅପରେସନ୍ସ, ଏଏମ୍/ଏନ୍‌ଏସ୍ ଇଣ୍ଡିଆ, ପିପିଏର ବରିଷ୍ଠ ଅଧିକାରୀ ଏବଂ ପାରାଦୀପର ଅନ୍ୟାନ୍ୟ କର୍ପୋରେଟ୍ ନେତାମାନେ ଉପସ୍ଥିତ ଥିଲେ । ଆର୍ସେଲର୍‌ମିଟାଲ୍ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍‌ଏସ୍ ଇଣ୍ଡିଆ) ହେଉଛି ବିଶ୍ୱର ଦୁଇଟି ପ୍ରମୁଖ ଇସ୍ପାତ ଉତ୍ପାଦନ ସଂଗଠନ, ଆର୍ସେଲର ମିତ୍ତଲ ଏବଂ ନିପ୍ପନ୍ ଷ୍ଟିଲ୍ ମଧ୍ୟରେ ଏକ ମିଳିତ ଉଦ୍ୟୋଗ । ଭାରତରେ ଏକ ଅଗ୍ରଣୀ ସମନ୍ୱିତ ଫ୍ଲାଟ୍ କାର୍ବନ୍ ଇସ୍ପାତ ଉତ୍ପାଦକ, କମ୍ପାନୀର ଅତ୍ୟାଧୁନିକ ଡାଉନ୍‌ଷ୍ଟ୍ରିମ୍ ସୁବିଧା ସହିତ ବାର୍ଷିକ ୯ ନିୟୁତ ଟନ୍ ଅଶୋଧିତ ଇସ୍ପାତ କ୍ଷମତା ଅଛି । ଏହା ମୂଲ୍ୟଯୁକ୍ତ ଇସ୍ପାତ ସମେତ ସମ୍ପୂର୍ଣ୍ଣ ବିବିଧ ଫ୍ଲାଟ୍ ଇସ୍ପାତ ଉତ୍ପାଦ ଉତ୍ପାଦନ କରେ ଏବଂ ଏହାର ପେଲେଟ୍ କ୍ଷମତା ୨୦ ନିୟୁତ ଟନ୍ ଅଟେ । ଆର୍ସେଲର୍‌ମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ ବର୍ତ୍ତମାନ ଦେଶର ଏକମାତ୍ର ସମନ୍ୱିତ ଇସ୍ପାତ କମ୍ପାନୀ ଭାବରେ ଠିଆ ହୋଇଛି ଯାହାକୁ ଇସ୍ପାତ ମନ୍ତ୍ରଣାଳୟରୁ ସବୁଜ ଇସ୍ପାତ ପ୍ରମାଣପତ୍ର ମିଳିଛି ।

# ବଳଭଦ୍ରଙ୍କ ଜନ୍ମଦିବସ ଉପଲକ୍ଷେ ୧ ଲକ୍ଷ ତୁଳସୀ ଯାତ୍ରା



କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡ଼ାର ପବିତ୍ର ଗହ୍ମାପୂର୍ଣ୍ଣିମା ତଥା କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ବଳଦେବଜୀଉଙ୍କ ଜନ୍ମଦିବସ ଉପଲକ୍ଷେ ମାଉସୀ ମା' ମନ୍ଦିର ନିକଟରୁ ୧ ଲକ୍ଷ ତୁଳସୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । କଚ୍ଛତରୁ ପ୍ରଶିକ୍ଷଣ କେନ୍ଦ୍ର ପକ୍ଷରୁ ଦିବ୍ୟରଞ୍ଜନ ଦାସଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷମାନେ ୧ ଲକ୍ଷ ତୁଳସୀ ସଂଗ୍ରହ କରି ମାଉସୀ ମା' ମନ୍ଦିର ନିକଟକୁ ଆଣିଥିଲେ । ସେଠାରୁ ଏକ ଶୋଭାଯାତ୍ରାରେ ଭଜନ କୀର୍ତ୍ତନ କରି ଶ୍ରୀ ଜୀଉଙ୍କ ମନ୍ଦିର ନିକଟକୁ ଆଣି ଶ୍ରୀ ଜୀଉଙ୍କ ବଡ଼ ପଣ୍ଡା ମାଧବ ଚନ୍ଦ୍ର ପଣ୍ଡାଙ୍କ ଜିମା ଦେଇଥିଲେ । ଏହି ତୁଳସୀ ଶ୍ରୀ ବଳଦେବଙ୍କ ଜନ୍ମଦିନରେ ତାଙ୍କୁ ଲାଗୁ କରାଯାଇଛି । ସୂଚନା ଯୋଗ୍ୟ ଯେ ଗତବର୍ଷ ଠାରୁ କଚ୍ଛତରୁ ପ୍ରଶିକ୍ଷଣ କେନ୍ଦ୍ର ୧ ଲକ୍ଷ ତୁଳସୀ ଏହି ଦିନ ପାଇଁ ଯୋଗାଇ ଦେଇଆସୁଅଛି ।

# ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର

| | | |
|---|---|---|
| ୧୦ / ୧୧ମ | ୯ | ଶ୍ରୀ / ୭ଚରା |
| ୧୨ବୃ | ୨୪ / ୧୦ | ୬ |
| ଲଗବୁକେ / ୨ଶୁ | ୩ | ୫ / ୪ |

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା୨୮।୦୮।୨୦୨୬, ଭାଦ୍ରବ ଦ୧୨ନ, ଶୁକ୍ରବାର**
**ସୂର୍ଯ୍ୟୋଦୟ- ଘ ୫।୩୧।୧୫ ଚନ୍ଦ୍ରୋଦୟ- ସଂଘ ୬।୧୫।୧୭**
ପୂର୍ଣ୍ଣିମା ଦିଘ ୯।୫୦ ପର୍ଯ୍ୟନ୍ତ, ଶତଭିଷା ନକ୍ଷତ୍ର ରାଘ ୩।୧୫ ପର୍ଯ୍ୟନ୍ତ । କୁମ୍ଭ ଚନ୍ଦ୍ର ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ସିଂହ, କନ୍ୟା, ତୁଳା, ଧନୁ, ମକର, କୁମ୍ଭ ରାଶିର । **ଘାତଚନ୍ଦ୍ର-** ମିଥୁନ ଓ ମୀନ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ପ୍ରତିପଦର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଆମିଷ ଦିଘ ୯।୫୦ ଗତେ ପାଣିକଖାରୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୫ ଗତେ ଦିଘ ୬।୨୫ ମଧ୍ୟେ ଦିଘ ୧୨।୧୪ ଗତେ ଦିଘ ୨।୪୫ ମଧ୍ୟେ । **ପର୍ବୋତ୍ସବ-** ଶ୍ରାବଣ ପୂର୍ଣ୍ଣିମା, ଝୁଲଣ ପୂର୍ଣ୍ଣିମା, ଶ୍ରୀମନ୍ଦିରରେ ବଳଭଦ୍ର ଜନ୍ମ, ରକ୍ଷାଲାଗି ଓ ଶ୍ରୀ ସୁଦର୍ଶନ ଦେବଙ୍କ ଆଶ୍ରମ ବିଜେ ।



**ମେଷ:** ସମସ୍ତ ଦିଗରୁ ଆଜି ଦିନଟି ଅତି ଉତ୍ତମ । କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେବେ । ଆୟ ତୁଳନାରେ ବ୍ୟୟର ପରିମାଣ ବଢ଼ିବ । ଭଲ କହିଲେ ମଧ୍ୟ ସମସ୍ତେ ତାକୁ ଖରାପ ଭାବିବେ । ଗୃହେ ଅଶାନ୍ତି ।



**ବୃଷ:** ବ୍ୟବସାୟରେ ସମସ୍ୟା ଦୂର ହେବ । ଦୂରଯାତ୍ରା କରି ସଫଳତା ଅର୍ଜନ କରିବେ । ଆୟରେ ଉନ୍ନତି ହେବ । ପାରିବାରିକ ଶାନ୍ତି ବଜାୟ ରହିବ । ଅପେକ୍ଷା କରିଥିବା ଖବରଟି ଆଜି ପ୍ରକାଶ ପାଇବ । ମନ ଭଲ ରହିବ ।



**ମିଥୁନ:** ନିର୍ମାଣ କ୍ଷେତ୍ରରେ ଅସମ୍ପୂର୍ଣ୍ଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ । ବିରକ୍ତି ପ୍ରକାଶ ପାଇବ । ମନ ଅସ୍ଥିର ରହିବ । ନିଜର ଇଚ୍ଛା ନଥିଲେ ମଧ୍ୟ ଦୂରକୁ ଯିବେ । ଆୟ ଠାରୁ ବ୍ୟୟର ପରିମାଣ ବଢ଼ିବ ।



**କର୍କଟ:** ମନରେ ସରସତା ରହିବନାହିଁ । ମାଲିମୋକଦ୍ଦମାରେ ସ୍ଥିତି ଅନୁକୂଳ ରହିବ । ପ୍ରତ୍ୟେକ କଥାକୁ ହାଲୁକାରେ ନେବେନାହିଁ । ପ୍ରଶଂସା ଲାଭ କରିବେ । ଆୟ ଓ ବ୍ୟୟ ସମାନ ରହିବ । ଗୃହେ ଆନନ୍ଦ ।



**ସିଂହ:** କର୍ମକ୍ଷେତ୍ରରେ ଏକ ମାମୁଲି ଘଟଣାକୁ ନେଇ କଳହ ସୃଷ୍ଟି ହୋଇପାରେ । ଗୃହକୁ ସୌଖିନ ଜିନିଷ ଆଣିପାରନ୍ତି । ସମ୍ମାନ ପାଇବେ । ଆୟରେ ଉନ୍ନତି ହେବ । ପାରିବାରିକ କଳହ ଦେଖାଦେବାର ସୂଚନା ।



**କନ୍ୟା:** ପରିଶ୍ରମ ତୁଳନାରେ ପାରିଶ୍ରମିକ ମନୋନିତ ହେବନାହିଁ । ପରିବହନ କ୍ଷେତ୍ରରେ ସମସ୍ୟା ଦୂରେଇ ଯିବ । ଆତ୍ମୀୟମାନେ ଶତ୍ରୁତା ଆଚରଣ କରିବେ । ପର ପାଇଁ ହଇରାଣ ହେବେ । ଘରେ ଆନନ୍ଦ ଓ ଶାନ୍ତି ଲାଭ କରିବେ ।



**ତୁଳା:** କର୍ମକ୍ଷେତ୍ରରେ ସମ୍ମାନ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ । ମାନସିକ ଅବସ୍ଥା ଖରାପ ରହିବ । ପାରିବାରିକ ସମସ୍ୟାର ସମାଧାନ ହେବ । ବନ୍ଧୁ ଦର୍ଶନ ଲାଭ କରିବେ । ଆର୍ଥିକ ସ୍ଥିତି ଭଲ ରହିବାର ସୂଚନା ।



**ବିଛା:** ରୋଜଗାର ମଧ୍ୟମ ହେବ । ସମସ୍ତଙ୍କ ପ୍ରିୟ ପାତ୍ର ହେବେ । ପରିବାରରେ ଶାନ୍ତି ଲାଗି ରହିବ । ଯାନ୍ତ୍ରିକ ତ୍ରୁଟି ହେତୁ ଲକ୍ଷ୍ୟ ସ୍ଥଳରେ ବିଳମ୍ବରେ ପହଞ୍ଚିବେ । କାମରେ ସୁବିଧା ନହେବାରୁ ମନ ଭଲ ରହିବନାହିଁ ।



**ଧନୁ:** ପ୍ରତିଯୋଗିତାରେ ସଫଳତା ପାଇବେ । ସୌଖୀନ ଦ୍ରବ୍ୟ କ୍ରୟ କରିବେ । ଭାବୁଥିବା କାର୍ଯ୍ୟରେ ସଫଳତା ମିଳିବ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ପରିବାରରେ ଶାନ୍ତି ବଜାୟ ରହିବାର ସୂଚନା ।



**ମକର:** ଆଶାବାଦୀ ହୋଇ କାର୍ଯ୍ୟ କରିବେ । କଥାବାର୍ତ୍ତାରେ ସଂଯମ ନରଖିଲେ ବିବାଦଗ୍ରସ୍ତ ହେବେ । ମାଲିମୋକଦ୍ଦମାରେ ଶୁଭଫଳ ପାଇବେ । ଅପରାହ୍ନେ ଟେନ୍‌ସନ୍ କମିବ । ଭ୍ରମଣ ଯୋଗ । ଆୟ ସ୍ଥିର ରହିବ ।



**କୁମ୍ଭ:** ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହେବ । ପରିବହନରେ ସମସ୍ୟା ଦୂର ହେବ । ବନ୍ଧୁ ମିଳନ ଯୋଗ । ଉତ୍ତମ ଭୋଜନ ପ୍ରାପ୍ତ ହେବ । ରୋଜଗାର ମଧ୍ୟମ ହେବ । ପାରିବାରିକ ଶାନ୍ତି ବଜାୟ ରହିବ ।



**ମୀନ:** ମାନସିକ ସ୍ଥିତି ଭଲ ରହିବନାହିଁ । ଆଜିର ଯାତ୍ରା ସଫଳ ହେବ । କାର୍ଯ୍ୟ ହାନୀ ଘଟିବ । ଖର୍ଚ୍ଚର ପରିମାଣ ବଢ଼ିବ । ଘରେ ଜଞ୍ଜାଳ ଲାଗି ରହିବ । ଦ୍ରବ୍ୟ ନଷ୍ଟ ମଧ୍ୟ ହେବ । କୌଣସି କାର୍ଯ୍ୟରେ ମନ ଲାଗିବନାହିଁ ।

# ବନ୍ୟାଞ୍ଚଳରେ ରିଲିଫ ନାହିଁ:ଫସଲ ଉଜୁଡ଼ିଲା

ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ

ଚଳିତ ବନ୍ୟାରେ ଧର୍ମଶାଳା ବ୍ଲକର ବ୍ୟାପକ ଫସଲ କ୍ଷତି ହୋଇଥିବା ବେଳେ ବହୁ ଗ୍ରାମ ପାଣି ଘେର ମଧ୍ୟରେ ଏବେବି ରହିଛି । ବ୍ରାହ୍ମଣୀ ଓ କେଲୁଆ, ବିରୂପା ଗେଙ୍ଗୁଟି ନଦୀର ବନ୍ୟା ଜଳ ବୃଦ୍ଧି ପାଇବାରୁ ପନିପରିବା ଫସଲ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଛି । ବ୍ଲକ ପକ୍ଷରୁ ପାଣି ଘେରରେ ଥିବା ୧୨ଟି ପଞ୍ଚାୟତର ୩୬ ଗ୍ରାମର ୨୬୨୦ ଲୋକଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଥିବା ବେଳେ ୮ଟି ପଞ୍ଚାୟତର ୨୩ ଗ୍ରାମର ୨୩, ୮୮୫ ବୟସ୍କ ଲୋକଙ୍କୁ ୩ ଦିନ ରିଲିଫ ପାଇଁ ଯାଜପୁର ଜିଲ୍ଲାପାଳ ଓ ସ୍ୱତନ୍ତ୍ର ରିଲିଫ କମିଶନରଙ୍କୁ ସୁପାରିଶ କରାଯାଇଥିବା ବିଡ଼ିଓ ଜ୍ୟୋତ୍ରିମାୟା କର ସୂଚନା ଦେଇଛନ୍ତି । କିନ୍ତୁ ବନ୍ୟାଞ୍ଚଳ ପରିଦର୍ଶନ ପରେ ଧର୍ମଶାଳା ବ୍ଲକର ୧୫ଟି ପଞ୍ଚାୟତର ୪୨ଟି ଗ୍ରାମ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିବା କଂଗ୍ରେସ ନେତା କିଶାନ ପଣ୍ଡା ଅଭିଯୋଗ କରିଛନ୍ତି ।

# ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ
**ତା୨୯।୦୮।୨୦୨୬, ଭାଦ୍ରବ ଦ୧୩ନ, ଶନିବାର**
**ସୂର୍ଯ୍ୟୋଦୟ- ଘ ୫।୩୧।୨୯ ଚନ୍ଦ୍ରୋଦୟ- ସଂଘ ୬।୪୯।୨୭**
ପ୍ରତିପଦ ଦିଘ ୯।୫୯ ପର୍ଯ୍ୟନ୍ତ, ପୂର୍ବଭାଦ୍ର ନକ୍ଷତ୍ର ରାଘ ୩।୪୫ ପର୍ଯ୍ୟନ୍ତ । କୁମ୍ଭ ଚନ୍ଦ୍ର ରାଘ ୯।୩୮ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ସିଂହ, କନ୍ୟା, ବିଛା, ଧନୁ, କୁମ୍ଭ ରାଶିର । ରାଘ ୯।୩୮ ଗତେ ମେଷ, ବୃଷ, ମିଥୁନ, କନ୍ୟା, ତୁଳା, ମକର, ମୀନ ରାଶିର । **ଘାତଚନ୍ଦ୍ର-** ମିଥୁନ ଓ ମୀନ ରାଶିର । ରାଘ ୯।୩୮ ଗତେ ଧନୁ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପାଣିକଖାରୁ ଦିଘ ୯।୫୯ ଗତେ ବୋଇତାଳୁ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୧୬ ଗତେ ଦିଘ ୧।୦୪ ମଧ୍ୟେ । **ପର୍ବୋତ୍ସବ-** ଶ୍ରୀକ୍ଷେତ୍ର ଝୁଲଣ ଯାତ୍ରା ଶେଷ ।





# ଆଧୁନିକ କ୍ରୀଡ଼ା ଇକୋସିଷ୍ଟମ ସୃଷ୍ଟି କରିବା ଲାଗି କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ

**ନୂଆଦିଲ୍ଲୀ, ୨୭।୮**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର କହିଛନ୍ତି ଯେ ଏକବିଂଶ ଶତାବ୍ଦୀର ଏକ ଆଧୁନିକ କ୍ରୀଡ଼ା ଇକୋସିଷ୍ଟମ ସୃଷ୍ଟି କରିବାକୁ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ। ଆଜି ଦେଶରେ କ୍ରୀଡ଼ା ବିଶ୍ୱବିଦ୍ୟାଳୟ ଠାରୁ ଆରମ୍ଭ କରି ଆଧୁନିକ ପ୍ରଶିକ୍ଷଣ କେନ୍ଦ୍ର ପର୍ଯ୍ୟନ୍ତ ଏକ ବ୍ୟବସ୍ଥା ପ୍ରସ୍ତୁତ କରାଯାଉଛି। ଏହି ବ୍ୟବସ୍ଥାରେ ପ୍ରତିଭାର ପରିଚୟ ଦେବା ଠାରୁ ଆରମ୍ଭ କରି ବିଶ୍ୱସ୍ତରରେ ପହଞ୍ଚିବା ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରରେ ସହାୟତା ପ୍ରଦାନ କରାଯିବ।

ସେ କହିଛନ୍ତି ଯେ କ୍ରୀଡ଼ା ବିଜ୍ଞାନ, ଅଭ୍ୟାସ, ପ୍ରଶିକ୍ଷଣ ଏବଂ ଅଭିଜ୍ଞତା ବାଣ୍ଟିବା ପାଇଁ ସରକାର ବିଶ୍ୱର ଅନ୍ୟ ଦେଶଗୁଡ଼ିକ ସହିତ ମଧ୍ୟ ସହଯୋଗ ବୃଦ୍ଧି କରୁଛନ୍ତି। ଏହାକୁ କେତେ ଗମ୍ଭୀରତାର ସହ ନିଆଯାଉଛି ତାହାର ଏକ ଉଦାହରଣ ହେଉଛି 'ଖେଲୋ ଇଣ୍ଡିଆ ବାର୍ତ୍ତାଳାପ'।



ପ୍ରଧାନମନ୍ତ୍ରୀ ଗୁରୁବାର ଭିଡିଓ କନଫରେନ୍ସିଂ ଜରିଆରେ 'ଖେଲୋ ଇଣ୍ଡିଆ ବାର୍ତ୍ତାଳାପ' କୁ ସମ୍ବୋଧିତ କରିଛନ୍ତି। ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ଯୁବକମାନଙ୍କୁ ଭାରତର କ୍ରୀଡ଼ା ଯାତ୍ରା ସହିତ ଯୋଡ଼ିବା, ସେମାନଙ୍କ ଆକାଂକ୍ଷାକୁ ବାଣ୍ଟିବା ଏବଂ ଯୁବ ନେତୃତ୍ୱାଧୀନ ବିକଶିତ ଭାରତ ଗଠନ ଦିଗରେ ସେମାନଙ୍କ ଚିନ୍ତାଧାରାର ଯୋଗଦାନ କରିବା।

ପ୍ରଧାନମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଛନ୍ତି ଯେ ଖେଲୋ ଇଣ୍ଡିଆ ବାର୍ତ୍ତାଳାପ କେବଳ କ୍ରୀଡ଼ା ବିଷୟରେ ଆଲୋଚନା କରିବାର ଏକ କାର୍ଯ୍ୟକ୍ରମ ନୁହେଁ। ଖେଳାଳିଙ୍କ ଚିନ୍ତାଧାରା ଏବଂ ଆକାଂକ୍ଷାକୁ ଦେଶର ସ୍ୱପ୍ନ ସହିତ ଯୋଡ଼ିବା ପାଇଁ ଏହା ଏକ ଉତ୍ତମ ମାଧ୍ୟମ। 'ଆମେ ଅନେକ ସମୟରେ ଶୁଣୁଛୁ ଯେ ଏକ ସୁସ୍ଥ ସମାଜ ପାଇଁ କ୍ରୀଡ଼ା କୌଶଳ ଅପରିହାର୍ଯ୍ୟ। କିନ୍ତୁ ପଡ଼ିଆକୁ ନ ଆସି ଏହାକୁ ବିକଶିତ କରିବା ଅତ୍ୟନ୍ତ କଷ୍ଟକର। କ୍ରୀଡ଼ା ଆମକୁ କେବଳ ଚାମ୍ପିଅନ୍ ହେବା ନୁହେଁ ବରଂ ଭଲ ପ୍ରତିଦ୍ୱନ୍ଦ୍ୱୀ ହେବା ମଧ୍ୟ ଶିଖାଇଥାଏ।

ନରେନ୍ଦ୍ର ମୋଦୀ ସୂଚନା ଦେଇଛନ୍ତି ଯେ ଲାଲକିଲ୍ଲାରୁ ସେ ୫ ରୁ ୧୫ ବର୍ଷ ବୟସର ପିଲାମାନଙ୍କର ପ୍ରତିଭା ଚିହ୍ନଟ କରିବା ପାଇଁ ଏକ ବିଶାଳ ପ୍ରତିଭା ସନ୍ଧାନ ଅଭିଯାନ ଘୋଷଣା କରିଛନ୍ତି। ଆମକୁ କେବଳ ପିଲାମାନେ କେଉଁ ଖେଳ ପ୍ରତି ଆଗ୍ରହୀ ତାହା ଦେଖିବାକୁ ପଡିବ ନାହିଁ ବରଂ କେଉଁ ଖେଳ ସେମାନଙ୍କ ପାଇଁ ସବୁଠାରୁ ଉପଯୁକ୍ତ ତାହା ମଧ୍ୟ ଦେଖିବାକୁ ପଡିବ। ସେହି ଅନୁସାରେ ଆମକୁ ସେମାନଙ୍କୁ ତାଲିମ ଦେବାକୁ ପଡ଼ିବ। ଏହି ପ୍ରସଙ୍ଗରେ ଆପଣଙ୍କୁ ସରକାରଙ୍କ ସମ୍ପୂର୍ଣ୍ଣ ସମର୍ଥନ ମିଳିବ। ଏକବିଂଶ ଶତାବ୍ଦୀ ପାଇଁ ଏକ ଆଧୁନିକ କ୍ରୀଡ଼ା ବ୍ୟବସ୍ଥାର ବିକାଶ ପାଇଁ ଆମ ସରକାର ସମ୍ପୂର୍ଣ୍ଣ ଭାବେ ପ୍ରତିବଦ୍ଧ।




# ୟୁକ୍ରେନ ସଂଘର୍ଷ ଏବଂ ହର୍ମୁଜ ଜଳସନ୍ଧି ଉପରେ ଚର୍ଚ୍ଚା

# ଜର୍ମାନୀ ବୈଦେଶିକ ମନ୍ତ୍ରୀଙ୍କ ସହ ଜୟଶଙ୍କରଙ୍କ ଆଲୋଚନା

**ନୂଆଦିଲ୍ଲୀ, ୨୭।୮**

ବୈଦେଶିକ ମନ୍ତ୍ରୀ ଏସ.ଜୟଶଙ୍କର ଗୁରୁବାର ଜର୍ମାନୀର ନିଜ ପ୍ରତିପକ୍ଷ ଯୋହାନ ୱାଡେଫୁଲଙ୍କ ସହ ଆଲୋଚନା କରିଛନ୍ତି। ଏହି ସମୟରେ ଉଭୟ ନେତା ୟୁକ୍ରେନ ସଂଘର୍ଷ ଏବଂ ଏହାର ବିଶ୍ୱସ୍ତରୀୟ ପ୍ରଭାବ ସହିତ ହର୍ମୁଜ ଜଳସନ୍ଧିର ବର୍ତ୍ତମାନ ସ୍ଥିତି ଉପରେ ବିଚାରବିମର୍ଶ କରିଥିଲେ।

ଜୟଶଙ୍କର ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଆଲୋଚନାର ସୂଚନା ସେୟାର କରି ଏହାକୁ ଉପଯୋଗୀ ସଂଳାପ ବୋଲି କହିଛନ୍ତି। ସେ କହିଛନ୍ତି ଯେ ଉଭୟ ପକ୍ଷ ୟୁକ୍ରେନ ସଂଘର୍ଷ ଏବଂ ଏହାର ବିଶ୍ୱସ୍ତରୀୟ ପ୍ରଭାବ ଉପରେ ମତ ବିନିମୟ କରିଛନ୍ତି। ଏହା ବ୍ୟତୀତ ହର୍ମୁଜ ଜଳସନ୍ଧିର ସ୍ଥିତି ଉପରେ ମଧ୍ୟ ଆଲୋଚନା ହୋଇଛି।

# ସାମୁଦ୍ରିକ ମତ୍ସ୍ୟ ସମ୍ପଦର ମୁଦ୍ରା ମୂଲ୍ୟାଙ୍କନ ପ୍ରକ୍ରିୟା ଆରମ୍ଭ କଲେ କେନ୍ଦ୍ର ସରକାର

**ନୂଆଦିଲ୍ଲୀ, ୨୭।୮**

କେନ୍ଦ୍ର ସରକାର ସାମୁଦ୍ରିକ ମତ୍ସ୍ୟ ସମ୍ପଦକୁ ଜାତୀୟ ହିସାବ ଢାଞ୍ଚାରେ ସାମିଲ କରିବା ପାଇଁ ସେଗୁଡ଼ିକର ମୁଦ୍ରା ସମ୍ପତ୍ତି ହିସାବ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହା ଅଧୀନରେ ମତ୍ସ୍ୟ ସମ୍ପଦର ଭୌତିକ ସ୍ଥିତି, ସମ୍ପତ୍ତିର ଆୟୁ, କ୍ଷୟ, ପୁନର୍ଜନ୍ମ ଏବଂ ମୁଦ୍ରା ମୂଲ୍ୟାଙ୍କନକୁ ଏକୀକୃତ ଢାଞ୍ଚାରେ ଆଣିବା ପାଇଁ ପଦକ୍ଷେପ ନିଆଯାଇଛି।

କେନ୍ଦ୍ରୀୟ ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କ୍ରିୟାନ୍ୱୟନ ମନ୍ତ୍ରଣାଳୟ ଏ ସମ୍ପର୍କରେ ଏକ ଧାରଣା ପତ୍ର ଜାରି କରିଛି। ଏହି ପତ୍ରରେ କୁହାଯାଇଛି ଯେ ଏବେ ସାମୁଦ୍ରିକ ମତ୍ସ୍ୟ ସମ୍ପଦକୁ ଜୈବିକ ସମ୍ପଦ ଏବଂ ଆର୍ଥିକ ସମ୍ପତ୍ତି ଉଭୟ ରୂପରେ ସ୍ୱୀକୃତି ଦିଆଯିବ। ମନ୍ତ୍ରଣାଳୟ ପର୍ଯ୍ୟାୟକ୍ରମେ ହିସାବ ପ୍ରକ୍ରିୟା ଉପସ୍ଥାପନ କରିଛି, ଯେଉଁଥିରେ ଉପଲବ୍ଧ ତଥ୍ୟର ବ୍ୟବହାର କରି ସମ୍ପଦର ସମ୍ପତ୍ତିରେ ପରିବର୍ତ୍ତନକୁ ବୁଝିବା ଏବଂ ସତତ ପରିଚାଳନା ପାଇଁ ପରିସଂଖ୍ୟାନର ଉପଯୋଗିତା ବଢ଼ାଇବା ଉପରେ ଜୋର ଦିଆଯାଇଛି।

ପତ୍ରରେ କୁହାଯାଇଛି ଯେ ଏହି ପଦ୍ଧତି ଏବେ ପରୀକ୍ଷାମୂଳକ ଏବଂ ବର୍ତ୍ତମାନର ତଥ୍ୟ ସୀମାବଦ୍ଧତା କାରଣରୁ ପ୍ରକ୍ସି ଦୃଷ୍ଟିକୋଣ ଉପରେ ଆଧାରିତ। ଏହା ସତ୍ତ୍ୱେ ସରକାର ସମ୍ପଦର ଦୀର୍ଘକାଳୀନ ଉତ୍ପାଦନ କ୍ଷମତା ଏବଂ ମୂଲ୍ୟାଙ୍କନକୁ ବ୍ୟବସ୍ଥିତ ଭାବେ ଆକଳନ କରିବା ଦିଗରେ କାମ ଆରମ୍ଭ କରିଛନ୍ତି।

କେନ୍ଦ୍ର ସରକାର ବିଶେଷଜ୍ଞ, ଗବେଷକ, ସରକାରୀ ଏଜେନ୍ସି ଏବଂ ଅନ୍ତର୍ଜାତୀୟ ସଂଗଠନଗୁଡ଼ିକଠାରୁ ପରାମର୍ଶ ଏବଂ ମତାମତ ମାଗିଛନ୍ତି ଯାହାଦ୍ୱାରା ଏହି ପଦ୍ଧତିକୁ ମାନକୀକୃତ ରୂପ ଦିଆଯାଇପାରିବ। ପ୍ରାପ୍ତ ପ୍ରତିକ୍ରିୟାଗୁଡ଼ିକ ଭାରତର ଜାତୀୟ ହିସାବ ଢାଞ୍ଚାରେ ମତ୍ସ୍ୟ ସମ୍ପଦର ମୁଦ୍ରା ମୂଲ୍ୟାଙ୍କନକୁ ଚୂଡ଼ାନ୍ତ ରୂପ ଦେବାରେ ସହାୟତା କରିବ।

ଏହି ପଦକ୍ଷେପ ଦ୍ୱାରା ଭାରତ ପ୍ରାକୃତିକ ପୁଞ୍ଜି ହିସାବ କ୍ଷେତ୍ରରେ ଉଦୀୟମାନ ଅର୍ଥନୀତିଗୁଡ଼ିକ ମଧ୍ୟରେ ଅଗ୍ରଣୀ ଭୂମିକା ନେଇପାରିବ ଏବଂ ମତ୍ସ୍ୟ ସମ୍ପଦର ସଂରକ୍ଷଣ ଓ ସତତ ବ୍ୟବହାର ପାଇଁ ତଥ୍ୟ ଆଧାରିତ ନୀତି ପ୍ରସ୍ତୁତ କରିବାରେ ସକ୍ଷମ ହେବ।

# କଟକ ଓ ଭୁବନେଶ୍ୱରରେ ଓଡ଼ିଶା ପୋଲିସର ସ୍ୱତନ୍ତ୍ର ପ୍ରବର୍ତ୍ତନ ଅଭିଯାନ

**ଭୁବନେଶ୍ୱର, ୨୭।୮ : ନ୍ୟୁଜ୍ ବ୍ୟୁରୋ**

ମହିଳାଙ୍କ ସୁରକ୍ଷା ଓ ସଂରକ୍ଷଣ, ମହିଳାଙ୍କ ବିରୋଧରେ ଅପରାଧ ରୋକିବା, ସଂଗଠିତ ଅପରାଧର ସିଣ୍ଡିକେଟ୍‌କୁ ଭାଙ୍ଗିବା ସହ ମାଦକଦ୍ରବ୍ୟ ଏବଂ ବେଆଇନ ମଦ ବିରୋଧରେ ନିରନ୍ତର ଅଭିଯାନ ଚଳାଇବା ଓଡ଼ିଶା ପୋଲିସର ପ୍ରମୁଖ ପ୍ରାଥମିକତା ମଧ୍ୟରେ ରହିଛି।

ଏହି ପ୍ରାଥମିକତା ଅନୁଯାୟୀ, ଓଡ଼ିଶା ପୋଲିସ ଡିଜିଙ୍କ ନିର୍ଦ୍ଦେଶରେ ଓଡ଼ିଶା ପୋଲିସ ପକ୍ଷରୁ ୨୬ ଅଗଷ୍ଟ ୨୦୨୬ ରାତିରେ କଟକ ଓ ଭୁବନେଶ୍ୱରରେ ସ୍ୱତନ୍ତ୍ର ପ୍ରବର୍ତ୍ତନ ଅଭିଯାନ ଚଳାଯାଇଥିଲା। ଏହି ଅଭିଯାନ ସମୟରେ ବେଆଇନ ଅସ୍ତ୍ର, ବେଆଇନ ମଦ, ମାଦକଦ୍ରବ୍ୟ, ଅପରାଧିକ କାର୍ଯ୍ୟକଳାପ, ମଦ୍ୟପାନ କରି ଗାଡ଼ି ଚଳାଇବା ଏବଂ ଅନ୍ୟାନ୍ୟ ଟ୍ରାଫିକ୍ ନିୟମ ଉଲ୍ଲଂଘନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ରାତ୍ରିକାଳୀନ ପାଟ୍ରୋଲିଂ ଓ ଯାନବାହନ ଯାଞ୍ଚକୁ ମଧ୍ୟ ତୀବ୍ର କରାଯାଇଥିଲା।

ଏହି ସ୍ୱତନ୍ତ୍ର ଅଭିଯାନ ପାଇଁ ମୋଟ ୩୩୬ ଜଣ କ୍ୟାଡେଟ୍ ସବ୍-ଇନ୍ସପେକ୍ଟରଙ୍କୁ ନିୟୋଜିତ କରାଯାଇଥିଲା। ଏହି ଅଧିକାରୀମାନଙ୍କୁ କ୍ଷେତ୍ରରେ ପ୍ରବର୍ତ୍ତନମୂଳକ କାର୍ଯ୍ୟାନୁଷ୍ଠାନ କରିବା ସହ ପୋଲିସିଂ ଅଭିଯାନର ବ୍ୟବହାରିକ ଅଭିଜ୍ଞତା ହାସଲ କରିବାର ସୁଯୋଗ ମଧ୍ୟ ଦିଆଯାଇଥିଲା।

କଟକରେ ଏହି ଅଭିଯାନ ସମୟରେ ମଦ୍ୟପାନ କରି ଗାଡ଼ି ଚଳାଇବାର ୯୦ଟି ମାମଲା ଧରାପଡ଼ିଥିଲା ଏବଂ ୯୦ଟି ଗାଡ଼ି ଜବତ କରାଯାଇଥିଲା। ଜବତ ଗାଡ଼ି ମଧ୍ୟରେ ୨୧ଟି ଚାରିଚକିଆ ଏବଂ ୬୯ଟି ଦୁଇଚକିଆ ଯାନ ରହିଛି। ଏହା ବ୍ୟତୀତ ଅବକାରୀ ବିଭାଗ ସମ୍ପର୍କିତ ୨ଟି ମାମଲା ରୁଜୁ କରାଯାଇ ୩୫ ଲିଟର ମଦ ଜବତ କରାଯାଇଥିଲା। ମୋଡିଫାଏଡ୍ ସାଇଲେନ୍ସର ବ୍ୟବହାର ସମ୍ପର୍କିତ ୨ଟି ମାମଲା ମଧ୍ୟ ଧରାପଡ଼ିଥିବା ବେଳେ ୪ଟି ମୋବାଇଲ୍ ଫୋନ୍ ଜବତ କରାଯାଇଥିଲା।

# ନେପାଳ ପ୍ରଳୟଙ୍କରୀ ବନ୍ୟା ଖୋର୍ଦ୍ଧାର ଦୁଇ ବସିନ୍ଦା ନିଖୋଜ

**ଭୁବନେଶ୍ୱର, ୨୭।୮**
**ନ୍ୟୁଜ୍ ବ୍ୟୁରୋ**

ନେପାଳରେ ବୁଧବାର ସୃଷ୍ଟି ହୋଇଥିବା ପ୍ରଳୟଙ୍କରୀ ଆକସ୍ମିକ ବନ୍ୟାରେ ଅତିକମରେ ୩୦୦ ଜଣ ଭାରତୀୟ ନାଗରିକଙ୍କ ସମେତ ହଜାର ହଜାର ଲୋକ ନିଖୋଜ ଅଛନ୍ତି। ନେପାଳ ବୈଦେଶିକ ମନ୍ତ୍ରୀ ଶିଶିର ଖାନାଲ୍ ଏହି ସୂଚନା ଦେବା ସହ କହିଛନ୍ତି ଯେ ରସୁୱା ଅଞ୍ଚଳରେ ଘଟିଥିବା ଏହି ଅଘଟଣାର ପ୍ରାଥମିକ ଆକଳନ ଅନୁଯାୟୀ ୧୬୦ ଜଣଙ୍କ ମୃତ୍ୟୁ ଘଟିସାରିଛି। ସୂଚନାଯୋଗ୍ୟ, ଖୋର୍ଦ୍ଧାଜିଲ୍ଲାର ବାସିନ୍ଦା ସନ୍ଦୀପ ମହାପାତ୍ର ଓ ସିଦ୍ଧାର୍ଥୀ କୁମାରୀ ସାହୁ ୨୦୨୬ ଅଗଷ୍ଟ ୨୨ରେ ନେପାଳରେ ପହଞ୍ଚିଥିଲେ। ବର୍ତ୍ତମାନ ସେମାନଙ୍କର ମୋବାଇଲ୍ ଫୋନ୍ ବନ୍ଦ ରହିଛି। କୌଣସି ପ୍ରକାର ଯୋଗାଯୋଗ ହୋଇପାରୁନାହିଁ। ତାଙ୍କ ଭଉଣୀଙ୍କଠାରୁ ସମସ୍ତ ଆବଶ୍ୟକୀୟ ତଥ୍ୟ ସଂଗ୍ରହ କରାଯାଇ ଭାରତ ସରକାରଙ୍କ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ପ୍ରଦାନ କରାଯାଇଛି। ଦମ୍ପତି ୨୦୧୮ରୁ ଅଷ୍ଟ୍ରେଲିଆରେ ବସବାସ କରୁଛନ୍ତି।



32 YEARS
ସମ୍ବାଦ କଳିକା

# ବୀମାରେ ଏଗ୍ରିଷ୍ଟାକ୍ ବାଧ୍ୟତାମୂଳକ କେବଳ ଧାନ ପଞ୍ଜୀକରଣରେ କୋହଳ

ପ୍ରବଳ ବର୍ଷା ଏବଂ ବିନା ବର୍ଷାରେ ଚାଷୀ ହନ୍ତସନ୍ତ। କଷ୍ଟ ସରିବାର ନାଁ ଧରୁନି । ବାରମ୍ବାର ବନ୍ୟା ଆସି ୬ ଜିଲ୍ଲାର ୧ ୨ ଲକ୍ଷ ୮୭ ହଜାର ଚାଷୀ ଅସୁବିଧାରେ ପଡ଼ିଛନ୍ତି । ପୁଣି କେଉଁଠି ଏଲ୍ ନିନୋ ପ୍ରଭାବରେ ଠିକ୍ ଭାବେ ବର୍ଷା ହେଉନଥିବାରୁ ଚାଷ କରିହେଉନି । ଯଦି କିଛି ଜିଲ୍ଲାରେ ଠିକ ଭାବେ ଚାଷ କରିବା ଭଳି ସ୍ଥିତି ରହିଛି ସେଠାରେ ଉଚିତ ଦରରେ ସାର ମିଳିପାରୁନି । ସାରର ହେଉଛି ବ୍ୟାପକ କଳାବଜାରୀ। ତେବେ ଏସବୁକୁ ବଳି ଯାଇଛି ପଞ୍ଜୀକରଣ କଷ୍ଟ । ରାଜ୍ୟରେ ଚାଷୀ ଅସନ୍ତୋଷ ପରେ ଖରିଫ୍ ବେଳେ ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣ ସମୟରେ ଏଗ୍ରିଷ୍ଟାକ୍ ବାଧ୍ୟତାମୂଳକ ହଟାଇଥିଲେ ବି ବୀମା ପଞ୍ଜୀକରଣରେ ବାଧ୍ୟତାମୂଳକ ରହିଛି । ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମଏଫବିୱାଇ) ହେଉ କି ମୁଖ୍ୟମନ୍ତ୍ରୀ ଫସଲ ବୀମା ଯୋଜନା (ସିଏମଏଫବିୱାଇ) । ଉଭୟ ବୀମା ଯୋଜନାରେ ଚାଷୀ ପଞ୍ଜୀକରଣ କରିବା ବେଳେ ଏଗ୍ରିଷ୍ଟାକ୍ ଫାର୍ମର ଆଇଡି ବାଧ୍ୟତାମୂଳକ ବୋଲି ୱେବସାଇଟରେ ସ୍ପଷ୍ଟ ଉଲ୍ଲେଖ କରାଯାଇଛି । ଉଲ୍ଲେଖଯୋଗ୍ୟ, ଚାଷୀ ସିଏମ୍ କିଷାନ ଯୋଜନା ପାଇଁ ପଞ୍ଜୀକରଣ କରିବା ପାଇଁ ଜନସେବା କେନ୍ଦ୍ର କିମ୍ବା ପୋଷ୍ଟ ଅଫିସରେ ଆଧାରଯୁକ୍ତ ଇ-କେୱାଇସି କରିଥିବା ଆବଶ୍ୟକ । ଏହା ସହିତ ଆଧାରଯୁକ୍ତ ବ୍ୟାଙ୍କ ଆକାଉଣ୍ଟ ଥିବା ବାଧ୍ୟତାମୂଳକ। ଯାହା ଦ୍ୱାରା ଚାଷୀ ପ୍ରତ୍ୟକ୍ଷ ଭାବେ ଉଭୟ ପିଏମ ଓ ସିଏମ୍ କିଷାନ ବୀମା ଅର୍ଥ ଅନଲାଇନ୍ ଜରିଆରେ ପାଇପାରିବ । ଏହା ସହିତ ଆବେଦନକାରୀଙ୍କର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଦେଇଥିବା ରାସନ୍ କାର୍ଡ ଥିବା ବାଧ୍ୟତାମୂଳକ । ଏହା ବ୍ୟତୀତ ଚାଷୀଟିଏ ଏଗ୍ରିଷ୍ଟାକ୍ ଫାର୍ମର୍ ରେଜିଷ୍ଟ୍ରି ଓ କୃଷକ ଓଡ଼ିଶା ପୋର୍ଟାଲରେ ନିଜ ଜମିଗୁଡ଼ିକର ବିସ୍ତୃତ ସୂଚନା ପଞ୍ଜୀକରଣ କରିବା ଜରୁରି । ଚାଷୀର ଗୋଟିଏ ୟୁନିକ୍ ମୋବାଇଲ୍ ନମ୍ବର ରହିବ। ସେହି ନମ୍ବର ମୁତାବକ ତାଙ୍କର ନାମ ପଞ୍ଜୀକରଣ କରାଯିବ। ତେବେ ଭୂମିହୀନ ଚାଷୀଙ୍କର ମନରେଗା କିମ୍ବା ଭିବି-ଜି-ରାମ ଜବ୍ କାର୍ଡ ଥିବା ବାଧ୍ୟତାମୂଳକ । ତେବେ ଯାଇ ଚାଷୀଟିଏ ସିଏମ୍ କିଷାନରେ ପଞ୍ଜୀକରଣ କରିପାରିବ । ଅପରପକ୍ଷେ ପୂର୍ବରୁ ଉଭୟ ପିଏମ ଓ ସିଏମ କିଷାନରେ ରାଜ୍ୟରୁ ଚାଷୀମାନେ ଅଧିକ ସଂଖ୍ୟାରେ ପଞ୍ଜୀକରଣ କରୁଥିବା ବେଳେ ଏତେ ସବୁ କଟକଣା ଯୋଗୁଁ ଚଳିତବର୍ଷ ପିଏମ କିଷାନରେ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ମାନ୍ଦାବସ୍ଥା ଦେଖିବାକୁ ମିଳିଛି । ସାରା ଦେଶରେ ଓଡ଼ିଶା ୧୭ ନମ୍ବର ସ୍ଥାନରେ ରହିଛି । ଓଡ଼ିଶାକୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ୪୪ ଲକ୍ଷ ୩୮ ହଜାର ୫୫୯ ଜଣ ଚାଷୀ ପଞ୍ଜୀକରଣ କରିବାର ଟାର୍ଗେଟ୍ ଦିଆଯାଇଛି । ହେଲେ ଏ ପର୍ଯ୍ୟନ୍ତ ଟାର୍ଗେଟ୍ ଛୁଇଁବା ତ ଦୂର କଥା ୬୦ ପ୍ରତିଶତ ପହଞ୍ଚି ପାରିନି । ତେବେ ଆମ ରାଜ୍ୟରେ ବନ୍ୟା ଓ ପ୍ରବଳ ବର୍ଷା ଭଳି ସ୍ଥିତି ଲାଗି ରହିଥିବାରୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ଖରିଫ ୨୦୨୬ ପାଇଁ ପଞ୍ଜୀକରଣ ଅବଧିକୁ ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଅଗଷ୍ଟ ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ତଥାପି କଟକଣା ଯୋଗୁଁ ପଞ୍ଜୀକରଣ ସ୍ଥିତିରେ ସୁଧାର ଆସିବା ନେଇ ସନ୍ଦେହ ଉପୁଜିଛି । ତେବେ ବରଗଡ଼ ଜିଲ୍ଲାରେ ଏଗ୍ରିଷ୍ଟାକ୍ ହଟାଇ ପ୍ରତି ୩ ବର୍ଷରେ ଥରେ ଚାଷୀ ପଞ୍ଜୀକରଣ କରିବାକୁ ଦାବି ହୋଇଛି । ଏ ନେଇ ଚାଷୀମାନେ ମେଳି ବାନ୍ଧିବା ଆରମ୍ଭ କରିଛନ୍ତି। ପଦ୍ମପୁରରେ ପୂର୍ବ ବର୍ଷ ତୁଳନାରେ ୩୦% ଫସଲ ବୀମା ପଞ୍ଜୀକରଣ କମିଛି । କଳାହାଣ୍ଡିର ଅଧିକାଂଶ ସ୍ଥାନରେ ସର୍ଭର ଡାଉନ୍ ଥିବାରୁ ଚାଷୀମାନେ ଉପଯୁକ୍ତ ଭାବେ ପଞ୍ଜୀକରଣ କରିପାରୁନଥିବା ଅଭିଯୋଗ କରିଛନ୍ତି । ସୁନ୍ଦରଗଡ଼ରେ ପ୍ରାଥମିକ କୃଷି ସମବାୟ ସମିତିଗୁଡ଼ିକରେ ଲମ୍ବା ଧାଡ଼ି ଲାଗୁଥିବା ବେଳେ କିଛି ଲ୍ୟାମ୍ପରେ ଅନ୍ୟ ଲ୍ୟାମ୍ପର ଚାଷୀ ପଞ୍ଜୀକରଣ କରୁଛନ୍ତି । ଏମିତିକି ଗୋଟିଏ ଲ୍ୟାମ୍ପରେ ୩ଟି ଲ୍ୟାମ୍ପର ଚାଷୀ ପଞ୍ଜୀକରଣ କରୁଛନ୍ତି । ଏମିତି ଚାଷୀର ଦୁର୍ଦ୍ଦଶା ବଢୁଥିବା ବେଳେ ଏହା କେବେ କମିବ ସେ ନେଇ ଦିନ ଗଣୁଛି । ହେଲେ ରାଜ୍ୟରେ ଖରିଫ ଋତୁ ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟାରେ ଏ ଯାଏ ୭ ଲକ୍ଷରୁ ଅଧିକ ଚାଷୀ ପଞ୍ଜୀକରଣ କରି ସାରିଲେଣି । ପ୍ରକ୍ରିୟାକୁ ସରଳ କରାଯାଇଛି। କୌଣସି ପ୍ରକାର ବାଧା ନାହିଁ ବୋଲି ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର କହିଛନ୍ତି ।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

### ଯଶ ଲାଭ କିପରି ହୁଏ

ଶ୍ରଦ୍ଧେୟ ଭକ୍ତବୃନ୍ଦ ବିତିଯାଇଥିବା କଥାକୁ ଭୂଲିଯାଇ ଯିଏ ଆଗକୁ ଆଗକୁ ଚାଲେ ତାକୁ ସଂସାରରୁ ଯଶ ଲାଭ ପ୍ରାପ୍ତ ହୁଏ ଏବଂ ତାର ଜୟ ଜୟ କାର ହୁଏ । ପ୍ରକୃତରେ ସେ ହିଁ ବୁଦ୍ଧିମାନ ବ୍ୟକ୍ତି ହୋଇଥାଏ । ଏଇଠି ଗୋଟେ କଥା କହୁଛି-ଥରେ ବୁଦ୍ଧଦେବ ପ୍ରାତଃ ଭ୍ରମଣ ସାରି ଫେରୁଛନ୍ତି ଏହି ସମୟରେ ଜଣେ ଲୋକ ତାଙ୍କୁ ଗାଳି ଗୁଲଜ କଲା ବୁଦ୍ଧଦେବ ସେଥିପ୍ରତି କର୍ଣ୍ଣପାତ ନକରି ଉଆସକୁ ଫେରିଗଲେ କିନ୍ତୁ ପରଦିନ ସକାଳୁ ସେହି ବ୍ୟକ୍ତି ରାଜ ଉଆସରେ ଯାଇ ଗୁହାରିଆ ପଡିଛି । ବୁଦ୍ଧଦେବ ଦେଖିଲେ ଦେଖ ସେ କିଏ ଏପରି ଶୋଇଛି ତାକୁ ଉଠାଅ । ସେ ଉଠିଲା ପରେ ତାକୁ ପଚାରିଲେ ତୁମେ କାହିଁକି ଆସିଛ,ସେ କହିଲା ପ୍ରଭୁ କାଲି ମୁଁ ଆପଣଙ୍କୁ ଏତେ ତିରସ୍କାର କଲି କିନ୍ତୁ ଆପଣ ନିରବ ରହି ଚାଲିଆସିଲେ । ତାପରେ ମୁଁ କାଲିଠାରୁ ବହୁତ ମନସ୍ତାପରେ ଅଛି । ମୋତେ କ୍ଷମା କରନ୍ତୁ । ତତ୍‌କ୍ଷଣାତ୍ ବୁଦ୍ଧଦେବ କହିଲେ ଆରେ କାଲି ଠାରୁ ତୁ ସେଇଠି ବସିଛୁ । କାଲି କେତେ ପବନ ବହିଗଲାଣି, କେତେ ପାଣି ବହି ଗଲାଣି,କେତେ ଲୋକ ମରିଗଲେଣି,କେତେ ପୁଣି ଜନ୍ମ ନେଲେଣି କିନ୍ତୁ ତୁ ସେଇଠି ବସିଛୁ । ଯା, ଯା ଆଗକୁ ଯା କାଲି କ'ଣ ହେଲା ତାକୁ ଭୂଲିଯାଇ ବର୍ତ୍ତମାନର କାର୍ଯ୍ୟ କର । ନିଶ୍ଚୟ ତୁମର ମଙ୍ଗଳ ହେବ । ତୁମେତ ଅନୁତାପର ଅଗ୍ନିରେ ଦଗ୍ଧ ହୋଇ ସୁବର୍ଣ୍ଣ ପାଲଟି ଯାଇଛ । ମୁଁ ଆଉ କଣ କ୍ଷମା କରିବି । ପ୍ରଭୁତ ତୁମକୁ କ୍ଷମା କରି ଦେଇଛନ୍ତି । ହରି ଓଁ ।

# ରକ୍ଷା ବନ୍ଧନ — ଭାଇ-ଭଉଣୀର ପବିତ୍ର ସ୍ନେହ ଓ ସୁରକ୍ଷାର ପର୍ବ



ସୁଦୀପ୍ତ କୁମାର ବେହେରା
ଗଞ୍ଜାମ, ଓଡିଶା
ଇମେଲ୍:
sudiptakumarbehera506@gmail.com
ମୋ-୯୧୭୮୭୭୦୪୦୯୩



ଭାରତ ଏକ ପର୍ବପର୍ବାଣୀର ଦେଶ। ଏଠାରେ ପ୍ରତ୍ୟେକ ପର୍ବର ପଛରେ ରହିଛି ଏକ ସୁନ୍ଦର ପରମ୍ପରା, ଐତିହ୍ୟ ଓ ସାମାଜିକ ବାର୍ତ୍ତା। ସେହିପରି ଏକ ପବିତ୍ର ଓ ଭାବପୂର୍ଣ୍ଣ ପର୍ବ ହେଉଛି ରକ୍ଷା ବନ୍ଧନ। ଏହା ଭାଇ-ଭଉଣୀଙ୍କ ମଧ୍ୟରେ ଥିବା ଅତୁଟ ସ୍ନେହ, ବିଶ୍ୱାସ, ସମ୍ମାନ ଓ ପରସ୍ପର ସୁରକ୍ଷାର ପ୍ରତୀକ। ରକ୍ଷା ବନ୍ଧନ କେବଳ ଏକ ଧାର୍ମିକ ପର୍ବ ନୁହେଁ; ଏହା ପାରିବାରିକ ସମ୍ପର୍କକୁ ଆହୁରି ଦୃଢ଼ କରିବାର ଏକ ସୁନ୍ଦର ଅବସର।

'ରକ୍ଷା ବନ୍ଧନ' ଶବ୍ଦଟି ଦୁଇଟି ଶବ୍ଦର ସମନ୍ୱୟ— 'ରକ୍ଷା' ଓ 'ବନ୍ଧନ'। ଅର୍ଥାତ୍ ସୁରକ୍ଷାର ବନ୍ଧନ। ଏହି ଦିନ ଭଉଣୀ ନିଜ ଭାଇଙ୍କ ହାତରେ ରାକ୍ଷୀ ବାନ୍ଧି ତାଙ୍କ ଦୀର୍ଘାୟୁ, ସୁଖ ଓ ସମୃଦ୍ଧି କାମନା କରେ। ଭାଇ ମଧ୍ୟ ଭଉଣୀଙ୍କୁ ସମସ୍ତ ବିପଦରୁ ସୁରକ୍ଷା ଦେବାର ପ୍ରତିଶ୍ରୁତି ଦିଏ। ଏହି ପରମ୍ପରା ଭାଇ-ଭଉଣୀଙ୍କ ସମ୍ପର୍କରେ ଥିବା ଭଲପାଇବାକୁ ଆହୁରି ଗଭୀର କରିଥାଏ।

ରକ୍ଷା ବନ୍ଧନର ଇତିହାସ ଓ ପୌରାଣିକ ପରମ୍ପରା ମଧ୍ୟ ବହୁତ ପୁରୁଣା। ମହାଭାରତରେ ଶ୍ରୀକୃଷ୍ଣ ଓ ଦ୍ରୌପଦୀଙ୍କ ସମ୍ପର୍କକୁ ରକ୍ଷା ବନ୍ଧନର ଏକ ଉଦାହରଣ ଭାବେ ସ୍ମରଣ କରାଯାଏ। କଥା ଅନୁସାରେ, ଶ୍ରୀକୃଷ୍ଣଙ୍କ ଆଙ୍ଗୁଠିରେ ଆଘାତ ଲାଗି ରକ୍ତ ବାହାରିବା ସମୟରେ ଦ୍ରୌପଦୀ ନିଜ ଶାଢ଼ିର ଏକ ଖଣ୍ଡ ଚିରି ତାଙ୍କ ଆଙ୍ଗୁଠିରେ ବାନ୍ଧିଥିଲେ। ଦ୍ରୌପଦୀଙ୍କ ଏହି ସ୍ନେହ ଓ ମମତାର ପ୍ରତିଦାନ ଭାବେ ଶ୍ରୀକୃଷ୍ଣ ତାଙ୍କୁ ସୁରକ୍ଷା ଦେବାର ଭାବ ପ୍ରକାଶ କରିଥିଲେ। ଏହି କାହାଣୀ ଭାଇ-ଭଉଣୀଙ୍କ ପବିତ୍ର ସମ୍ପର୍କର ମହତ୍ତ୍ୱକୁ ପ୍ରକାଶ କରେ।

ପ୍ରତିବର୍ଷ ଶ୍ରାବଣ ପୂର୍ଣ୍ଣିମା ଦିନ ରକ୍ଷା ବନ୍ଧନ ପାଳନ କରାଯାଏ। ଏହି ଦିନ ସକାଳୁ ଘରେ ଉତ୍ସବର ମାହୋଲ ଦେଖିବାକୁ ମିଳେ। ଭଉଣୀମାନେ ନୂଆ ପୋଷାକ ପିନ୍ଧି ରାକ୍ଷୀ, ମିଠା ଓ ପୂଜା ସାମଗ୍ରୀ ପ୍ରସ୍ତୁତ କରନ୍ତି। ପୂଜା ପରେ ଭଉଣୀ ଭାଇଙ୍କ କପାଳରେ ଚନ୍ଦନ ବା ତିଳକ ଲଗାଇ, ଆରତି କରି ତାଙ୍କ ହାତରେ ରାକ୍ଷୀ ବାନ୍ଧେ। ଏହାପରେ ଭାଇ ଭଉଣୀଙ୍କୁ ମିଠା ଖୁଆଇ ଉପହାର ଦେଇଥାଏ। ଭଉଣୀ ମଧ୍ୟ ଭାଇଙ୍କ ପାଇଁ ମିଠା ଓ ଉପହାର ନେଇଥାଏ। ଏହି ଛୋଟ ଛୋଟ ଆନନ୍ଦ ପରିବାରରେ ଖୁସିର ପରିବେଶ ସୃଷ୍ଟି କରେ।

ଆଧୁନିକ ସମୟରେ ରକ୍ଷା ବନ୍ଧନର ପାଳନ ପ୍ରଣାଳୀରେ କିଛି ପରିବର୍ତ୍ତନ ଆସିଛି। ଚାକିରି, ଶିକ୍ଷା ଓ ଅନ୍ୟାନ୍ୟ କାରଣରୁ ଅନେକ ଭାଇ-ଭଉଣୀ ଦୂରଦୂରାନ୍ତରେ ରହୁଛନ୍ତି। ତଥାପି ରାକ୍ଷୀ ଡାକ ଯୋଗେ ପଠାଇବା, ଅନଲାଇନ୍‌ରେ ଉପହାର ପଠାଇବା ଓ ଭିଡିଓ କଲ୍ ମାଧ୍ୟମରେ ଏହି ପର୍ବ ପାଳନ କରିବା ଦ୍ୱାରା ସମ୍ପର୍କର ଉଷ୍ମତା ଅବିଚଳିତ ରହୁଛି। ଏଥିରୁ ପ୍ରମାଣିତ ହୁଏ ଯେ ଦୂରତା ଭଲପାଇବାକୁ କେବେ ବି ଦୂର କରିପାରେ ନାହିଁ।

ରକ୍ଷା ବନ୍ଧନର ମହତ୍ତ୍ୱ କେବଳ ଭାଇ-ଭଉଣୀଙ୍କ ମଧ୍ୟରେ ସୀମିତ ନୁହେଁ। ଏହା ସମାଜରେ ପରସ୍ପର ସହଯୋଗ, ସମ୍ମାନ, ସ୍ନେହ ଓ ସୁରକ୍ଷାର ଭାବନାକୁ ମଧ୍ୟ ଶକ୍ତିଶାଳୀ କରେ। ଆଜିକାଲି ଅନେକ ସ୍ଥାନରେ ଭଉଣୀମାନେ କେବଳ ଭାଇଙ୍କଠାରୁ ସୁରକ୍ଷା ଆଶା କରିବା ପରିବର୍ତ୍ତେ ନିଜେ ମଧ୍ୟ ଭାଇଙ୍କ ସୁଖ-ଦୁଃଖରେ ସାଥୀ ହେଉଛନ୍ତି। ତେଣୁ ରକ୍ଷା ବନ୍ଧନର ଅର୍ଥ ଆଜି ପରସ୍ପରକୁ ସୁରକ୍ଷା, ସମ୍ମାନ ଓ ସହଯୋଗ କରିବାର ପ୍ରତିଜ୍ଞା ଭାବେ ବୁଝାଯାଇପାରେ।

ଏହି ପର୍ବ ଆମକୁ ପରିବାରର ମହତ୍ତ୍ୱ ମଧ୍ୟ ଶିଖାଏ। ଆଧୁନିକ ଜୀବନର ବ୍ୟସ୍ତତା ମଧ୍ୟରେ ପରିବାର ସଦସ୍ୟମାନଙ୍କ ସହ ଭାବନାତ୍ମକ ସମ୍ପର୍କ ରକ୍ଷା କରିବା ଅତ୍ୟନ୍ତ ଆବଶ୍ୟକ। ରାକ୍ଷୀର ସୂତା ଦେଖିବାକୁ ଅତ୍ୟନ୍ତ ସାଧାରଣ ହେଲେ ମଧ୍ୟ ଏହା ମଧ୍ୟରେ ଲୁଚିଥାଏ ଅସୀମ ସ୍ନେହ, ବିଶ୍ୱାସ ଓ ଦାୟିତ୍ୱ। ଏହି ସୂତା ଭାଇ-ଭଉଣୀଙ୍କୁ ସେମାନଙ୍କ ଶୈଶବର ସ୍ମୃତି ଓ ପରିବାରର ଭଲପାଇବା ସହିତ ଯୋଡ଼ି ରଖେ। ପର୍ବ ପାଳନ ସମୟରେ ଆମେ ପରିବେଶ ପ୍ରତି ମଧ୍ୟ ସଚେତନ ହେବା ଉଚିତ। ପ୍ଲାଷ୍ଟିକ୍ ଓ ଅପଚୟ ହେଉଥିବା ସାମଗ୍ରୀରେ ତିଆରି ରାକ୍ଷୀ ପରିବର୍ତ୍ତେ କପା, ସୂତା, କାଗଜ କିମ୍ବା ପ୍ରାକୃତିକ ସାମଗ୍ରୀରେ ତିଆରି ରାକ୍ଷୀ ବ୍ୟବହାର କରିବା ଭଲ। ଏହା ଦ୍ୱାରା ପରମ୍ପରା ସହିତ ପରିବେଶ ସୁରକ୍ଷାର ବାର୍ତ୍ତା ମଧ୍ୟ ପ୍ରଚାରିତ ହେବ।

ପରିଶେଷରେ କୁହାଯାଇପାରେ ଯେ, ରକ୍ଷା ବନ୍ଧନ ହେଉଛି ସ୍ନେହ, ବିଶ୍ୱାସ, ସମ୍ମାନ ଓ ସୁରକ୍ଷାର ପବିତ୍ର ବନ୍ଧନର ପର୍ବ। ରାକ୍ଷୀର ଛୋଟ ସୂତା ଦୁଇଟି ହୃଦୟକୁ ଏକ ଅଦୃଶ୍ୟ ଭାବନାରେ ବାନ୍ଧି ରଖେ। ଏହି ପର୍ବ ଆମକୁ ଶିଖାଏ ଯେ ସମ୍ପର୍କର ପ୍ରକୃତ ମୂଲ୍ୟ ଉପହାର କିମ୍ବା ଧନରେ ନୁହେଁ, ବରଂ ପରସ୍ପର ପ୍ରତି ଥିବା ନିଷ୍ଠା, ଭଲପାଇବା ଓ ଦାୟିତ୍ୱରେ ରହିଛି। ତେଣୁ ଆମେ ରକ୍ଷା ବନ୍ଧନର ଏହି ପବିତ୍ର ବାର୍ତ୍ତାକୁ ଜୀବନରେ ଅନୁସରଣ କରି ପରିବାର ଓ ସମାଜରେ ସ୍ନେହ, ସମ୍ମାନ ଓ ଏକତାକୁ ଆହୁରି ମଜବୁତ କରିବା ଉଚିତ।

# ସ୍ୱାଧୀନତା ଦିବସ କେବଳ ଗୋଟିଏ ମୂଖ ରୋଚକ ଶବ୍ଦଟିଏ ମାତ୍ର-୧



ସୁଧାଂଶୁ ମୋହନ ଶତପଥୀ
ଶ୍ରୀରାମ ଭବନ, ଚଟୁଆ
କୁଜଙ୍ଗ, ଜଗତସିଂହପୁର
ମୋ-୯୬୬୮୨୯୮୪୯୪

ସମଗ୍ର ବିଶ୍ୱରେ ଭାରତର ପରିଚୟ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରେ । ଏହାର କାରଣ ଲୋକସଂଖ୍ୟା ପାଇଁ ନୁହେଁ, କିମ୍ବା ଏହା ଏକ ବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ପାଇଁ ନୁହେଁ ଅଥବା ଅତୀତ ଓ ବର୍ତ୍ତମାନର ନେତୃତ୍ୱ ପାଇଁ ନୁହେଁ । ଏହାର ପ୍ରମୁଖ କାରଣ ହେଉଛି ଦୁଇ ଜଣ ମହାନ ବ୍ୟକ୍ତିଙ୍କପାଇଁ ଏ ମାଟି ଗର୍ବ ଅନୁଭବ କରେ । ସେ ଦୁଇ ଜଣ ହେଲେ ଗୌତମ ବୁଦ୍ଧ, ଅନ୍ୟ ଜଣକ ହେଲେ ମହାତ୍ମା ଗାନ୍ଧୀ । ୧୯୪୮ ମସିହାରେ ଯେତେବେଳେ ଜଣେ ଆତତାୟୀର ଗୁଳିରେ ମହାତ୍ମାଗାନ୍ଧୀଙ୍କର ନିଧନ ହେଲା ସେତେବେଳେ ସମଗ୍ର ବିଶ୍ୱ ସ୍ତବ୍ଧ ହୋଇଯାଇଥିଲା । ତାହାର କାରଣ ହେଲା ଭାରତ କିମ୍ବା ବିଶ୍ୱର କୌଣସି ଜଣେ ହେଲେ ବ୍ୟକ୍ତି କଳ୍ପନା କରିନଥିଲେ ଯେ ମହାତ୍ମାଗାନ୍ଧୀଙ୍କ ଭଳି ଜଣେ ମହାନ୍ ବ୍ୟକ୍ତିଙ୍କ ଜୀବନ ଏପରି ବିଭତ୍ସ ଢଙ୍ଗରେ ଭାରତ ମାଟିରୁ ବିଦାୟ ନେବ । ସେଦିନ ବିଶ୍ୱବିଖ୍ୟାତ ବୈଜ୍ଞାନିକ ଆଇନ୍ ଷ୍ଟାଇନ୍ ଅଶ୍ରୁ ବିଗଳିତ ନୟନରେ କହିଥିଲେ ଭବିଷ୍ୟତରେ ବିଶ୍ୱର ପରବର୍ତ୍ତୀ ବଂଶଧରମାନେ ଯେତେବେଳେ ଗାନ୍ଧୀଜୀଙ୍କ ପ୍ରସଙ୍ଗକୁ ଆଲୋଚନା କରିବେ, ସେତେବେଳେ ସେମାନେ କଳ୍ପନା କରିପାରିବେ ନାହିଁ ଯେ ଗାନ୍ଧୀ ବୋଲି ଜଣେ ରକ୍ତ ମାଂସ ଦେହଧାରୀ ଜଣେ ମଣିଷ ଏ ପୃଥିବୀର ମାଟି ଉପରେ ବିଚରଣ କରୁଥିଲେ । ପରବର୍ତ୍ତୀ ପିଢି ପାଇଁ ହୁଏତ ଗାନ୍ଧୀ ଏକ କାଳ୍ପନିକ ବ୍ୟକ୍ତିତ୍ୱର ପ୍ରତୀକ ହୋଇପାରନ୍ତି, ମାତ୍ର ଆମ ପାଇଁ ସେ ଥିଲେ ବାସ୍ତବ ମଣିଷ। ଯେଉଁମାନେ ତାଙ୍କୁ ଆଖିରେ ଦେଖିଛନ୍ତି, ତାଙ୍କର ଆହ୍ୱାନ ଶୁଣିଛନ୍ତି, ଯେଉଁମାନେ ତାଙ୍କର ସତ୍ୟ, ଅହିଂସା ପ୍ରତି ଦୃଢ ଆତ୍ମବିଶ୍ୱାସ, ଆଦର୍ଶ ମାନବିକ ମୂଲ୍ୟବୋଧର ବିସ୍ତୃତ ଇତିହାସକୁ ଅଧ୍ୟୟନ କରିଛନ୍ତି, ତାଙ୍କର ବିଶ୍ୱମାନବ ସଭ୍ୟତା ପାଇଁ ସର୍ବଶ୍ରେଷ୍ଠ ଅବଦାନକୁ ଅନୁଭବରେ ଆଣିଛନ୍ତି, ସେମାନେ କେବେ ଏହି ଦିବ୍ୟ ମାନବଙ୍କୁ ଭୁଲିପାରିବେ ନାହିଁ । ତାଙ୍କର ବାର୍ତ୍ତା ଥିଲା ସମାଜ ପାଇଁ ମୋର କର୍ତ୍ତବ୍ୟ ହିଁ ମୋର ବାର୍ତ୍ତା।

ଭାରତବର୍ଷର ମାନବିକ ମାନବିକ ମୂଲ୍ୟବୋଧର ଚରମ ଅବକ୍ଷୟ ପରିସ୍ଥିତିରେ ଅତୀତର ବହୁ ପ୍ରସଙ୍ଗ ମନଭିତରେ ଉଦ୍‌ବେଳନ ସୃଷ୍ଟି କରୁଛି । ଯାହାକି ସବୁକଥା ଏଠାରେ ଉଲ୍ଲେଖ କରିହେବନି । ତେବେ କେତୋଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଏଠାରେ ଆଲୋଚନା କରୁଛୁ । ଇଏ ହେଲା ୧୯୩୧ ମସିହାର କଥା । ବ୍ରିଟିଶ ସରକାରଙ୍କ ନିମନ୍ତ୍ରଣ କ୍ରମେ ମହାତ୍ମାଗାନ୍ଧୀ ଲଣ୍ଡନରେ ହେଉଥିବା ଗୋଲଟେବୁଲ୍ ବୈଠକରେ ଯୋଗ ଦେଇଥାନ୍ତି । ଏହି ଯୋଗଦାନର କିଛି ଦିନ ପୂର୍ବରୁ ପ୍ରସିଦ୍ଧ ଫରାସୀ ଦାର୍ଶନିକ ରୋମାରୋଲାଁ ମହାତ୍ମାଗାନ୍ଧୀଙ୍କ ଭାରତବର୍ଷର ସ୍ୱାଧୀନତା ଆନ୍ଦୋଳନ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରୁ ଅଧ୍ୟୟନ କରି ଏତେ ଅଭିଭୂତ ହୋଇପଡିଥିଲେ ଯେ, ୧୯୨୩ ମସିହାରେ ସେ ମହାତ୍ମାଗାନ୍ଧୀ ନାମରେ ଏକ ପୁସ୍ତକ ରଚନା କରିସାରିଥାନ୍ତି । ସେତେବେଳକୁ ମହାତ୍ମାଗାନ୍ଧୀଙ୍କର ଖ୍ୟାତି ଏତେ ବିସ୍ତାର ପ୍ରବଣ ନଥିଲା । ଗାନ୍ଧୀ ଗୋଲ ଟେବୁଲ ବୈଠକରେ ଯୋଗଦେବା କଥାଶୁଣି ରୋମାରୋଲାଁ ତାଙ୍କର ପ୍ରତ୍ୟାବର୍ତ୍ତନ ସମୟରେ ରୋଲାଁଙ୍କର ଅତିଥି ହେବା ନିମନ୍ତେ ନିମନ୍ତ୍ରଣ କରିଥିଲେ । ରୋଲାଁଙ୍କର ନିମନ୍ତ୍ରଣ ରକ୍ଷାକରି ଡିସେମ୍ବର୫ ତାରିଖ ଦିନ ଅତ୍ୟନ୍ତ ଶୀତଳ ସନ୍ଧ୍ୟାରେ ରୋଲାଁଙ୍କର ଅତିଥି ହେବାକୁ ମନସ୍ଥ କରିଥିଲେ ସୁଦ୍ଧା ରୋଲାଁଙ୍କ ଦେହ ଥଣ୍ଡାରୋଗ ଯୋଗୁଁ ସେଦିନ ତାଙ୍କ ଭଉଣୀଙ୍କ ଘରେ ଅତିଥି ଭାବେ ଗାନ୍ଧୀ ଅବସ୍ଥାନ କରିଥିଲେ । ପ୍ରତିଦିନ ଗାନ୍ଧୀ ଓ ରୋମାରୋଲାଁ ଏହି ଦୁଇଜଣ ଅତି ପୁରାତନ ବନ୍ଧୁ ଭଳି ଆଳାପ ଆଲୋଚନା କରନ୍ତି ଏବଂ ରୋଲାଁ ଇଂରାଜୀ ଭାଷାରେ ବୁଝିବାପାଇଁ ଅସମର୍ଥ ଥିବାରୁ ତାଙ୍କର ଭଉଣୀ ଉଭୟଙ୍କ ଭାଷାକୁ ଭାଷାନ୍ତର କରି ପରସ୍ପରଙ୍କୁ ବୁଝାଇଦିଅନ୍ତି । ରୋଲାଁଙ୍କୁ ଭୀଷଣ ଥଣ୍ଡା ହେଉଥିବାରୁ ସେଥିରୁ ରକ୍ଷା ପାଇବା ପାଇଁ ଗାନ୍ଧିଜୀ ଏକ ପରାମର୍ଶ ଦେଇ କହିଲେ ଆପଣ ନିଜର ଜୀବନ ପରିଚର୍ଯ୍ୟା ବଦଳାନ୍ତୁ । ମୁକ୍ତ ପବନରେ ବିଚରଣ କରନ୍ତୁ । ସୂର୍ଯ୍ୟାଲୋକକୁ ସଂପୂର୍ଣ୍ଣ ଉପଭୋଗ କରନ୍ତୁ ଏବଂ ସଂପୂର୍ଣ୍ଣ ରୂପେ ପ୍ରକୃତି ଉପରେ ନିର୍ଭରଶୀଳ ହୋଇ ଜୀବନ ଧାରଣ କରନ୍ତୁ । ରୋଲାଁ ନିର୍ବାକ ହୋଇ ଗାନ୍ଧୀଜୀଙ୍କ ପରାମର୍ଶ ଶୁଣୁଥିବାବେଳେ ଭାବୁଥିଲେଯେ ଗାନ୍ଧୀ କଣ ସିଦ୍ଧହସ୍ତ ଚିକିତ୍ସକ ? ଚିକିତ୍ସା କରିବାର ଜ୍ଞାନ କଣ ଗାନ୍ଧୀଜୀ ଅଧ୍ୟୟନ କରିଛନ୍ତି ?

# ପୂଜା ପାର୍ବଣ ସିଜିନ

ମୃଣାଳ ମନ୍ତ୍ର



ମୃଣାଳ
ମୋ : ୯୧ ୯୪୩୭୦ ୨୬୧୯୪

ସବୁ କଥାର ଗୋଟେ ସମୟ ଅଛି । ପ୍ରକୃତି ସେଇ ଅନୁସାରେ ଏ ପୃଥିବୀକୁ ସର୍ଜନା କରିଛି । ଖରା, ବର୍ଷା, ଶୀତ - ପ୍ରତ୍ୟେକ ଋତୁର ନିର୍ଦ୍ଦିଷ୍ଟ ସମୟ ଅଛି । ଦିନ ରାତିର ଅବଧି ନିର୍ଦ୍ଦିଷ୍ଟ । କେଉଁ ଫୁଲ କେତେବେଳେ ଫୁଟିବ, କେଉଁ ଫସଲ କେତେବେଳେ ହେବ - ତାର ନିର୍ଦ୍ଦିଷ୍ଟ ସମୟ ଅଛି । କଉ ଶାଗ କେତେବେଳେ ଲାଗିବ - ତା'ର ବି ନିର୍ଦ୍ଦିଷ୍ଟ ସମୟ ଅଛି ବୋଲି ଆଜି ସକାଳେ କୋଶଳା ଶାଗ ମଞ୍ଜି କିଣିବାକୁ ଯାଇଥିଲି ଯେ ମଞ୍ଜି ଦୋକାନୀ କହିଲା। କୋଶଳା, ପାଳଙ୍ଗ, ଧନିଆ - ରାଖୀ ପୂର୍ଣ୍ଣିମା ପରେ ଲଗେଇବେ।

କିନ୍ତୁ ଏବକୁ ସବୁ କିଛି କେମିତି ବଦଳି ବଦଳି ଯାଉଛି । ଆଗରୁ କୋବି, ଟମାଟୋ ଶୀତଦିନେ ମିଳୁଥିଲା - ଏବେ ବର୍ଷ ସାରା ମିଳୁଛି । ଗେଣ୍ଡୁଫୁଲ ପାଇଁ ଆଗରୁ ଶୀତଦିନ ଯାଏ ଅପେକ୍ଷା କରିବାକୁ ପଡୁଥିଲା - ଏବେ ସବୁବେଳେ ମିଳୁଛି। ଆଗରୁ ଦୁର୍ଗାପୂଜା ବେଳକୁ ଥଣ୍ଡା ପଡ଼ିଯାଉଥିଲା । ଏବେ କାଳୀପୂଜା ପରେ ଯାଇ ଥଣ୍ଡା ଆସୁଛି । ଆଗରୁ ହୋଲି ଯାଏ ଥଣ୍ଡା ରହୁଥିଲା । ଏବେ ସରସ୍ୱତୀ ପୂଜା ବେଳକୁ ଗାଏବ।

ଏସବୁ ପରିବର୍ତ୍ତନ ଭିତରେ ଗୋଟିଏ କଥା କିନ୍ତୁ ଏଯାଏଁ ଠିକ ରହିଛି। ପୂଜା ପାର୍ବଣଗୁଡ଼ାକ ନିର୍ଦ୍ଦିଷ୍ଟ ସମୟରେ ହେଉଛି । ଆମ ପୂଜା ପାର୍ବଣ ଉତ୍ସବ ଅନୁଷ୍ଠାନ ସବୁ କଥାର ନିର୍ଦ୍ଦିଷ୍ଟ ସମୟ ଅଛି ।

ଗଣେଶ ପୂଜାଠୁ ଆରମ୍ଭ ହୋଇଯାଏ ପୂଜା- ପାର୍ବଣ ସିଜିନ। ଗଣେଶ ପୂଜା ପରଦିନ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ। ତାପରେ ବିଶ୍ୱକର୍ମା, ଅକ୍ଟୋବରରେ ଆସିଗଲା ଦୁର୍ଗା ପୂଜା । ତାପରେ ଲକ୍ଷ୍ମୀ, କାଳୀ, କାର୍ତ୍ତିକ ପୂଜା। ପୂଜା ପାର୍ବଣ ସିଜିନ ସରିବ ଯାଇ ସରସ୍ୱତୀ ପୂଜା ପରେ । ଏହା ଭିତରେ ଖ୍ରୀଷ୍ଟମାସ ଆସିବ, ଲୋହରୀ ଆସିବ ଆହୁରି ବାର ପର୍ବ ପର୍ବାଣି ଆସିବ।

ଆଗରୁ ପୂଜା ସିଜିନ ଆସିବା ପୂର୍ବରୁ ତା ପାଇଁ ଅଧୀର ଅପେକ୍ଷା କରୁଥିଲୁ ଆମେ । କେବେ ପୂଜା ଆସିବ - ନୂଆ ଜାମା ପ୍ୟାଣ୍ଟ ଜୋତା କିଣାଯିବ ! ବାପା ଆମକୁ ଠାକୁର ଦେଖିବାକୁ ନେଇଯିବେ, ମେଳା ବୁଲେଇ ନେବେ ।

ଏବେ କିନ୍ତୁ ପୂଜା ସିଜିନ ଆସିଲେ ମୋ ମନ ଖୁସି ହେବା ଜାଗାରେ ନେସେମି ଯାଉଛି । ହୃଦୟ ଭାରାକ୍ରାନ୍ତ ହୋଇ ଉଠୁଛି । ପୂଜା ପାର୍ବଣ ସିଜିନରେ ମୋର ମୁଖ୍ୟ ସମସ୍ୟା ହେଲା ଦୁଇଟି ।

ପ୍ରଥମ: ଚାନ୍ଦା ଆଉ ବଖସିସ ଦେଇ ଦେଇ ଚନ୍ଦା ହେବା, ଦ୍ୱିତୀୟ: ଘର ଲୋକଙ୍କ ପାଇଁ ନୂଆ ଲୁଗାପଟା କିଣି କିଣି ନିସ୍ୱ ହେବା ।ତେଣୁ ଏଥର ଠିକ କରିଛି ପୂଜା ସିଜିନ ଆରମ୍ଭ ହେବା ମାତ୍ରେ ମୁଁ ଛଅ ମାସ ପାଇଁ ହିମାଳୟ ଚାଲିଯିବି । ସିଜିନ ସରିଲା ପରେ ଯାଇ ଆସିବି।

# ସଙ୍ଗୀତ ଜଗତର ଅମ୍ଳାନ ପ୍ରତିଭା ପ୍ରଣବ ପଟ୍ଟନାୟକ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଭଗବତୀ ସାହିତ୍ୟ ସଂସଦ
ଅରଙ୍ଗାବାଦ, ବରୀ, ଯାଜପୁର
ମୋ-୮୨୪୯୫୦୨୭୭୬

ପ୍ରଣବ ପଟ୍ଟନାୟକଙ୍କ ଗୀତ କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ, ଏହା ଓଡ଼ିଆ ଭାଷା, ସାହିତ୍ୟ, ଭାବନା ଓ ସଂସ୍କୃତିର ଏକ ସୁନ୍ଦର ସମନ୍ୱୟ। ପ୍ରେମ, ବିରହ, ପ୍ରକୃତି, ଭକ୍ତି, ଦେଶପ୍ରେମ ଓ ମାନବୀୟ ସମ୍ପର୍କର ବିଭିନ୍ନ ଭାବ ତାଙ୍କ କଣ୍ଠରେ ନୂଆ ଜୀବନ ପାଇଛି। ତେଣୁ ଓଡ଼ିଆ ସଙ୍ଗୀତପ୍ରେମୀଙ୍କ ମନରେ ସେ ଆଜି ମଧ୍ୟ ଏକ ଆଦରଣୀୟ ସଙ୍ଗୀତ ଶିଳ୍ପୀ। ଓଡ଼ିଆ ସଙ୍ଗୀତ ଜଗତ ଅନେକ ପ୍ରତିଭାଶାଳୀ କଣ୍ଠଶିଳ୍ପୀ, ସଙ୍ଗୀତଜ୍ଞ ଓ ସ୍ରଷ୍ଟାଙ୍କ ଅବଦାନରେ ସମୃଦ୍ଧ ହୋଇଛି। ସେହି ଗୌରବମୟ ପରମ୍ପରାରେ ପ୍ରଣବ ପଟ୍ଟନାୟକ ଏକ ଉଜ୍ଜ୍ୱଳ ଓ ସ୍ମରଣୀୟ ନାମ। ତାଙ୍କର ମଧୁର କଣ୍ଠ, ଭାବପୂର୍ଣ୍ଣ ଗାୟନ, ଶବ୍ଦ ଉଚ୍ଚାରଣର ସ୍ପଷ୍ଟତା ଏବଂ ଗୀତର ଭାବକୁ ଶ୍ରୋତାଙ୍କ ହୃଦୟରେ ପହଞ୍ଚାଇବାର ଅସାଧାରଣ କ୍ଷମତା ତାଙ୍କୁ ଓଡ଼ିଆ ସଙ୍ଗୀତର ଏକ ବିଶିଷ୍ଟ ସ୍ଥାନରେ ପହଞ୍ଚାଇଛି। ପ୍ରଣବ ପଟ୍ଟନାୟକଙ୍କ ଜୀବନଯାତ୍ରାରେ ସଙ୍ଗୀତ ଥିଲା ଏକ ଗଭୀର ଆକର୍ଷଣ। ଶିଶୁକାଳରୁ ହିଁ ସଙ୍ଗୀତ ପ୍ରତି ତାଙ୍କର ଆଗ୍ରହ ଦେଖାଦେଇଥିଲା। ସ୍ୱର, ତାଳ ଓ ଲୟ ପ୍ରତି ତାଙ୍କର ସ୍ୱାଭାବିକ ରୁଚି ଧୀରେଧୀରେ ତାଙ୍କୁ ସଙ୍ଗୀତ ଜଗତ ଆଡ଼କୁ ନେଇଯାଇଥିଲା। ନିୟମିତ ସାଧନା ଓ ଗୁରୁଜନଙ୍କ ମାର୍ଗଦର୍ଶନ ତାଙ୍କ ପ୍ରତିଭାକୁ ଅଧିକ ଶାଣିତ କରିଥିଲା। ସଙ୍ଗୀତରେ ସଫଳତା ପାଇବା ପାଇଁ କେବଳ ଭଲ କଣ୍ଠସ୍ୱର ଯଥେଷ୍ଟ ନୁହେଁ। ଏଥିପାଇଁ ଦୀର୍ଘ ସାଧନା, ଶୃଙ୍ଖଳା, ଧୈର୍ଯ୍ୟ ଓ ନିରନ୍ତର ଅଭ୍ୟାସ ଆବଶ୍ୟକ। ପ୍ରଣବ ପଟ୍ଟନାୟକଙ୍କ ସଙ୍ଗୀତ ଯାତ୍ରା ଏହି ସତ୍ୟର ଏକ ଉତ୍ତମ ଉଦାହରଣ।

ଓଡ଼ିଆ ସଙ୍ଗୀତ ଜଗତରେ ପ୍ରଣବ ପଟ୍ଟନାୟକଙ୍କ ପ୍ରବେଶ ଏକ ନୂଆ ସ୍ୱରର ଆଗମନ ଭଳି ଥିଲା। ସେ ସମୟରେ ଓଡ଼ିଆ ଗୀତର ଏକ ନିଜସ୍ୱ ଗୌରବମୟ ପରମ୍ପରା ଥିଲା। ଶାସ୍ତ୍ରୀୟ ସଙ୍ଗୀତର ଶୃଙ୍ଖଳା, ଓଡ଼ିଆ କବିତାର ମାଧୁର୍ଯ୍ୟ ଓ ଲୋକସଙ୍ଗୀତର ସରଳତାକୁ ଆତ୍ମସାତ୍ କରି ସେ ନିଜର ଏକ ସ୍ୱତନ୍ତ୍ର ଗାୟନଶୈଳୀ ଗଢ଼ିଥିଲେ। ତାଙ୍କ କଣ୍ଠରେ ଥିଲା ଏକ ମାଧୁର୍ଯ୍ୟ ଠାଣି। ଗୀତର ଶବ୍ଦକୁ ସେ କେବଳ ଉଚ୍ଚାରଣ କରୁନଥିଲେ, ବରଂ ତାହାର ଅର୍ଥ ଓ ଭାବକୁ ଅନୁଭବ କରି ଗାଉଥିଲେ। ଏହି କାରଣରୁ ତାଙ୍କର ଗୀତ ଶ୍ରୋତାଙ୍କ ମନକୁ ଶୀଘ୍ର ସ୍ପର୍ଶ କରିପାରୁଥିଲା। ପ୍ରଣବ ପଟ୍ଟନାୟକଙ୍କ ଗାୟନର ସବୁଠାରୁ ବଡ଼ ବିଶେଷତା ହେଉଛି ଭାବପ୍ରକାଶ। ଗୀତର ଭାବ ଅନୁସାରେ ତାଙ୍କ କଣ୍ଠସ୍ୱର ଶ୍ରୋତାଙ୍କୁ ଗୀତ ସହିତ ଯୋଡ଼ି ଦେଇଥାଏ। ମଧୁର ସ୍ୱର ସହିତ ଶବ୍ଦର ସ୍ପଷ୍ଟତା ତାଙ୍କ ଗୀତକୁ ଆହୁରି ଆକର୍ଷଣୀୟ କରିଥାଏ। ତାଙ୍କ ଗାୟନରେ ଶାସ୍ତ୍ରୀୟ ସଙ୍ଗୀତର ପ୍ରଭାବ ଥିଲେ ମଧ୍ୟ ସେ ଗୀତକୁ ଅତ୍ୟଧିକ ଜଟିଳ କରୁନଥିଲେ। ସରଳତା ଓ ମାଧୁର୍ଯ୍ୟ ତାଙ୍କ ଗାୟନର ପ୍ରମୁଖ ଆକର୍ଷଣ। ସେଥିପାଇଁ ବିଭିନ୍ନ ବୟସର ଶ୍ରୋତା ତାଙ୍କ ଗୀତକୁ ସହଜରେ ଗ୍ରହଣ କରିପାରିଛନ୍ତି। ଓଡ଼ିଆ ଚଳଚ୍ଚିତ୍ର ସଙ୍ଗୀତର ବିକାଶରେ ପ୍ରଣବ ପଟ୍ଟନାୟକଙ୍କ ଅବଦାନ ଉଲ୍ଲେଖନୀୟ। ଚଳଚ୍ଚିତ୍ରର ପରିସ୍ଥିତି, ଚରିତ୍ର ଓ ଭାବକୁ ବୁଝି ସେ ଗୀତକୁ ଜୀବନ୍ତ କରିବାରେ ସଫଳ ହୋଇଥିଲେ। ତାଙ୍କ କଣ୍ଠରେ ପ୍ରେମଗୀତ ଯେପରି ମଧୁର ଲାଗିଥାଏ, ସେପରି ଦୁଃଖ, ବିରହ ଓ ଭାବନାପ୍ରବଣ ଗୀତ ମଧ୍ୟ ଶ୍ରୋତାଙ୍କ ହୃଦୟକୁ ଗଭୀର ଭାବରେ ସ୍ପର୍ଶ କରିଛି। ଚଳଚ୍ଚିତ୍ରର ଗୀତ କେବଳ ଦୃଶ୍ୟକୁ ସୁନ୍ଦର କରେ ନାହିଁ, ଏହା ଚଳଚ୍ଚିତ୍ରର ଭାବନାକୁ ଦର୍ଶକଙ୍କ ମନରେ ପହଞ୍ଚାଏ। ପ୍ରଣବ ପଟ୍ଟନାୟକଙ୍କ କଣ୍ଠ ଏହି କାର୍ଯ୍ୟକୁ ଅନେକ ସମୟରେ ଅତ୍ୟନ୍ତ ସଫଳତାର ସହିତ କରିଛି।

ଓଡ଼ିଆ ସଙ୍ଗୀତର ପରିବର୍ତ୍ତନଶୀଳ ଧାରା ସହିତ ପ୍ରଣବ ପଟ୍ଟନାୟକ ମଧ୍ୟ ନିଜକୁ ଖାପ ଖୁଆଇଥିଲେ। ନୂଆ ସଙ୍ଗୀତ ଆୟୋଜନ, ନୂଆ ବାଦ୍ୟଯନ୍ତ୍ର ଓ ନୂଆ ଶୈଳୀ ଆସିଥିଲେ ମଧ୍ୟ ତାଙ୍କର ମୂଳ ଶକ୍ତି, ସ୍ୱର ଓ ଭାବ ଅପରିବର୍ତ୍ତିତ ରହିଥିଲା। ସେ ପ୍ରମାଣ କରିଛନ୍ତି ଯେ ଭଲ ଗୀତର ବୟସ କେବଳ ସମୟ ସହିତ ନିର୍ଭର କରେ ନାହିଁ। ଯଦି ଗୀତରେ ଭଲ କବିତା, ସୁନ୍ଦର ସୁର ଓ ହୃଦୟସ୍ପର୍ଶୀ ସ୍ୱର ଭାବ ରହେ, ତେବେ ତାହା ପିଢ଼ି ପରେ ପିଢ଼ି ଶ୍ରୋତାଙ୍କ ମନରେ ବଞ୍ଚି ରହେ। ଓଡ଼ିଶାର ସଂସ୍କୃତିରେ ଭକ୍ତି ସଙ୍ଗୀତର ଏକ ବିଶେଷ ସ୍ଥାନ ରହିଛି। ଶ୍ରୀଜଗନ୍ନାଥ ସଂସ୍କୃତି, ଭକ୍ତି, ଆଧ୍ୟାତ୍ମିକତା ଓ ଓଡ଼ିଆ ଜୀବନଧାରା ପରସ୍ପର ସହିତ ଜଡ଼ିତ। ପ୍ରଣବ ପଟ୍ଟନାୟକଙ୍କ କଣ୍ଠରେ ଭକ୍ତିମୂଳକ ଗୀତଗୁଡ଼ିକ ମଧ୍ୟ ବିଶେଷ ଭାବ ଧାରଣ କରିଛି। ତାଙ୍କ ଭକ୍ତିଗୀତରେ ଭକ୍ତଙ୍କ ଆତ୍ମସମର୍ପଣ, ଆଶା, ବିଶ୍ୱାସ ଓ ଭଗବାନଙ୍କ ପ୍ରତି ଭଲପାଇବାର ଅନୁଭୂତି ପ୍ରକାଶ ପାଏ। ଏହିପରି ଗୀତ ଶ୍ରୋତାଙ୍କ ମନରେ ଶାନ୍ତି ଓ ଆଧ୍ୟାତ୍ମିକ ଭାବନା ଜାଗ୍ରତ କରିଥାଏ। ରେକର୍ଡିଂ ଷ୍ଟୁଡିଓ ବାହାରେ ମଞ୍ଚ ପରିବେଷଣରେ ମଧ୍ୟ ପ୍ରଣବ ପଟ୍ଟନାୟକଙ୍କ ପ୍ରତିଭା ଉଜ୍ଜ୍ୱଳ ହୋଇଛି। ମଞ୍ଚରେ ଜଣେ ସଙ୍ଗୀତ ଶିଳ୍ପୀଙ୍କୁ ଦର୍ଶକଙ୍କ ସହ ସିଧାସଳଖ ଭାବରେ ଭାବନାର ସମ୍ପର୍କ ଗଢ଼ିବାକୁ ପଡ଼େ। ତାଙ୍କ କଣ୍ଠର ସ୍ୱାଭାବିକତା ଓ ଗୀତ ପ୍ରତି ନିଷ୍ଠା ଦର୍ଶକଙ୍କୁ ଆକର୍ଷିତ କରିଆସିଛି। ତାଙ୍କ ପରିବେଷଣରେ ଗୀତର ମୂଳ ଭାବକୁ ଅକ୍ଷୁଣ୍ଣ ରଖିବା ସହିତ ଶ୍ରୋତାଙ୍କ ରୁଚିକୁ ମଧ୍ୟ ଧ୍ୟାନ ଦିଆଯାଏ। ଏହି କାରଣରୁ ସେ ମଞ୍ଚରେ ମଧ୍ୟ ଦୀର୍ଘ ସମୟ ଧରି ଲୋକପ୍ରିୟତା ଅର୍ଜନ କରିପାରିଛନ୍ତି। ପ୍ରଣବ ପଟ୍ଟନାୟକ ତାଙ୍କ ଦୀର୍ଘ ସଙ୍ଗୀତ ଜୀବନରେ ବିଭିନ୍ନ ସମ୍ମାନ ଓ ପ୍ରଶଂସା ପାଇଛନ୍ତି ଯାହା ପ୍ରଣବ ପଟ୍ଟନାୟକଙ୍କ ଗୀତର ସ୍ଥାୟୀତ୍ୱ କଥାକୁ ପ୍ରମାଣ କରେ। ତାଙ୍କ କଣ୍ଠରେ ରେକର୍ଡ ହୋଇଥିବା ଅନେକ ଗୀତ ପୁରୁଣା ହୋଇଥିଲେ ମଧ୍ୟ ତାହାର ଭାବ ଓ ମାଧୁର୍ଯ୍ୟ ଆଜି ମଧ୍ୟ ଶ୍ରୋତାଙ୍କୁ ଆକର୍ଷିତ କରେ। ଏହି କାରଣରୁ ସେ କେବଳ ଏକ ନିର୍ଦ୍ଦିଷ୍ଟ ସମୟର ଗାୟକ ନୁହନ୍ତି, ସେ ଓଡ଼ିଆ ସଙ୍ଗୀତର ଏକ ଦୀର୍ଘ ପରମ୍ପରାର ଅଂଶ। ପ୍ରଣବ ପଟ୍ଟନାୟକ ଓଡ଼ିଆ ସଙ୍ଗୀତ ଜଗତର ଏକ ସ୍ମରଣୀୟ କଣ୍ଠ। ତାଙ୍କ ଗାୟନରେ ଓଡ଼ିଆ ଭାଷାର ମାଧୁର୍ଯ୍ୟ, କବିତାର ସୌନ୍ଦର୍ଯ୍ୟ, ସୁରର ମନୋହରତା ଓ ମାନବୀୟ ଭାବନାର ଗଭୀରତା ଏକାତ୍ମ ହୋଇଛି। ସେ ନିଜର କଳାସାଧନା ମାଧ୍ୟମରେ ଓଡ଼ିଆ ସଙ୍ଗୀତକୁ ସମୃଦ୍ଧ କରିବା ସହିତ ଅସଂଖ୍ୟ ଶ୍ରୋତାଙ୍କ ହୃଦୟରେ ନିଜର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛନ୍ତି। ଆଜି ସେ ଆମ ଗହଣରେ ନାହାନ୍ତି ସତ, କିନ୍ତୁ ତାଙ୍କର ମଧୁର ସ୍ୱର ଭାବ ଓ ଲୟ ସମସ୍ତ ପ୍ରଣବ ପ୍ରେମୀଙ୍କ ନିକଟରେ ସଦା ସର୍ବଦା ଅମର କରି ରଖିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

## ରାକ୍ଷୀ

ସନ୍ତୋଷ ମିଶ୍ର

ରାକ୍ଷୀ ପୂର୍ଣ୍ଣିମାର ଠିକ୍ ପନ୍ଦର ଦିନ ପୂର୍ବରୁ ସାନପୁଅ ସୁକାନ୍ତ ଘରେ ପହଞ୍ଚିଲେ ମାଆ ଶ୍ରୀଦେବୀ। ସେତେବେଳକୁ ସମୟ ଅପରାହ୍ନ, ପ୍ରାୟ ଗୋଟାଏ।ଶ୍ରୀଦେବୀ ସାନ ବୋହୂକୁ କହିଲେ – ମୋ ପାଇଁ ଭାତ ହେବ ତ ! ନା ବଡ ବୋହୁ ଭଳି କହିବୁ – ଅଛି ଯେ ତମ ପୁଅ ପାଇଁ ! ତାପରେ କଂସାଏ ମୁଢ଼ି, ମିକ୍ସଚର, ପିଆଜ ଆଉ କଞ୍ଚା ଲଙ୍କା ଥୋଇ ଦେଇ କହିବୁ ଏବେ ଖାଇ ଦିଅ, ରାତିକି ଦେଖିବା।

ଶଶିପ୍ରଭା ହସି ହସି କହିଲା – ମା' ମୁଁ କେବେହେଲେ ସେମିତି କରିଚି କି। ଆପଣଙ୍କର ମନେଥିବ ଥରେ ସାନ ନଣନ୍ଦ କାମିନୀ ତାଙ୍କ ସାନ ଭାଇଙ୍କ ସହ କଥା ହେଇ ଦିନ ଦୁଇଟା ବେଳକୁ ଗୋଟେ କୁକୁଡ଼ା ନେଇ ଆସି କହିଲେ – ଭାଉଜ ! କୁକୁଡ଼ା ଭଲକି ରାନ୍ଧ।ଗରମ ନାଲି ବଗଡ଼ା ଚାଉଳ ଭାତ ସାଙ୍ଗକୁ ଦେଶୀ କୁକୁଡ଼ା ମାଂସ ଝୋଳ...ବେଶ୍ ଜମିବ!!! ଚାରିଟା ବେଳକୁ ତମ ସାନ ପୁଅ ଟୁରରୁ ଫେରି ଘରକୁ ଆସିଲେ । ସମସ୍ତେ ଏକାଠି ବସି ଖାଇଲେ। ସମସ୍ତେ ମାଂସ ରନ୍ଧାକୁ ପ୍ରଶଂସା କଲେ। ସାନ ନଣନ୍ଦ କହିଲେ – ଭାଉଜ ! ମାନିବାକୁ ପଡିବ। ଆଜି ମାଂସ ରନ୍ଧା ଏକଦମ ସୁପର୍ ଡୁପର।

ଶ୍ରୀଦେବୀ କହିଲେ – ତୋ ଜାଗାରେ ବଡ ବୋହୂ ଥିଲେ କହିଥାନ୍ତା – ମୋ ମୁଣ୍ଡ ବିନ୍ଧୁଛି। ତମେ ରାନ୍ଧ। ମୁଁ ଟିକେ ରେଷ୍ଟ ନେଉଛି। ଉଠିଲେ ଖାଇବା। ତାପରେ କିଛି ସମୟ ନୀରବ ରହି ଶ୍ରୀଦେବୀ କହିଲେ – ହଁ, ଯାହାର ପ୍ରକୃତି ଯେମନ୍ତ !!

ରାତ୍ରି ଭୋଜନ ସମୟରେ ଶ୍ରୀଦେବୀ କହିଲେ – ଜାଣିଲୁ ସୁକାନ୍ତ ! କିଛିଦିନ ତଳେ ବାରିପଦା ଯାଇଥିଲି। ବଡ଼ ପୁଅ ଆଉ ବୋହୁ ଭାରୀ ମନଦୁଃଖ କରୁଥିଲେ । ବଡପୁଅ ଏକ ରକମ କାନ୍ଦକାନ୍ଦ ହୋଇ କହୁଥିଲା – ଆମର ଦୁର୍ଭାଗ୍ୟ, ଆମର ଝିଅଟିଏ ନାହିଁ। ପ୍ରତି ରାକ୍ଷୀ ପୂର୍ଣ୍ଣିମାରେ ଆମେ ଅପେକ୍ଷା କରିଥାଉ...ମୋର ଦୁଇ ପୁଅ ଚାହିଁ ବସିଥାନ୍ତି ...କେତେବେଳେ ସାନଭାଇ ଝିଅ ଫିନୁ ଆସିବ ରାକ୍ଷୀ ବାନ୍ଧିବା ପାଇଁ। ହେଲେ ଆଖି ପାଣି ଆଖିରେ ମରିଯାଏ। ଫିନୁ ଆସେ ନାହିଁ। ପୁଅ ଦୁଇଜଣ କାନ୍ଦିକାନ୍ଦି କହନ୍ତି – ଭଉଣୀ ହାତରେ ରାକ୍ଷୀ ବାନ୍ଧିବା ବୋଧ ହୁଏ ଆମ ଭାଗ୍ୟରେ ନାହିଁ। କାହିଁକି ଭଗବାନ ଆମ ଘରକୁ ଝିଅଟିଏ ଦେଲେନି । ବଡପୁଅ କଥା ଶୁଣି ମୁଁ ନିଜେ ବି ଭାବପ୍ରବଣ ହୋଇ ଗଲି। ମୋ ଆଖିରୁ ଆପେ ଆପେ ଦୁଇ ଟୋପା ଲୁହ ଝରି ପଡ଼ିଲା। ମୁଁ କହିଲି – ହଉ ହଉ, ଆଉ ମନ ଦୁଃଖ କରନା। ମୁଁ ଆଗାମୀ ରାକ୍ଷୀ ପୂର୍ଣ୍ଣିମା ଦିନ ଫିନୁକୁ ବାରିପଦା ନେଇ ଆସିବି। ସେ ଭାଇମାନଙ୍କ ହାତରେ ରାକ୍ଷୀ ବାନ୍ଧିବ।

ତାପରେ ସୁକାନ୍ତକୁ ଚାହିଁ ଶ୍ରୀଦେବୀ ପଚାରିଲେ – ତୁ କଣ କହୁଚୁ। ମୁଁ ସେମାନଙ୍କୁ କଥା ଦେଇ ଠିକ୍ କରିଚି ନା ନାହିଁ।

ସୁକାନ୍ତ କହିଲା – ତୁ ଭୁଲ୍ କରିଚୁ ବୋଲି ମୁଁ କେମିତି କହିବି। କହିଲେ ବି ତୁ ମାନିବୁ ନାହିଁ। ଥରେ ତୁ ମୋତେ କହିଥିଲୁ ପ୍ରତିମାସ ବାରିପଦା ମିଟିଂ ଯାଇ ତାଙ୍କ ଘରେ ନଖାଇ ହୋଟେଲରେ ଖାଉଥିବାରୁ ସେମାନେ ବହୁତ ମନ ଦୁଃଖ କରୁଥିଲେ। ମୁଁ କହିଥିଲି – ଏହା ସେମାନଙ୍କ ନାଟକ... ଅଭିନୟ। ତୁ ବିଶ୍ୱାସ କଲୁନି। ତୋ କହିବା ଅନୁସାରେ ଦିନେ ମିଟିଂ ସରିଲା ପରେ ତାଙ୍କ ଘରକୁ ଯାଇ ଖାଇବାକୁ ମାଗିଥିଲି। ଭାଉଜ କହିଥିଲେ – ଭାଇଙ୍କ ପାଇଁ ଖାଇବା ଅଛି, ତମ ପାଇଁ ନାହିଁ। ହୋଟେଲରେ ଖାଇ ଆସି ତତେ ସବୁକଥା କହିଲି। ତୁ କହିଥିଲୁ – ତାଙ୍କ ଘରକୁ ତୋତେ ପଠାଇ ମୁଁ ଭୁଲ୍ କଲି। ଏମିତି ହେବ ବୋଲି କେବେ ଭାବି ନଥିଲି।

କିଛିକ୍ଷଣ ନୀରବି ଯାଇ ସୁକାନ୍ତ ମାଆକୁ କହିଲା – ଏବେ ତୁ ଚାହୁଁଚୁ ରାକ୍ଷୀ ପୂର୍ଣ୍ଣିମା ଦିନ ଝିଅକୁ ସାଙ୍ଗରେ ନେଇ ଦୁଇ ନାତିଙ୍କ ହାତରେ ରାକ୍ଷୀ ବନ୍ଧାଇବୁ। ଭଲ କଥା। ଯେହେତୁ ପୁଅ, ଝିଅ ଦୁଇଜଣ ଯିବେ, ଶଶି ପ୍ରଭାକୁ ବି ନେଇଯିବୁ। ବାପ ପୁଅ ତିନିହେଁ ଝିଅମାନଙ୍କୁ କି ଦୃଷ୍ଟିରେ ଦେଖନ୍ତି ,ତୁ ଜାଣିଚୁ। ତେଣୁ ରାକ୍ଷୀ ବନ୍ଧନ ସରିବା ପରେ ସମସ୍ତେ ଉଦଳା ଫେରି ଆସିବ।

ରାକ୍ଷୀ ପୂର୍ଣ୍ଣିମା ଦିନ ଠିକ୍ ୧୧ ଟା ବେଳକୁ ଶ୍ରୀଦେବୀ ବୋହୂ ଓ ନାତି, ନାତୁଣୀଙ୍କ ସହିତ ବାରିପଦାରେ ପହଞ୍ଚିଲେ।

କଲିଂ ବେଲ୍ ଚିପିଲା ଶଶିପ୍ରଭା। କବାଟ ଖୋଲି ଉଭା ହେଲେ ବଡ଼ ବୋହୂ। ମୁହଁରେ ସେଇ ଗାମ୍ଭୀର୍ଯ୍ୟ... ଈଷତ୍ ବିରକ୍ତି ଭାବ ...କିଛି ନକହି ଭିତରକୁ ଚାଲିଗଲା। ପଛେ ପଛେ ଏମାନେ ସମସ୍ତେ।

କ୍ଲିନିକ୍ ଭିତରୁ ପଚାରିଲା ବଡପୁଅ – ଆରେ କେହି ଆସିଲେ କି। ବଡ ବୋହୂ କିଛି ଉତ୍ତର ଦେଲା ନାହିଁ। ରୋଷେଇ ଘରୁ ଦୁଇ କପ୍ ଚାହା ଆଣି ଶ୍ରୀଦେବୀ ଆଉ ଶଶିପ୍ରଭା ହାତରେ ଧରାଇ ଦେଲା। ବଡପୁଅ କ୍ଲିନିକ୍ ବାହାରକୁ ଆସି ଶାଶୁବୋହୁ ଚାହା ପିଉ ଥିବାର ଦେଖି କହିଲା – ଓଃ, ଆସିଗଲ ତାହେଲେ। ଭଲ ହେଲା। ଆଜି ଯାହା ଆମିଷ ଆସିଛି, ସବୁତକ ଚାଟିଚୁଟି ସଫା କରି ଦେଇ ଯିବ। ହେଲେ ଖବରଦାର ପାଇଖାନାରେ ଯେମିତି ଛିଟ ନପଡେ !! ତାପରେ ସେ କ୍ଲିନିକ୍ ଭିତରକୁ ଚାଲିଗଲା।

ଚାହା ପିଇ ସାରିବା ପରେ ଶ୍ରୀଦେବୀ ବଡ଼ ବୋହୂକୁ କହିଲେ – ସଚି ଆଉ ଲୁଲୁ କୁଆଡେ ଗଲେ କି। ସେମାନଙ୍କୁ ଡାକି ଦେ। ମୁଁ ପରା ଉଦଳାରୁ ସେମାନଙ୍କ ଭଉଣୀକୁ ନେଇ ଆସିଛି ରାକ୍ଷୀ ବାନ୍ଧିବା ପାଇଁ।

ବଡ଼ ବୋହୂ ଛିଡା ହୋଇ କଣ ଚିନ୍ତା କରୁଥିବାର ଦେଖି ଶ୍ରୀଦେବୀ କହିଲେ – ତୁ କିଛି ଚିନ୍ତା କରିବା ଦରକାର ନାହିଁ। ଆମେ ଉଦଳାରୁ ମିଠା, ରାକ୍ଷୀ ସବୁ ନେଇ ଆସିଛୁ।

ତିନି ଭାଇଙ୍କର ଯଥାରୀତି ରାକ୍ଷୀ ବନ୍ଧନ କାର୍ଯ୍ୟକ୍ରମ ଶେଷ ହେବା ପରେ ମଧ୍ୟାହ୍ନ ଭୋଜନ।

ମଧ୍ୟାହ୍ନ ଭୋଜନ ପରେ ପରେ ସଚି ଆଉ ଲୁଲୁ କଇଞ୍ଚି ଆଣି ରାକ୍ଷୀ କାଟି ଡଷ୍ଟବିନକୁ ଫୋପାଡ଼ି ଦେଲେ। ବଡ଼ ପୁଅ, ବୋହୂ ଆଖି ଠରା ଠରି ହୋଇ ଦାନ୍ତ ଚିପିଚିପି ହସୁଥିଲେ। ଶ୍ରୀଦେବୀ ଏବଂ ଶଶିପ୍ରଭା ନିର୍ବାକ ହୋଇ ବସି ରହିଥିଲେ। ପପୁ ଟିଭି ଦେଖିବା ପାଇଁ ଜେଜେମା ପାଖରେ ଅଳି କରୁଥିଲା। ଦ୍ୱିତୀୟ ଶ୍ରେଣୀରେ ପଢୁଥିବା ଫିନୁ କାନ୍ଦିକାନ୍ଦି ମାଆକୁ କହୁଥିଲା – ସଚି ଆଉ ଲୁଲୁ ଭାଇ ରାକ୍ଷୀ ଫିଙ୍ଗି ଦେଲେ। ମାଆ କହିଲା – ହଉ, ପପୁ ଭାଇ ତ ପିନ୍ଧିଚି !!

ଶ୍ରୀଦେବୀ ସାନ ବୋହୂ ଓ ନାତିନାତୁଣୀଙ୍କ ସହିତ ସନ୍ଧ୍ୟା ପୂର୍ବରୁ ଉଦଳାରେ ପହଞ୍ଚିଲେ।



ଚା' ପିଇ ସାରିବା ପରେ ଶ୍ରୀଦେବୀ ସାନ ବୋହୂକୁ କହିଲେ – ସୁକାନ୍ତ ସତ କହୁଥିଲା। ଯୋଉଠି ସଂସ୍କାର ନାହିଁ, ସେଠି ଆଦର, ବ୍ୟବହାର, ସମ୍ମାନ ଓ ଭଲ ପାଇବା କୋଉଠି ଆସିବ। ଦୁଇ ଭାଇଙ୍କର ଗୋଟିଏ ବୋଲି ଝିଅ। କେତେ ସରାଗରେ ଛୋଟ ଝିଅଟିକୁ ନେଇ ତାଙ୍କ ଘରକୁ ଯାଇଥିଲି ଦୁଇ ଭାଇଙ୍କ ହାତରେ ରାକ୍ଷୀ ବାନ୍ଧିବା ପାଇଁ। ଭାବିଥିଲି ସେମାନେ ଭଲ ବ୍ୟବହାର କରିବେ। ଦୁଇ ପରିବାର ଭିତରେ ସୁସମ୍ପର୍କ ବୃଦ୍ଧି ପାଇଁ ଉଦ୍ୟମ କରିବେ। ମାତ୍ର ସେମାନଙ୍କର ଅହଙ୍କାର, ଆତ୍ମ ବଡ଼ିମା ସବୁ କିଛି ଭଣ୍ଡୁର କରିଦେଲା। ବାପମା' ଯେମନ୍ତ, ପୁତ୍ର ଦ୍ୱୟ ମଧ୍ୟ ସେମନ୍ତ। ଆମ୍ବଡା ଗଛରେ କଣ ଆମ୍ବ ଫଳିବ।

ତାପରେ କିଛି ସମୟ ନୀରବ ରହି ,ପୁଣି କଠୋର ସ୍ୱରରେ କହିଲେ – ଫିନୁ ଭବିଷ୍ୟତରେ ରାକ୍ଷୀ ବାନ୍ଧିବା ପାଇଁ ସେମାନଙ୍କ ପାଖକୁ କେବେହେଲେ ଯିବ ନାହିଁ। ଏହା ପ୍ରଥମ ଏବଂ ଶେଷ !!

ଉଦଳା, ମୟୂରଭଞ୍ଜ
ମୋ: ୭୦୦୮୨୩୭୬୫୦

## ।। ଚିନି ।।

ମିହିର ରଞ୍ଜନ ଦାସ

କେହି ଉଠିବା ଆଗରୁ ଭାବିଲି ଚା ଟିକେ କରି ପିଇବି। କଣ ସବୁ କୁହନ୍ତି ଅଘସା ଚା ପିଇଲେ କୁଆଡେ ଭଲ ଲାଗେ। ଫ୍ରିଜରୁ କ୍ଷୀର ବାହାର କଲି। ଅଳପ ପାଣି ମିଶେଇ ଗ୍ୟାସ ଲଗାଇଲି। ଚା ପତି ଖୋଜିକି ପାଇଲି କିନ୍ତୁ ଚିନି ଡବା ପାଇଲି ନାହିଁ। ସବୁ ଶୋଇଛନ୍ତି। କଣ କରିବି ବିନା ଚିନିରେ କଣ ଚା ପିଇବି ? ସବୁ ଦିନ ଯେଉଁଠି ଥାଏ ଚିନି ଡବା ଆଜି ଯେମିତି ଗାଏବ ହେଇ ଯାଇଛି। ସେ ଯାହା ହେଉ ଟିକେ ଗରମ ପାଣି ପେଟରେ ପଡିବା ଦରକାର। ବିନା ଚିନିରେ ଚଳାଇ ଦେବି ବୋଲି ଭାବି ବିନା ଚିନିରେ ଚା ପିଇକି ବାହାରିଲି ମର୍ନିଙ୍ଗ ଓ୍ୱାକରେ। ବାହାରେ ଦେଖିଲି ବର୍ଷା। ମନେ ପଡିଲା ଛତା କଥା। ନୂଆ ଛତାଟା ବିଗତ ବର୍ଷ କିଣିଥିଲି ଆଜି ଯାଏଁ ସେ ଆଲମିରାରେ ଥିଲା। କାଲେ ଆଲମିରାଟା ଖୋଲିଲେ ଶବ୍ଦ ହେବ ଆସ୍ତେ କରି ଖୋଲି ଯାହା






ଦେଖିଲି ଆଶ୍ଚର୍ଯ୍ୟ ହେଇଗଲି। ଚିନି ଡବାଟା ଆସି ଆଲମିରା ଭିତରେ। ଆଉ ଡବା ଉପରେ ଧଳା କାଗଜରେ ଲେଖା ହେଇଚି ଚିନି କିଲୋ ୭୦ଟଙ୍କା, ବିନା ଚିନିରେ ଚା ପିଅ। ଏ କାମ କାହାର ହେଇଥିବ ଆସିଲା ପରେ ଦେଖା ଦେଖି.. ଛତା ବାହାର କରି ଚାଲିବାକୁ ବାହାରିଲି। ଶୋଇବା ଘରୁ ଶୁଣିବାକୁ ପାଇଲି .. ଚିନି ଡବା ଆଲମିରା ଭିତରେ ଅଛି। ଗୋଟେ ଚାମଚ ନେବ...କଥାରୁ ଜାଣି ପାରିଲି ସତରେ କଣ ଚିନି ଏତେ ଦାମ ଯେ ତାକୁ ଆଲମିରା ଭିତରେ ଲୁଚେଇକି ରଖିବା ପାଇଁ ପଡ଼ିଲାଣି ...ହଉ .. ବର୍ଷା ବରଷୁ ଥାଏ, କିଛି ରାସ୍ତା ଚାଲିବା ପରେ ନଜର ପଡିଲା ଦାଶ ବାବୁଙ୍କ ଉପରେ। ଟିକେ ବଡ ପାଟିରେ ଡାକ ପକାଇ କହିଲି ଦାଶ ବାବୁ.. ଗୁଡ୍ ମର୍ନିଙ୍ଗ। ରୁହନ୍ତୁ ମିଶିକି ଯିବା। ବାଟରେ ଚାଲୁ ଚାଲୁ ଦାଶ ବାବୁ ପଚାରିଲେ 'ମହାପାତ୍ର ବାବୁ, କ'ଣ ସତରେ ଚିନିର ଦାମ ଏତେ ବଢ଼ି ଯାଇଛି ?

ମହାପାତ୍ର ବାବୁ ପ୍ରତି ଉତ୍ତରରେ କହିଲେ କାହିଁ କଣ ହେଲା କି ? ଦାଶ ବାବୁ କହିଲେ ନା ମ, ଆପଣ ତ ଜାଣିଛନ୍ତି ସକାଳୁ ଟିକେ ଚା ଦରକାର। ଘରଣି ଆମର ଶୋଇଥିଲେ। ତାଙ୍କୁ ନ ଉଠେଇ ଭାବିଲି ନିଜେ ଚୁପକରି ଚା' କରି ପିଇବା ପାଇଁ ହେଲେ କଣ କରିବି ଚିନି ଡବା ଟା ପାଇଲି ନାହିଁ.. ସେମିତି ଛତା ଧରି ବାହାରିଲି.. ମହାପାତ୍ର ବାବୁ ଟିକେ ରହି ମଜାରେ କହିଲେ 'ଆଲମିରା ଖୋଲି ଦେଖିଛନ୍ତି' ?

ମହାପାତ୍ର ବାବୁଙ୍କ କଥା ଶୁଣି ଆଶ୍ଚର୍ଯ୍ୟ ହେଇ ପଚାରିଲେ କଣ କହିଲେ, ଚିନି ଡବା ପୁଣି ଆଲମିରା!! ଆରେ ହଁ ମନେ ପଡିଲା କାଲି ଅଫିସରୁ ଆସିଲା ବେଳେ ଚା' ଦୋକାନରେ କୁହକୁହି ହେଉଥିଲେ ଚା ଦାମ ୧୦ଟଙ୍କା ହେବ.. ଏ ସବୁ ସେଇ ଚିନି ପାଇଁ ବୋଧେ.. ଏମିତି କଥା ହେଉ ହେଉ ଗୋଟେ ଚା' ଦୋକାନ ପାଖରେ ପହଞ୍ଚି ଦୁଇଟା ଚା' ଅଡର ଦେଲେ। ପଇସା ବଢ଼େଇ ଦେଇ ଦାଶ ବାବୁ କହିଲେ କାଲିଠୁଁ ଆଉ ଚା ପିଇବିନି.. ଡାକ୍ତର ମନା କରିଛନ୍ତି .. କିଛି କହିବା ଆଗରୁ ମହାପାତ୍ର ବାବୁ ଚା' ବାଲାକୁ କହିଲେ କଣ ଆଜି ଚା ଏତେ ଦାମ ? ଚା' ବାଲା କହିଲା ସାର ଏ ଉତ୍ତର ମୋ ପାଖରେ ନାହିଁ..

କଟକ
ମୋ.ନଂ-୯୫୫୬୩୯୧୪୧୫

## "ଅପରେସନ୍ ପତ୍ନୀ ପ୍ରସନ୍ନତା"

ମନୋଜ କୁମାର ବେହେରା

ଏହା ଗୋଟିଏ ସାମାନ୍ୟ ପ୍ରେମ କାହାଣୀ ଅଟେ । ବୈବାହିକ ପ୍ରେମ କାହାଣୀ ନାୟକ ହେଲେ ଦାମ ବାବୁ ଆଉ ନାୟିକା ତାଙ୍କ ପତ୍ନୀ । ବିବାହକୁ ବତିଶ ବର୍ଷ ପୁରି ଗଲାଣି । ଏବେ ପ୍ରେମକୁ ଖାଦ ଆଉ ପାଣି ଦେବାର ଆବଶ୍ୟକତା ଅଛି । ସଂଯୋଗ ବଶତଃ ଦିନେ ଦାମ ବାବୁଙ୍କ ନଜର ଗୋଟିଏ ପତ୍ରିକା ଉପରେ ପଡିଲା ଲେଖା ହେଇଥିଲା,'ନିଜର ପତ୍ନୀକୁ ଆଶ୍ଚର୍ଯ୍ୟ ମିଶ୍ରିତ ଖୁସି ଦେବାର ପାଞ୍ଚଟି ସରଳ ଉପାୟ' । ସେ ଭାବିଲେ,ମୁଁ ଏହାକୁ ଟିକିଏ ପରୀକ୍ଷା କରିକି ଦେଖେ ? ଯଦି ଏତେ ବର୍ଷ ପରେ ଜୀବନରେ ପତ୍ନୀକୁ ଆଶ୍ଚର୍ଯ୍ୟ ଚକିତ କରିବାର ଅବସର ମଧ୍ୟ ତ ଟିକିଏ ମିଳିବା ଦରକାର ! ପ୍ରଥମ ଉପାୟ ହେଲା,'ପ୍ରେମ ପତ୍ର ଲେଖିବା' । ଦାମ ବାବୁ ପୁରା ମନ ଦେଇ ପତ୍ର ଲେଖିଲେ । ସେଥିରେ କିଛି ଏମିତି ବିଷୟର କଥା ଥିଲା,'ତୁମେ ମୋର ଜୀବନ ଅଟ, ତୁମେ ମୋର ପ୍ରାର୍ଥନା ଅଟ..' । ଆଉ ପତ୍ରକୁ ସ୍ତ୍ରୀଙ୍କୁ ଦେଲେ । ଆଶା ଥିଲା କି ଚେହେରା ଉପରେ ଆଶ୍ଚର୍ଯ୍ୟ ଖେଳିବ, ଆଖିରେ ପ୍ରେମ ଦୌଡିବ । ପତ୍ନୀ ପତ୍ର ପଢିଲେ ଆଉ ବକ୍ର ଦୃଷ୍ଟିରେ ଦେଖିକରି କହିଲେ,'ଦିନସାରା ମୋର ପଚାଶ ଭୁଲ୍ ବାହାର କରୁଛ ଆଉ ପତ୍ରରେ ଏବେ ଏତେ ପ୍ରେମ ଉଛୁଳି ପଡୁଛି' । କ'ଣ ଆବଶ୍ୟକ ଅଛି ଏହି ଛଳନା କରିବାରେ ? ପ୍ରଥମ ତୀର ସେହିଠାରେ ଶହୀଦ ହୋଇଗଲା ।

ଏବେ ଦ୍ୱିତୀୟ ଉପାୟ ଥିଲା 'ଫୁଲ ଦିଅ' । ଦାମବାବୁ ଶହେ ଟଙ୍କାର ଫୁଲତୋଡା କିଣି ନେଇ ଆସିଲେ । ଆଉ ସ୍ତ୍ରୀଙ୍କୁ ଦେଲେ । 'ଏହାର ଦାମ୍ କେତେ ?' ପତ୍ନୀ ପଚାରିଲେ । 'ଶହେ ଟଙ୍କା..' ସେ ଗର୍ବରେ କହିଲେ । କାଲି ସକାଳେ ତ ଏଇଟା ଅଳିଆ ଗଦାକୁ ଯିବ । କିଛି ଏମିତି ଜିନିଷ ଆଣିଆନ୍ତ ଯାହା କାମରେ ଆସିଥାନ୍ତା । ଦାମ ବାବୁଙ୍କ ମନରେ ଆସିଲାକି ମୁହଁରେ ଲଗେଇବା ବାଲା କ୍ରୀମ୍-ପାଉଡର ମଧ୍ୟ ଶେଷରେ ୱାସ୍ ବେସିନର ନଳାରେ ହିଁ ଯାଇଥାଏ । କ'ଣ କରିବା ପ୍ରେମକୁ ତ ଆଗକୁ ବଢେଇବାର ଥିଲା, ସେଥିପାଇଁ ତର୍କକୁ ଏହିଠାରେ ସେ ପୋତି ଦେଲେ । ତୃତୀୟ ଉପାୟ ଥିଲା,'ରୋମାଣ୍ଟିକ୍ ସପ୍ତାହ' ! ଦାମ ବାବୁ ପାଖରେ ଥିବା ହିଲ୍ ଷ୍ଟେସନ୍‌ରେ ଟିକେଟ ଆଉ ହୋଟେଲ୍ ବୁକ୍ କରିଦେଲେ । ମନରେ ପ୍ରେମର ପୁରୁଣା ଯୌବନକୁ ସବୁ ଜଳେଇବାର ସ୍ୱପ୍ନ ଥିଲା । କିନ୍ତୁ ପୁରା ରାସ୍ତାରେ ପତ୍ନୀ ଗୃହସ୍ଥିର ଲେଖା-ଯୋଖା ଶୁଣେଉଥିଲେ । 'କେମିତି ଯୋଡି-ଯୋଡି କରି ସେ ଘର ଚଳଉ ଥିଲେ, ଯାହା ପାଇଁ ଘରଟା ଆଜି ଆମ ନିଜର ହେଇଛି ନହେଲେ ଏହି ବୟସରେ କ'ଣ ଭଡା ଘରେ ରହିଥାନ୍ତେ' । ହୋଟେଲ୍‌ରେ ପହଞ୍ଚିଲା ପରେ ଦାମ ବାବୁଙ୍କୁ ଲାଗିଲା କି ରୋମାଂସ ପାହାଡ ଉପରେ ନୁହେଁ, ବାଟର ରାସ୍ତାରେ କେଉଁଠି ପଡି ଯାଇଥିଲା । ଚତୁର୍ଥ ଉପାୟ ଥିଲା,'କପଲ ସ୍ପା' । ତିନିଟା ଅସଫଳ ପ୍ରୟାସ ପରେ ସେ ହାର ମାନି ନଥିଲେ । ସେ ତୁରନ୍ତ ସ୍ପା ବୁକ୍ କରିଦେଲେ । ମସାଜରେ ସିନା ଶରୀରର ଥକାପଣ କିଛି କମ୍ ହେଲା, କିନ୍ତୁ ଖର୍ଚ୍ଚର ହିସାବ ଶୁଣିଲା ପରେ ମାନସିକ ଥକା ବହୁତ ଗୁଣା ବଢିଗଲା । ଏବେ ସେ ନିର୍ଣ୍ଣୟ କଲେ କି ଆଗକୁ ଏମିତି ଉପାୟ କରିବେନି ଯେଉଁଥିରେ ଅଯଥା ଟଙ୍କା ଖର୍ଚ୍ଚ ହେବ । ହଠାତ୍ ପତ୍ରିକାର ପଞ୍ଚମ ଉପାୟ ସାମନାକୁ ଆସିଲା 'ନିଜର ରଚନାତ୍ମକତାର ପ୍ରୟୋଗ କରନ୍ତୁ' । ଦିନେ ତାଙ୍କ ସ୍ତ୍ରୀ ସକାଳୁ ମନ୍ଦିର ଯାଇଥିଲେ । ଦାମ ବାବୁ ରୋଷେଇ ଘରେ ନିଜର ରଚନାତ୍ମକ ପ୍ରତିଭାର ପ୍ରୟୋଗଶାଳା ବନେଇ ଦେଲେ । ପ୍ରତ୍ୟେକ ଡବା ଉପରେ ତା' ଭିତରେ ରଖା ଯାଇଥିବା ବସ୍ତୁର ନାମ ଲେଖିକରି ସୁନ୍ଦର ଷ୍ଟିକରରେ ଲଗେଇ ଦେଲେ । ଆଉ ସବୁ ଡବାକୁ ବର୍ଣ୍ଣକ୍ରମରେ ସଜେଇ ଦେଲେ । ଏବେ ପତ୍ନୀ ଘରକୁ ଫେରି ଆସିଲେ । ରୋଷେଇ ଘରକୁ ଟିକିଏ ଭଲ ଭାବରେ ଦେଖିଲେ । କିଛି କ୍ଷଣ ମୌନ ରହିଲେ । ତା'ପରେ ବେଲଣା ବାଡି ଉଠେଇଲେ । ଏବେ ଦାମ ବାବୁଙ୍କର ମୁଣ୍ଡରେ ଚେତା ପଶିଲା କି ରଚନାତ୍ମକର କୌଣସି ସୀମା ହୋଇ ନଥାଏ । କିନ୍ତୁ ପତ୍ନୀର ଧୈର୍ଯ୍ୟର ଜରୁରୀ ହୋଇଥାଏ । ସେଦିନ ସେ ଜୀବନର ସବୁଠୁ ବଡ ବୈବାହିକ ସତ୍ୟ ଶିଖିଲେ,'ପତ୍ନୀକୁ ଖୁସି କରିବାର ପ୍ରୟାସ ବହୁତ ଭଲ କଥା, କିନ୍ତୁ ଏହା ମାନି ନେବା କି ସେ ଖୁସି ହେବ ! ବୈବାହିକ ଜୀବନର ସବୁଠୁ ବଡ ଭୁଲ୍ ଅଟେ' ॥



ପ୍ଲଟ ନମ୍ବର-୨୧୭/ପି,
ବାୟାବାବା ମଠ ଲେନ୍,
ୟୁନିଟ୍-୯(ଫ୍ଲାଟ),ଭୁବନେଶ୍ୱର-୨୨
ଫୋନ୍-୭୯୭୮୮୩୦୬୧୧

## ପ୍ରଚ୍ଛଦପଟ୍ଟର କାହାଣୀ

ରତ୍ନକାନ୍ତି ମିଶ୍ର

ମୁଁ ଗତବର୍ଷ ଏମିତି ଗୋଟିଏ ଘଟଣା ସହିତ ଜଡିତ ହୋଇ ଯାଇଥିଲି ଯାହା ଜୀବନରେ କେବେ ଭୁଲିବାର ନୁହେଁ। ହେଲେ ଯେଉଁଟା ସତ୍ୟ ଘଟଣା ସେଇଟାକୁ କଳ୍ପନା ପ୍ରସୂତ ଆଖ୍ୟା ଦିଆଯାଇ, ଯେଉଁଟା ତୁଚ୍ଛା ମିଛ ତା ଉପରେ ଅନୁଶୀଳନ କରାଯାଇ ମୋତେ ହିଁ ଦୋଷ ସ୍ୱୀକାର କରିବାକୁ ବାଧ୍ୟ କରାଯାଇଥିଲା।

ଯିଏ ନିଜକୁ ଠିକ୍ ବୋଲି ପ୍ରତିପାଦିତ କରିବାକୁ ଯାଇ ମୋତେ ଭୁଲ୍ ମଗାଇବାକୁ ମିଛ କାହାଣୀ ପ୍ରସ୍ତୁତ କରିଥିଲେ ସେ ହେଉଛନ୍ତି ମୁଁ ମାଥମେଟିକସ୍ ପଢ଼ାଉଥିବା ଟିୟୁଟୋରିଆଲସର କେୟାର ଟେକର। ତାଙ୍କରି କଥାରେ ଅନୁଷ୍ଠାନର ମୁଖ୍ୟ ପ୍ରଦୋଷ ବାବୁ ମୋତେ ତାତ୍ସଲ୍ୟ କରିବାକୁ ପଛାଇନଥିଲେ। ଯେହେତୁ ସେଇ କେୟାର ଟେକର ଜଣକ ବହୁ ବର୍ଷ ଧରି ସଂସ୍ଥା ସହିତ ଜଡ଼ିତ ଏବଂ ମୋଟାମୋଟି ଅନୁଷ୍ଠାନକୁ ସୁପରିଚାଳନା କରି ଆସିଛନ୍ତି ତାଙ୍କ କଥାକୁ ପ୍ରଦୋଷ ବାବୁ ବିନା ଦ୍ୱିଧାରେ ଗ୍ରହଣ କରିନେଇଥିଲେ। ଏକଥା ମୁଁ ମର୍ମେ ମର୍ମେ ଅନୁଭବ କରିଥିଲେ ବି ଶେଷରେ ନିଜକୁ ଚୁପ୍ କରାଇ ନେବାକୁ ଠିକ୍ କରିଥିଲି।

ମୁଁ ନିଜର ପକ୍ଷ ରଖି ଘଟଣା ବିଷୟରେ କିଛି କହିବାକୁ ଚାହିଁଲେ ବି ସେସବୁ ଶୁଣିବା ମୁଡ୍ ରେ ହିଁ ନଥିଲେ ପ୍ରଦୋଷ ବାବୁ। ଅପରନ୍ତୁ ' ମୁଁ ଏତେ ବର୍ଷ ଧରି ମଣିଷ ତିଆରି କାରଖାନା କରିଛି, ମଣିଷ ଦେଖି ପରା ବୁଝିହେବ କିଏ ସତ କିଏ ମିଛ କହୁଛି' ବୋଲି ଏମିତି ଅଙ୍ଗଭଙ୍ଗୀ ଦେଖାଇ କହିଲେ ଯେ , ଯେମିତି ସେ ମୋତେ ଇଙ୍ଗିତ କରି କହୁଛନ୍ତି ବୋଲି ମୁଁ ବୁଝି ପାରିଲି। ସତରେ ସେଇ ମୁହୂର୍ତ୍ତରେ ମୁଁ ଖୁବ୍ ଅସହାୟ ହୋଇ ପଡିଲି। ନିଜ ସ୍ୱାଭିମାନକୁ ଜଗି ସେ ଜାଗାରେ ପାଠ ପଢାଇବାରୁ ବିରତ ରହିବା ପାଇଁ ନିଷ୍ପତ୍ତି ନେଇଥିଲେ ବି ଶେଷ ପର୍ଯ୍ୟନ୍ତ ନିଜ ସିଦ୍ଧାନ୍ତରୁ ଓହରି ଆସିବାକୁ ବାଧ୍ୟ ହୋଇଥିଲି।

ମୁଁ ଦୁଇଟି କାରଣ ପାଇଁ ସବୁ ଅପମାନକୁ ସହି ଯାଇଥିଲି ।

ପ୍ରଥମତଃ ପ୍ରାଇଭେଟ୍ କମ୍ପାନୀର ମାର୍କେଟିଙ୍ଗ ଜବ ମୋତେ କିଛି ମାସ ଆଗରୁ ଛାଡ଼ିବାକୁ ପଡ଼ିଥିଲା ଦୁର୍ଘଟଣା ଜନିତ କାରଣରୁ। କେଇ ମାସ ଧରି ଅପେକ୍ଷା କରିବାକୁ ମାର୍କେଟିଂ କମ୍ପାନୀ ପ୍ରସ୍ତୁତ ନଥିଲା। ନିଜର ପୁରୁଣା ଏମ୍ପ୍ଲୟି ଜାଗାରେ ନୂଆ ଗ୍ରହଣ କରି ନେଇଥିଲେ। ତେଣୁ ଚଲାବୁଲା କରିବା ଅବସ୍ଥାରେ ପହଞ୍ଚିଗଲା ବେଳକୁ ମୁଁ ଏଇ ନୂଆ ଜବକୁ ଆଦରି ନେବାକୁ ବାଧ୍ୟ ହୋଇଥିଲି। ସେତେବେଳେ ସେଇ ରୋଜଗାର ମାଧ୍ୟମକୁ ପୁଣି ଥରେ ଛାଡ଼ିବାକୁ ପରିସ୍ଥିତିରେ ହିଁ ନଥିଲି ମୁଁ।

ଦ୍ୱିତୀୟତଃ ମୁଁ ଚାହିଁ ନଥିଲି ମୋର ଅନୁଷ୍ଠାନ ଛାଡିବାର କାହାଣୀ ଆଉ କେହି ଶୁଣନ୍ତୁ ବୋଲି। ନଚେତ୍ ମୋତେ ଜଣେ ବଦମିଜାଜ୍ ବ୍ୟକ୍ତି ଭାବରେ ଚିତ୍ରଣ କରିବାରେ ପ୍ରଦୋଷ ବାବୁ ଏବଂ ତାଙ୍କ କେୟାର ଟେକର ପଶ୍ଚାତପଦ ହେବେ ନାହିଁ।

ସେଇ ଟିୟୁଟୋରିଆଲସ୍‌ରେ ମାଥମେଟିକସ୍ ପଢ଼ାଇବା ପାଇଁ ଦୁଇ ଜଣ ଟିଚରଙ୍କ ମଧ୍ୟରୁ ମୁଁ ଜଣେ। କ୍ଲାସ ଗଣତି ହିସାବରେ ପଇସା ମିଳୁଥିଲା। ଟିୟୁଟୋରିଆଲସ୍‌ର ପ୍ରତିଷ୍ଠାତା ପ୍ରଦୋଷ ବାବୁଙ୍କ ତତ୍ତ୍ୱାବଧାନରେ ସବୁ କିଛି ଚାଲୁଥିଲେ ବି କେୟାର ଟେକରଙ୍କ ମତାମତ ନେଇ ସେ ଯାହା କିଛି କରୁଥିଲେ।

କାହାକୁ କେବେ, କେଉଁ ଦିନ ଏବଂ କେଉଁ ସମୟରେ କ୍ଲାସ ଦିଆଯିବ ସେ ସବୁ ଠିକ୍ କରୁଥିଲେ କେୟାର ଟେକର। ମୋର କ୍ଲାସ୍‌କୁ କାଟି ଆର ସାରଙ୍କୁ ଦେବା, ଯେଉଁ ସମୟରେ ମୁଁ କ୍ଲାସ ନେଇ ପାରିବ ନାହିଁ ସେଇ ସମୟକୁ କ୍ଲାସ ଦେବା, ବାରମ୍ବାର କ୍ଲାସ ନେବାର ସମୟ ବଦଳେଇ ଦେବା ଇତ୍ୟାଦିରେ ଅସନ୍ତୁଷ୍ଟ ହୋଇଥିଲି ମୁଁ ଏବଂ ନିଜର ଅସୁବିଧା କଥା ଦିନେ ଜଣେଇ ଥିଲି କେୟାରଟେକରଙ୍କୁ। ହେଲେ ପରିସ୍ଥିତିରେ କିଛି ସୁଧାର ଆସି ନଥିଲା।

ଦିନେ ନିଜ କ୍ଲାସ ସମୟରେ ମୁଁ ପହଞ୍ଚିଲା ବେଳକୁ ମୋ ପାଇଁ ଉଦ୍ଦିଷ୍ଟ କ୍ଲାସ ନେଉଥିଲେ ଆର ସାର ଜଣକ। ମୁଁ ଏଥିପାଇଁ ନିଜର କ୍ଷୋଭ ପ୍ରକାଶ କଲି। ପ୍ରକୃତରେ ମୋତେ ଯଦି ଆଗରୁ ଜଣାଇ ଦିଆଯାଇଥାନ୍ତା ମୁଁ ଟିୟୁଟୋରିଆଲସ୍ ପାଖକୁ ଯାଇ ନଥାନ୍ତି।

–'ଏ ଯେଉଁ ସବୁ ଅସୁବିଧା ହେଉଛି, ସବୁ ସାର୍‌ଙ୍କ କ୍ଷେତ୍ରରେ ହେଉଛି । କାହାର ତ କିଛି କମ୍ପଲେନ ନାହିଁ, ଆପଣଙ୍କର ହିଁ ସବୁ ସମୟରେ କମ୍ପଲେନ। ଆପଣ କେମିତିକା ଲୋକ କେଜାଣି !' ଉତ୍ୟକ୍ତ ହୋଇ କହିଲେ ସେଦିନ କେୟାର ଟେକର।

ଏଥିରେ ସାମାନ୍ୟ ଉତ୍ତେଜିତ ହୋଇ ପଡିଲି ମୁଁ ଏବଂ କହିଲି ' ଆପଣ ଠିକ୍ ବ୍ୟବହାର ଶିଖି ନାହାନ୍ତି। ଆପଣ କଥାରେ ଶାଳୀନତା ରକ୍ଷା କରନ୍ତୁ। ନଚେତ୍ ମୁଁ ପ୍ରଦୋଷ ବାବୁଙ୍କୁ ଆପଣଙ୍କ ବ୍ୟବହାର ବିଷୟରେ କହିବି।'

–' କହୁ ନାହାନ୍ତି କାହାକୁ କଣ କହିବେ। ପ୍ରଦୋଷ ବାବୁ ନିଜେ ଆପଣଙ୍କ କ୍ଲାସ କାଟିବାକୁ କହିଛନ୍ତି। ଆପଣଙ୍କ ପାଠ ପଢା ନାଇନ କ୍ଲାସ ପିଲା ବୁଝି ପାରୁନାହାନ୍ତି। ସେଥିପାଇଁ ବିମଳ ସାରଙ୍କୁ ଆପଣଙ୍କ କ୍ଲାସ ଦିଆ ଯାଇଛି।'

–' ଏଇଟା ମିଛ କଥା। ବରଂ ପିଲାମାନେ ବିମଳ ସାରଙ୍କୁ ଠିକ୍ ଭାବେ ବୁଝି ପାରୁନାହାନ୍ତି ବୋଲି, ଅନେକ ପ୍ରୋବଲେମ ସଲଭ୍ କରିଦେବାକୁ ମୋତେ ରିକ୍ୱେଷ୍ଟ କରୁଛନ୍ତି। ମୁଁ ସେମାନଙ୍କୁ ସାହାଯ୍ୟ କରିଛି ସିନା, ସାରଙ୍କ ନାଁ ରେ କେବେ ପଦଟିଏ ଖରାପ କହିନି। କୌଣସି ପିଲା ମୋ ନାଁ ରେ କିଛି କମ୍ପଲେନ କରିନଥିବେ ବୋଲି ମୋର ବିଶ୍ୱାସ।'

–' କରିଛନ୍ତି। ସେଇ ଯେଉଁ ଝିଅ ସୁଶ୍ରୀ, ସେ ନିଜେ ସାରଙ୍କୁ କହିଛି ଆପଣ ବୁଝାଇଲେ ସେମାନେ ବୁଝି ପାରୁ ନାହାନ୍ତି ବୋଲି।'କେୟାର ଟେକର ଆହୁରି ଉଚ୍ଚ ସ୍ୱରରେ କହିଲେ। ମୁଁ କିନ୍ତୁ ନିଶ୍ଚିତ ଥିଲି ଯେ ଏ ଘଟଣା ପଛରେ କିଛି ଚାଲ୍ ଅଛି। ସମୟ ସବୁ ଠିକ୍ କରିଦେବ ଭାବି ଚୁପ୍ ରହିଲି। ଏମିତିକି କାଳେ କେୟାର ଟେକରଙ୍କ ଉପରେ ଗାଳି ପଡିବ ସେଇ ଭୟରେ ଏସବୁ ବିଷୟରେ କିଛି କହିନଥିଲି ପ୍ରଦୋଷ ବାବୁଙ୍କୁ।

ହେଲେ ଫଳ ହେଲା ଠିକ୍ ଓଲଟା। ନିଜେ କହିଥିବା କଥା ସବୁକୁ ମୁଁ କହିଛି ବୋଲି ଆଗତୁରା ପ୍ରଦୋଷ ବାବୁଙ୍କୁ ଜଣାଇଦେଇଥିଲେ କେୟାର ଟେକର। ତାର ଫଳ ସ୍ୱରୂପ ମୁଁ ହିଁ ପ୍ରଦୋଷ ବାବୁଙ୍କ ରୋଷର ଶିକାର ହେଲି।

ହେଲେ ଏ ବର୍ଷ ନାଇନଥ୍ ଷ୍ଟାଣ୍ଡାର୍ଡରେ ପଢୁଥିବା ପିଲାଙ୍କ ଭିତରୁ କେତେ ଜଣ ଟେନଥ ବେଳକୁ ଛାଡି ଦେଇଥିଲେ। ସେମାନଙ୍କ ମଧ୍ୟରେ ସୁଶ୍ରୀ ବି ଥିଲା। ସେମାନେ କାହିଁକି ଛାଡ଼ିଲେ ବୋଲି କାହାକୁ କିନ୍ତୁ ମୁଁ ପଚାରି ବୁଝି ନଥିଲି। ଯେମିତି ସୁଶ୍ରୀ କିମ୍ବା ଅନ୍ୟ କାହାଠୁ ବି କେୟାର ଟେକର ଗତବର୍ଷ ମୋ ବିଷୟରେ କହିଥିବା କଥା ସତ କି ମିଛ ବୋଲି ପଚାରି ବୁଝିନଥିଲି ।

କାଳେ ସତକୁ ସତ ମୋ ପାଠପଢ଼ା ଖରାପ ପାଇଁ ସେମାନେ ଟିୟୁଟୋରିଆଲସ୍ ଛାଡ଼ି ଦେଇଛନ୍ତି ଭାବି ଅନେକ ଗ୍ଲାନି ଭିତରେ ଥିଲି। ତଥାପି ମୋତେ ମିଳୁଥିବା କ୍ଲାସରେ ପିଲାଙ୍କୁ ଯଥାରୀତି ପଢେଇ ଚାଲିଥିଲି ଏବଂ ମାଥମେଟିକସ୍‌କୁ ପିଲାଙ୍କ ପ୍ରିୟ ଭାଜନ କରାଇବାକୁ ଚେଷ୍ଟା କରିଥିଲି।

ମୋତେ ଏଇ କେତେଦିନ ଆଗରୁ ଫୋନ୍ କଲ୍ ଟିଏ ମିଳିଲା ସୁଶ୍ରୀ ମାଆଙ୍କ ପାଖରୁ। ଫୋନ୍ ରିସିଭ୍ କଲି ତ 'ଶୁଭେନ୍ଦୁ ସାର, ମୁଁ ସୁଶ୍ରୀର ମାମା କହୁଛି' ଶୁଣିଲା ବେଳକୁ ମୋ ମନରେ କେତେ କଣ ଭାବନା ଖେଳିଗଲା। ମୁଁ ସିନା ସୁଶ୍ରୀ ଉପରେ ଗତବର୍ଷ ରାଗିଥିଲି ହେଲେ ପ୍ରତ୍ୟକ୍ଷରେ ହେଉ ବା ପରୋକ୍ଷରେ ହେଉ ତା ବିଷୟରେ କିଛି ବି କହିନଥିଲି.. !

କ୍ଷଣେ ଚୁପ୍ ରହିଲି ମୁଁ।

–' ସାର, ଆପଣ ଟିକେ ସମୟ ବାହାର କରି ଆମ ଘରକୁ ଆସି ସୁଶ୍ରୀକୁ ମାଥମେଟିକସ୍ ପଢ଼େଇଲେ ଭଲ ହୁଅନ୍ତା।'

ବାସ୍ ଏତିକିରେ ମୋ ମନରେ ଗତବର୍ଷରୁ ବସା ବାନ୍ଧିଥିବା ସବୁ ସଂଶୟ ଦୂର ହୋଇଯାଇଥିଲା। ମୁଁ ତାଙ୍କୁ ସମ୍ମତି ଜଣାଇଲି।

ଏଇ ଦୁଇ ଦିନ ତଳେ ଗୋଟିଏ ରୋଚକ ଘଟଣା ମୋତେ ଯେତିକି ଆମୋଦିତ କଲା ସେତିକି ଆଶ୍ଚର୍ଯ୍ୟ ଚକିତ କଲା।

ବିମଳ ସାର ଦେଖା ହୋଇଗଲେ ବାଟରେ।

–'ଶୁଭେନ୍ଦୁ ସାର, ଗୋଟିଏ କଥା ପଚାରିବି। ଖରାପ ଭାବିବେ ନାହିଁ। ବିକାଶ ବାବୁ ତାଙ୍କ ପୁଅକୁ ଘରେ ଯାଇଁ ପଢ଼ାଇବାକୁ ଆପଣଙ୍କୁ କହୁଥିଲେ କି ?'

ମୁଁ ମୁଣ୍ଡ ହଲାଇ ନା ରେ ଉତ୍ତର ସାରିଲି।

–'ଯଦି ବା କହିବେ ଆପଣ ମନା କରିବେ। ମୁଁ ଏଇ ମାସଠୁ ତାଙ୍କ ପୁଅକୁ ଟିୟୁସନ ପଢ଼ାଇବାକୁ ମନା କରିଦେଇଛି। ଏକେ ତ ଟିୟୁସନ ପଇସା ଦେବେ ନାହିଁ ପୁଣି ମାସେ ଦି ମାସ ଛାଡି ପଇସା ଉଧାର ମାଗିବେ। ହେଲେ ଫେରେଇବାର ନାହିଁ। ବଡ଼ ବଦମାସ୍ ଲୋକ।' ମୋତେ ସମୟ ନାହିଁ ଏବଂ କେୟାର ଟେକର (ବିକାଶ ବାବୁ)ଙ୍କ ପୁଅକୁ ଟିୟୁସନ ପଢ଼ାଇବାକୁ ଯିବି ନାହିଁ ବୋଲି ସାରଙ୍କୁ ଆଶ୍ୱସନା ଦେଲି। ଏବେ ଗୋଟିଏ କଥା ମୋ ମନକୁ ଆସିଲା। ଉଧାର ପଇସା ଏବଂ ପୁଅ ଟିୟୁସନ ପଇସା ବାବଦରେ କେୟାର ଟେକର ବିମଳ ସାରଙ୍କୁ ଏକସଟ୍ରା କ୍ଲାସ ନେବାକୁ ସୁଯୋଗ ଦେଉ ନଥିଲେ ତ.. !



ଆଳି, କେନ୍ଦ୍ରାପଡ଼ା

# ଆଜିଠୁ ଦୁବାଇରେ ଆରମ୍ଭ ହେବ ମହିଳା ଏସିଆ କପ୍ କ୍ରିକେଟ୍

**ଦୁବାଇ**

ମହିଳା ଏସିଆ କପ୍ କ୍ରିକେଟ୍ ଶୁକ୍ରବାରଠୁ ଦୁବାଇରେ ଆରମ୍ଭ ହେବ। ସେପ୍ଟେମ୍ବର ୧୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଟ୍ୱେଣ୍ଟି-୨୦ ପ୍ରତିଯୋଗିତାରେ ୮ ଦଳ ଭାରତ ସହ ବିଜେତା ଶ୍ରୀଲଙ୍କା, ପାକିସ୍ତାନ, ବାଂଲାଦେଶ, ଥାଇଲାଣ୍ଡ, ହଂକଂ, ଚୀନ୍, ୟୁଏଇ ଓ ଇଣ୍ଡୋନେସିଆ ଅଂଶଗ୍ରହଣ କରୁଛନ୍ତି। ୨୦୨୪ ଫାଇନାଲ୍‌ରେ ଶ୍ରୀଲଙ୍କାଠୁ ହାରିଥିବା ଭାରତ ଏଥର ଟ୍ରଫି ଜିତିବା ଲକ୍ଷ୍ୟରେ ରହିଛି। ଚଳିତ ସଂସ୍କରଣରେ ଭାରତ ଗ୍ରୁପ୍-ଏ'ରେ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ, ହଂକଂ ଓ ଥାଇଲାଣ୍ଡ ସହ ରହିଛି। ଭାରତ ରବିବାର ପାକିସ୍ତାନ ବିପକ୍ଷରୁ ଅଭିଯାନ ଆରମ୍ଭ କରିବ। ଶୁକ୍ରବାର ଉଦ୍‌ଘାଟନୀ ମୁକାବିଲାରେ ଥାଇଲାଣ୍ଡ ଓ ହଂକଂ ମୁହାଁମୁହିଁ ହେବେ।



# ଡ୍ର' ହେଲା କଲମ୍ବୋ ଟେଷ୍ଟ : ୧-୦ରେ ସିରିଜ୍ ଜିତିଲା ଗିଲ୍ ବାହିନୀ

**କଲୋମ୍ବୋ**

କଲୋମ୍ବୋର ଏସ୍‌ଏସ୍‌ସି ମଇଦାନରେ ଅନୁଷ୍ଠିତ ହେଉଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଅତି ରୋମାଞ୍ଚକ ମୋଡ଼୍‌ରେ ଡ୍ର' ହୋଇଛି। ଅନ୍ତିମ ଦିନରେ ଦମ୍‌ଦାର ବ୍ୟାଟିଂ ପ୍ରଦର୍ଶନ କରିଥିଲେ ସିଂହଳି ବ୍ୟାଟ୍ସମ୍ୟାନ୍। ଶ୍ରୀଲଙ୍କାର ଯୁବ ବ୍ୟାଟ୍ସମ୍ୟାନ୍ ସୋନାଲ ଦିନୁଷାଙ୍କ ଅବିଶ୍ୱସନୀୟ ଶତକ ଏବଂ ଦୃଢ଼ ବ୍ୟାଟିଂ ବଳରେ ଶ୍ରୀଲଙ୍କା ମ୍ୟାଚ୍ ବଞ୍ଚାଇବାରେ ସଫଳ ହୋଇଛି। ଏହି ମ୍ୟାଚ୍ ଡ୍ର' ହେବା ସତ୍ତ୍ୱେ ଭାରତୀୟ ଦଳ ୧-୦ ବ୍ୟବଧାନରେ ସିରିଜ୍ ଜିତି ନେବାରେ ସଫଳ ହୋଇଛି।

ଏହି ମ୍ୟାଚ୍‌ରେ ଭାରତ ପ୍ରଥମ ପାଳିରେ ୫୦୩/୯ (ଡିକ୍ଲେୟାର) ରନ୍‌ର ଏକ ବିଶାଳ ସ୍କୋର୍ କରିଥିଲା। ଶ୍ରୀଲଙ୍କାର ପ୍ରଥମ ପାଳି ମାତ୍ର ୨୯୦ ରନରେ ସୀମିତ ରହିଥିଲା, ଯାହା ଫଳରେ ଭାରତ ପ୍ରଥମ ପାଳି ଆଧାରରେ ୨୧୩ ରନର ଆଗରେ ରହିଥିଲା। ଯାହାଫଳରେ ଶ୍ରୀଲଙ୍କାକୁ ଫଲୋଅନ୍ ଦେଇଥିଲା। ପ୍ରଥମ ପାଳିରେ ପଛରେ ପଡ଼ିବା ପରେ ଶ୍ରୀଲଙ୍କା ଦ୍ୱିତୀୟ ପାଳିରେ ଅତି ଚମତ୍କାର ପ୍ରତ୍ୟାବର୍ତ୍ତନ କରିଥିଲା।



ଫଲୋଅନ୍ ପରେ ବ୍ୟାଟିଂ କରିବାକୁ ଆସିଥିବା ଶ୍ରୀଲଙ୍କା ଆରମ୍ଭରୁ କିଛି ୱିକେଟ୍ ହରାଇଥିଲେ ମଧ୍ୟ ସୋନାଲ ଦିନୁଷା ଏକାକୀ ପାଳି ସମ୍ଭାଳିଥିଲେ। ସେ ଚମତ୍କାର ବ୍ୟାଟିଂ ପ୍ରଦର୍ଶନ କରି ଏହି ସିରିଜ୍‌ରେ ନିଜର ତୃତୀୟ ଶତକ ଅର୍ଜନ କରିଥିଲେ। ତାଙ୍କର ଏହି ଧୈର୍ଯ୍ୟପୂର୍ଣ୍ଣ ଓ ଦାୟିତ୍ୱ-ସମ୍ପନ୍ନ ଇନିଂସ୍ ବଳରେ ଶ୍ରୀଲଙ୍କା ମ୍ୟାଚ୍‌କୁ ହାରିବାରୁ ରକ୍ଷା କରିପାରିଛି। ପଞ୍ଚମ ଦିନର ଶେଷ ସୁଦ୍ଧା ଶ୍ରୀଲଙ୍କା ନିଜର ଦ୍ୱିତୀୟ ପାଳିରେ ୯ ୱିକେଟ୍ ହରାଇ ୪୨୯ ରନ୍ ସଂଗ୍ରହ କରିଥିଲା ଏବଂ ଏହାପରେ ଉଭୟ ଅଧିନାୟକ ମ୍ୟାଚ୍‌କୁ ଡ୍ର' କରିବାକୁ ନିଷ୍ପତ୍ତି ନେଇଥିଲେ।

ଭାରତୀୟ ବୋଲରମାନେ ମ୍ୟାଚ୍‌ର ଶେଷ ପର୍ଯ୍ୟନ୍ତ ପୂରା ଜୋର ଲଗାଇଥିଲେ। ରବୀନ୍ଦ୍ର ଜାଡ଼େଜା ଏବଂ ମାନବ ସୁଥାର୍ କିଛି ଗୁରୁତ୍ୱପୂର୍ଣ୍ଣ ୱିକେଟ୍ ଦଖଲ କରି ଭାରତକୁ ବିଜୟ ଆଡ଼କୁ ନେବାକୁ ଚେଷ୍ଟା କରିଥିଲେ ମଧ୍ୟ ଶ୍ରୀଲଙ୍କାର ଲାଞ୍ଜୁଆ ବ୍ୟାଟିଂ ଆଗରେ ସେମାନଙ୍କ ରଣନୀତି ସମ୍ପୂର୍ଣ୍ଣ ସଫଳ ହୋଇପାରି ନଥିଲା। ଦ୍ୱିତୀୟ ପାଳିରେ ମାନବ ସୁତାର ଏବଂ ରବିନ୍ଦ୍ର ଜାଡ଼େଜା ୩ଟି ଲେଖାଏଁ ୱିକେଟ ନେବାରେ ସଫଳ ହୋଇଥିଲେ। ମାତ୍ର ଘରୋଇ ଦଳ ବିପକ୍ଷରେ ଥିବା ମ୍ୟାଚ୍ ଶେଷରେ ଡ୍ର' ହୋଇଛି।

# ଏଏଫ୍‌ସି ୧୭ ବର୍ଷରୁ କମ୍ ଏସୀୟ କପ୍ କ୍ୱାଲିଫାୟର୍ସ ମାଲେସିଆ ବିପକ୍ଷରୁ ଭାରତର ଅଭିଯାନ




**କୁଆଲାଲମ୍ପୁର**

ଏଏଫ୍‌ସି ୧୭ ବର୍ଷରୁ କମ୍ ପୁରୁଷ ଏସୀୟ କପ୍ କ୍ୱାଲିଫାୟର୍ସ ଲାଗି ଗୁରୁବାର କୁଆଲାଲମ୍ପୁରଠାରେ ଡ୍ର ଅନୁଷ୍ଠିତ ହୋଇଛି। ଏଥିରେ ଭାରତ ଗ୍ରୁପ୍-ଇ'ରେ ମାଲେସିଆ, ପାଲେଷ୍ଟାଇନ୍, ସିଙ୍ଗାପୁର ଓ ଗୁଆମ୍ ସହ ରହିଛି। ରାଉଣ୍ଡ-ରବିନ୍ ଲିଗ୍ ଫର୍ମାଟ୍‌ରେ ଖେଳାଯିବାକୁ ଥିବା ଗ୍ରୁପ୍-ଇ'ର କ୍ୱାଲିଫାୟର୍ସ ମ୍ୟାଚ୍‌ଗୁଡ଼ିକ ମାଲେସିଆରେ ନଭେମ୍ବର ୧୧ରୁ ୨୦ ପର୍ଯ୍ୟନ୍ତ ଆୟୋଜିତ ହେବ।

କ୍ୱାଲିଫାୟର୍ସ ଡ୍ର'ରେ ୩୫ ଦଳକୁ ୭ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ପ୍ରତି ଗ୍ରୁପ୍‌ରେ ୫ ଲେଖାଏଁ ଦଳ ରହିଛନ୍ତି। ପ୍ରତି ଗ୍ରୁପ୍ ବିଜେତା ଦଳ ଉଜ୍‌ବେକିସ୍ତନରେ ଆସନ୍ତା ବର୍ଷ ମେ' ୧୨ରୁ ୨୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏଏଫ୍‌ସି ୧୭ ବର୍ଷରୁ କମ୍ ଏସୀୟ କପ୍ ୨୦୨୭କୁ ଯୋଗ୍ୟତା ଅର୍ଜନ କରିବେ। ଭାରତ ତା'ର ପ୍ରଥମ ମ୍ୟାଚ୍ ସିଙ୍ଗାପୁର ବିପକ୍ଷରେ ନଭେମ୍ବର ୧୧ ତାରିଖରେ ଖେଳି ଅଭିଯାନ ଆରମ୍ଭ କରିବ। ଏହାପରେ ୧୪ରେ ଗୁଆମ୍, ୧୭ରେ ପାଲେଷ୍ଟାଇନ୍ ଓ ୨୦ରେ ମାଲେସିଆ ବିପକ୍ଷରେ ଖେଳିବ। ସାଉଦି ଆରବରେ ଖେଳାଯାଇଥିବା ୨୦୨୬ ସଂସ୍କରଣରେ ଗ୍ରୁପ୍ ପର୍ଯ୍ୟାୟରୁ ବିଦା ହୋଇଥିବା ଭାରତ ଲଗାତାର ଦ୍ୱିତୀୟ ଥର ଏବଂ ମୋଟ ଉପରେ ଏକାଦଶ ଥର ଲାଗି ଏଏଫ୍‌ସି ୧୭ ବର୍ଷରୁ କମ୍ ଏସୀୟ କପ୍ ଖେଳିବାକୁ ଲକ୍ଷ୍ୟ ରଖିଛି।

# ସାଙ୍ଗାକାରା, ଫ୍ଲାୱାରଙ୍କ କ୍ଲବ୍‌ରେ ଦିନୁଶା



**କଲୋମ୍ବୋ**

ଭାରତ ବିପକ୍ଷ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ୍ ଶୃଙ୍ଖଳାରେ ଲଗାତାର ୪ ଥର ୫୦ରୁ ଅଧିକ ରନ୍ କରିଛନ୍ତି ଶ୍ରୀଲଙ୍କା ବ୍ୟାଟର ସୋନାଲ ଦିନୁଶା। କଲମ୍ବୋରେ ଦ୍ୱିତୀୟ ଟେଷ୍ଟ୍‌ର ଶେଷ ଦିନରେ ସେ ଅର୍ଦ୍ଧଶତକ ଅର୍ଜନ କରି କିମ୍ବଦନ୍ତୀ କୁମାର ସାଙ୍ଗାକାରା ଓ ଆଣ୍ଡି ଫ୍ଲାୱାରଙ୍କ ଏଲିଟ୍ ତାଲିକାରେ ଯୋଡ଼ି ହୋଇଛନ୍ତି। ପ୍ରଥମ ଟେଷ୍ଟ୍‌ର ଦୁଇଟି ପାଳିରେ ସେ ୧୦୦ ଓ ୮୪ ରନ୍ କରିଥିଲା ବେଳେ ଦ୍ୱିତୀୟ ଟେଷ୍ଟର ପ୍ରଥମ ପାଳିରେ ୧୦୩ କରିଥିଲେ। ଦ୍ୱିତୀୟ ପାଳି ଚା'ପାନ ବିରତି ବେଳକୁ ସେ ୯୭ ରନ୍ କରି ବ୍ୟାଟିଂ କରୁଛନ୍ତି। ଶ୍ରୀଲଙ୍କାର ତୃତୀୟ ଖେଳାଳି ଭାବେ ସେ ଏହି ସଫଳତା ପାଇଛନ୍ତି। ତାଙ୍କ ପୂର୍ବରୁ ସାଙ୍ଗାକାରା ୨୦୧୩ରେ ବାଂଲାଦେଶ ବିପକ୍ଷ ଘରୋଇ ଶୃଙ୍ଖଳା ଓ ୨୦୧୪ରେ ଇଂଲଣ୍ଡ ବିପକ୍ଷ ବିଦେଶ ଗସ୍ତରେ ଏବଂ ଦିମୁତ କରୁଣାରନତ୍ନେ ୨୦୧୮ରେ ଦକ୍ଷିଣ ଆଫ୍ରିକା ବିପକ୍ଷ ଘରୋଇ ଶୃଙ୍ଖଳାରେ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ୍ ଶୃଙ୍ଖଳାର ୪ଟି ଯାକ ପାଳିରେ ୫୦+ ସ୍କୋର କରିଥିଲେ।

## ଅଷ୍ଟ୍ରେଲିଆ ସିରିଜ୍ ପାଇଁ ଅଣ୍ଡର-୧୯ ଟିମ୍ ଘୋଷଣା

# ଭାରତୀୟ ଦଳରେ ସ୍ଥାନ ପାଇଲେ ସେହ୍ୱାଗ ଓ ଦ୍ରାବିଡ଼ଙ୍କ ପୁଅ

**ନୂଆଦିଲ୍ଲୀ**

ଅଷ୍ଟ୍ରେଲିଆର ଅଣ୍ଡର-୧୯ ଟିମ୍ ଭାରତ ଗସ୍ତରେ ଆସିବାକୁ ଯାଉଛି। ଏହି ଗସ୍ତ ପାଇଁ ଭାରତର ଅଣ୍ଡର-୧୯ ଟିମ୍ ଘୋଷଣା କରାଯାଇଛି। ଏଥିରେ ଭାରତୀୟ ଦଳର ପୂର୍ବତନ ଷ୍ଟାର୍ ବ୍ୟାଟ୍ସମ୍ୟାନ୍ ଥିବା ବୀରେନ୍ଦ୍ର ସେହ୍ୱାଗଙ୍କ ପୁଅ ଆର୍ଯ୍ୟବୀର ସେହ୍ୱାଗଙ୍କୁ ସ୍ଥାନ ମିଳିଛି। ଦୁଇଟି ଦଳ ମଧ୍ୟରେ ତିନିଟି ଦିନିକିଆ ମ୍ୟାଚ୍ ଏବଂ ଦୁଇଟି ମଲ୍ଟି-ଡେ ମ୍ୟାଚ୍ ଖେଳାଯିବ। ସେପ୍ଟେମ୍ବର ୧୮ରେ ରାଜକୋଟରେ ଏହି ଗସ୍ତର ପ୍ରଥମ ମ୍ୟାଚ୍ ଖେଳାଯିବ।

ଆର୍ଯ୍ୟବୀର ସେହ୍ୱାଗଙ୍କୁ ଦିନିକିଆ ଦଳରେ ସ୍ଥାନ ମିଳିଛି। ବର୍ତ୍ତମାନ ସେ ଦିଲ୍ଲୀ ପ୍ରିମିୟର ଲିଗ୍‌ରେ ଖେଳୁଛନ୍ତି। ୧୯ ଅକ୍ଟୋବର ୨୦୦୭ରେ ଜନ୍ମଗ୍ରହଣ କରିଥିବା ଆର୍ଯ୍ୟବୀରଙ୍କୁ ୧୮ ବର୍ଷ ବୟସ। ଆର୍ଯ୍ୟବୀର ଜଣେ ଟପ୍ ଅର୍ଡର ବ୍ୟାଟ୍ସମ୍ୟାନ୍। ଏହା ସମେତ ଏହି ଦଳରେ ପୂର୍ବତନ ଭାରତୀୟ ଅଧିନାୟକ ତଥା ମୁଖ୍ୟ କୋଚ୍ ଥିବା ରାହୁଲ ଦ୍ରାବିଡ଼ଙ୍କ ପୁଅ ଅନ୍ୱୟ ଦ୍ରାବିଡ଼ଙ୍କୁ ମଧ୍ୟ ସ୍ଥାନ ମିଳିଛି।



ଅନ୍ୱୟ ଜଣେ ୱିକେଟକିପର ବ୍ୟାଟ୍ସମ୍ୟାନ୍। ଲକ୍ଷ୍ୟ ରାୟଚନ୍ଦାନୀଙ୍କ ଏହି ଦଳର ଅଧିନାୟକତ୍ୱ ଦାୟିତ୍ୱ ଦିଆଯାଇଛି।

ଅନ୍ୱୟ ଦ୍ରାବିଡ଼ ଜୁଲାଇରେ ଶ୍ରୀଲଙ୍କା ଗସ୍ତରେ ଭାରତୀୟ ଅଣ୍ଡର-୧୯ ଦଳ ପାଇଁ ଦୁଇଟି ଦିନିକିଆ ଖେଳିଥିଲେ। ଏଥିରେ ସେ ଯଥାକ୍ରମେ ୮୭ ଏବଂ ୧୪ ରନ୍ ସ୍କୋର କରିଥିଲେ। ଏହି ସମୟରେ ତାଙ୍କର ଷ୍ଟ୍ରାଇକ୍ ରେଟ୍ ୧୧୭ ଥିଲା। ବର୍ତ୍ତମାନ ତାଙ୍କୁ ଆଉ ଥରେ ଦଳରେ ସାମିଲ କରାଯାଇଛି। ମଲ୍ଟି-ଡେ ସିରିଜ୍ ପାଇଁ ଯଶବର୍ଦ୍ଧନ ଚୌହାନଙ୍କୁ ଅଧିନାୟକତ୍ୱ ମିଳିଛି।

ଭାରତ ଅଣ୍ଡର-୧୯ ଦିନିକିଆ ଦଳ : ଲକ୍ଷ୍ୟ ରାୟଚନ୍ଦାନୀ (ଅଧିନାୟକ), ଯଶବର୍ଦ୍ଧନ ଚୌହାନ (ଉପ-ଅଧିନାୟକ), ରଜତ ବଘେଲ, ଆର୍ଯ୍ୟବୀର ସେହ୍ୱାଗ, ଭିକେ ବିନୀତ, କୁଶାଗ୍ର ଓଝା, ଅର୍ଜୁନ ରାଜପୁତ, ମନଲ ଚୌହାନ, ଅନ୍ୱୟ ଦ୍ରାବିଡ଼, ଭି ଯଶବୀର, ରୋହିତ ଯାଦବ, ଶବିନ ବିନୋଦ, ମୋହିତ ଉଲଭା, ଚିଗୁରୁପତି ଭେଙ୍କଟ, କାବ୍ୟା ପଟେଲ।

ଭାରତ ଅଣ୍ଡର-୧୯ ମଲ୍ଟି-ଡେ ଦଳ : ଯଶବର୍ଦ୍ଧନ ଚୌହାନ (ଅଧିନାୟକ), ଲକ୍ଷ୍ୟ ରାୟଚନ୍ଦାନୀ (ଉପ-ଅଧିନାୟକ), ସାଗର ବିର୍କ, କୁଶାଗ୍ର ଓଝା, ମନାଲ ଚୌହାନ, କୁଶ ପଟେଲ, ମାନବ କୃଷ୍ଣା, ଅଭିପ୍ରାୟ ବିଶ୍ୱାସ, ରୋହିତ ଯାଦବ, ଈଶାନ ଓମ୍, ଅୟାନ ଅକ୍ରମ, ପ୍ରଣବ ରାଘବେନ୍ଦ୍ର, ପ୍ରିୟାଂଶୁ ସିଂହ, ମୋହିତ ଉଲଭା, ଆର୍ଯ୍ୟନ ଯାଦବ।

ସିରିଜ୍‌ର ସମ୍ପୂର୍ଣ୍ଣ ସୂଚୀ : ୧୮ ସେପ୍ଟେମ୍ବର ୨୦୨୬ (ଶୁକ୍ରବାର): ପ୍ରଥମ ଦିନିକିଆ, ରାଜକୋଟ, ସକାଳ ୯ ଟା। ୨୧ ସେପ୍ଟେମ୍ବର ୨୦୨୬ (ସୋମବାର) : ଦ୍ୱିତୀୟ ଦିନିକିଆ, ରାଜକୋଟ, ସକାଳ ୯ଟା। ୨୩ ସେପ୍ଟେମ୍ବର ୨୦୨୬ (ବୁଧବାର): ତୃତୀୟ ଦିନିକିଆ (ୱାନଡେ), ରାଜକୋଟ, ସକାଳ ୯ଟା। ୨୭ରୁ ୩୦ ସେପ୍ଟେମ୍ବର ୨୦୨୬ – ପ୍ରଥମ ମଲ୍ଟି-ଡେ, ରାଜକୋଟ, ସକାଳ ୯:୩୦ଟା। ୫ରୁ ୮ ଅକ୍ଟୋବର ୨୦୨୬ – ଦ୍ୱିତୀୟ ମଲ୍ଟି-ଡେ, ଅହମଦାବାଦ ବି ଗ୍ରାଉଣ୍ଡ, ସକାଳ ୯:୩୦ଟା।

## ଭାରତର ନ୍ୟୁଜିଲାଣ୍ଡ ଗସ୍ତ ଟିକେଟ୍ ବିକ୍ରିରେ ରେକର୍ଡ

**ଅକଲାଣ୍ଡ**

ଭାରତୀୟ କ୍ରିକେଟ୍‌ଦଳ ଆସନ୍ତା ଅକ୍ଟୋବରରେ ନ୍ୟୁଜିଲାଣ୍ଡ ଗସ୍ତ କରି ପୂର୍ଣ୍ଣ କାଳୀନ ଶୃଙ୍ଖଳା ଖେଳିବ। ଏଥିରେ ୫ ଲେଖାଏଁ ଟ୍ୱେଣ୍ଟି-୨୦ ଓ ଏକଦିବସୀୟ ଏବଂ ୨ ଟେଷ୍ଟ୍ ରହିଛି। ଏହି ଶୃଙ୍ଖଳା ଲାଗି ଟିକେଟ୍ ବିକ୍ରି ଆରମ୍ଭର ୪୮ ଘଣ୍ଟା ଭିତରେ ୨୬୦୦୦ରୁ ଅଧିକ ଟିକେଟ୍ ସରିଗଲାଣି ବୋଲି ନ୍ୟୁଜିଲାଣ୍ଡ କ୍ରିକେଟ୍ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି। ଅକଲାଣ୍ଡର ଇଡେନ୍ ପାର୍କରେ ଖେଳାଯିବାକୁ ଥିବା ଧଳାବଲ୍ ମ୍ୟାଚ୍‌ର ସବୁଠୁ ଅଧିକ ଟିକେଟ୍ ବିକ୍ରି ହୋଇଛି।

# ୟୁଏଇ ବ୍ୟାଟର ଆସିଫ୍ ଖାନଙ୍କୁ ୧୫ ମାସ ପାଇଁ ବ୍ୟାନ୍ କଲା ଆଇସିସି

**ନୂଆଦିଲ୍ଲୀ**

ୟୁଏଇ ବ୍ୟାଟର ଆସିଫ୍ ଖାନଙ୍କ ଉପରେ ଆଇସିସି ୧୫ ମାସର ବ୍ୟାନ୍ ଲଗାଇଛି। ଏହାକୁ ଖେଳାଳି ଜଣକ ସ୍ୱୀକାର ମଧ୍ୟ କରିଛନ୍ତି। ଏହି ବ୍ୟାନ୍ ଅବଧି ୮ ସେପ୍ଟେମ୍ବର ୨୦୨୫ରୁ ଲାଗୁ ହେବ ଏବଂ ଏହା ୭ ଡିସେମ୍ବର ୨୦୨୬ ପର୍ଯ୍ୟନ୍ତ ବଳବତ୍ତର ରହିବ। କହି ରଖୁଛୁ ଯେ, ଏସିଆ କପ୍‌ରେ ୟୁଏଇର ମ୍ୟାଚ୍ ୧୦ ସେପ୍ଟେମ୍ବରରେ ଭାରତ ସହିତ ଥିଲା। ଏହାର ୨ ଦିନ ପୂର୍ବରୁ ଅର୍ଥାତ୍ ୮ ସେପ୍ଟେମ୍ବରରେ ଆସିଫ୍‌ଙ୍କର ଏକ 'ଆଉଟ୍-ଅଫ୍-କମ୍ପିଟିସନ' ଟେଷ୍ଟ କରାଯାଇଥିଲା। ଯେଉଁଥିରେ ସେ ନିଷିଦ୍ଧ ପଦାର୍ଥ (ମେଷ୍ଟେରୋଲୋନର ମେଟାବୋଲାଇଟ୍) ପାଇଁ ପଜିଟିଭ୍ ଚିହ୍ନଟ ହୋଇଥିଲେ।

ଆଇସିସି ନିଜ ବୟାନରେ କହିଛି ଯେ, ୮ ସେପ୍ଟେମ୍ବର ୨୦୨୫ରେ ହୋଇଥିବା ଏକ 'ଆଉଟ୍-ଅଫ୍-କମ୍ପିଟିସନ' ଟେଷ୍ଟରେ ନିଷିଦ୍ଧ ପଦାର୍ଥ (ମେଷ୍ଟେରୋଲୋନର ମେଟାବୋଲାଇଟ୍) ପାଇଁ ପଜିଟିଭ୍ ଆସିବା ପରେ ଆସିଫ୍ ଖାନ୍ ୧୫ ମାସର ବ୍ୟାନ୍‌କୁ ସ୍ୱୀକାର କରିଛନ୍ତି। ଆସିଫ୍ ଆଇସିସି ଆଣ୍ଟି-ଡୋପିଂ କୋଡ୍‌ର ଆର୍ଟିକିଲ୍ ୨.୧ର ଉଲ୍ଲଂଘନକୁ ସ୍ୱୀକାର କରିଛନ୍ତି ଏବଂ ୱାର୍ଲ୍ଡ ଆଣ୍ଟି-ଡୋପିଂ ଏଜେନ୍ସି (ୱାଡା) ଓ ଇଣ୍ଟରନ୍ୟାସନାଲ କ୍ରିକେଟ୍ କାଉନସିଲ୍ (ଆଇସିସି) ସହିତ ଏକ 'କେସ୍ ରିଜୋଲ୍ୟୁସନ ଏଗ୍ରିମେଣ୍ଟ' ଜରିଆରେ ଏହି ଦଣ୍ଡାଦେଶକୁ ମଞ୍ଜୁରୀ ଦେଇଛନ୍ତି।




ବ୍ୟାନ୍ ଅବଧି ୮ ସେପ୍ଟେମ୍ବର ୨୦୨୫ରୁ ଲାଗୁ ହେବ। ଯେତେବେଳେ ତାଙ୍କର ନମୁନା ଟେଷ୍ଟ କରାଯାଇଥିଲା। ଏହା ଚଳିତ ବର୍ଷ ୭ ଡିସେମ୍ବର ପର୍ଯ୍ୟନ୍ତ ବଳବତ୍ତର ରହିବ। ୩୬ ବର୍ଷୀୟ ଏହି ଖେଳାଳିଙ୍କୁ ୮ ଅକ୍ଟୋବର ୨୦୨୬ ରୁ କୌଣସି ଦଳ ସହିତ ଟ୍ରେନିଂ କରିବା କିମ୍ବା କୌଣସି କ୍ଲବ୍ କିମ୍ବା ଆଇସିସିର ଅନ୍ୟ ସଦସ୍ୟ ସଂସ୍ଥାର ସୁବିଧା ସୁଯୋଗ ବ୍ୟବହାର କରିବାକୁ ଅନୁମତି ମିଳିବ, କିନ୍ତୁ ପ୍ରତିଯୋଗିତାମୂଳକ କ୍ରିକେଟ୍‌କୁ ସେ ୮ ଡିସେମ୍ବର ପରେ ହିଁ ପ୍ରତ୍ୟାବର୍ତ୍ତନ କରିପାରିବେ।

ପାକିସ୍ତାନର ଲାହୋରଠାରେ ଜନ୍ମଗ୍ରହଣ କରିଥିବା ଆସିଫ୍ ଖାନ୍ ପାକିସ୍ତାନର ଅଣ୍ଡର-୧୯ ଦଳ ପାଇଁ ମଧ୍ୟ ଖେଳିସାରିଛନ୍ତି, କିନ୍ତୁ ପରବର୍ତ୍ତୀ ସମୟରେ ସେ ୟୁଏଇ ଚାଲିଯାଇ ଥିଲେ ଏବଂ ୟୁଏଇ ଦଳ ପାଇଁ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଡେବ୍ୟୁ କରିଥିଲେ। ୨୦୨୨ ମସିହାରେ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଡେବ୍ୟୁ କରିଥିବା ଆସିଫ୍ ୩୮ଟି ଦିନିକିଆ ମ୍ୟାଚ୍ ଖେଳିଛନ୍ତି, ଯେଉଁଥିରୁ ୩୭ଟି ଇନିଂସରେ ସେ ୧୨୭୦ ରନ୍ ସ୍କୋର କରିଛନ୍ତି। ଦିନିକିଆରେ ତାଙ୍କ ନାମରେ ୩ଟି ଶତକ ଏବଂ ୭ଟି ଅର୍ଦ୍ଧଶତକ ରହିଛି।

ଏହା ସମେତ ଆସିଫ୍ ୫୬ଟି ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ଯେଉଁଥିରେ ସେ ୧୩୭.୯୨ ଷ୍ଟ୍ରାଇକ୍ ରେଟ୍ ସହିତ ୧୩୦୨ ରନ୍ ସ୍କୋର କରିଛନ୍ତି। ଟି-୨୦ ରେ ସେ ୬ଟି ଅର୍ଦ୍ଧଶତକ ହାସଲ କରିସାରିଛନ୍ତି।

# ସେପ୍ଟେମ୍ବର ୧୮ରେ ବିସିସିଆଇର ବାର୍ଷିକ ବୈଠକ

**ମୁମ୍ବାଇ**

ବିସିସିଆଇ ବାର୍ଷିକ ବୈଠକ ସେପ୍ଟେମ୍ବର ୧୮ ତାରିଖରେ ମୁମ୍ବାଇରେ ଅନୁଷ୍ଠିତ ହେବ। ବୋର୍ଡ ସମ୍ପାଦକ ଦେବଜୀତ ସାଇକିଆ ଏହାର ସୂଚନା ଦେଇଛନ୍ତି। ବିସିସିଆଇ ନିଜର ୩୮ଟି ପ୍ରାଦେଶିକ ସଂଘକୁ ମଧ୍ୟ ଏହି ବୈଠକ ବିଷୟରେ ସୂଚନା ମଧ୍ୟ ଦେଇଛି। ସାଇକିଆ କହିଛନ୍ତି ଯେ ଏଜିଏମ୍ ସେପ୍ଟେମ୍ବର ୧୮ରେ ହେବ। ଏଜିଏମ୍‌ର କାର୍ଯ୍ୟସୂଚୀରେ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର କ୍ରିକେଟ୍ ସଂଘକୁ ବିସିସିଆଇର ଆସୋସିଏଟ୍ ସଦସ୍ୟତା ପ୍ରଦାନ କରିବାର ପ୍ରସ୍ତାବ ମଧ୍ୟ ସାମିଲ ରହିଛି।

ବିସିସିଆଇର ଶୀର୍ଷ ପରିଷଦ ଜୁନ୍ ମାସରେ ଅନୁଷ୍ଠିତ ଏହାର ଶେଷ ବୈଠକରେ ମଧ୍ୟ ଏହି ପ୍ରସଙ୍ଗରେ ଆଲୋଚନା କରିଥିଲା। ଆସୋସିଏଟ୍ ସଦସ୍ୟଙ୍କୁ ବିସିସିଆଇରେ ମତଦାନ କରିବାର ଅଧିକାର ନଥାଏ। ବୈଠକ ସମୟରେ ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ର ଚେୟାରମ୍ୟାନ୍‌ଙ୍କ ସମେତ ପରିଚାଳନା ସମିତିର ଦୁଇଟି ପଦବୀ ପାଇଁ ମଧ୍ୟ ନିର୍ବାଚନ ଅନୁଷ୍ଠିତ ହେବ।

ବର୍ତ୍ତମାନ ଅରୁଣ ଧୂମଲ ଆଇପିଏଲ୍ ପରିଚାଳନା କମିଟିର ଚେୟାରମ୍ୟାନ୍ ଅଛନ୍ତି। ବିସିସିଆଇର ନିର୍ବାଚନ ଅଧିକାରୀ ଏକେ ଜ୍ୟୋତି ମଙ୍ଗଳବାର ଦିନ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଏହା ଅନୁଯାୟୀ ୧୮ ସେପ୍ଟେମ୍ବର ୨୦୨ ରେ ଅନୁଷ୍ଠିତ ହେବାକୁ ଥିବା ବାର୍ଷିକ ବୈଠକରେ ପରିଚାଳନା ସମିତିର ଦୁଇଟି ନିର୍ବାଚିତ ସଦସ୍ୟ ପଦବୀ ପାଇଁ ନିର୍ବାଚନ ହେବ।

ସଦସ୍ୟମାନଙ୍କ ନିଜ ପ୍ରତିନିଧିଙ୍କ ନାମାଙ୍କନ ପାଇଁ ଆବେଦନ ଦାଖଲ କରିବାର ଶେଷ ତାରିଖ ଅଗଷ୍ଟ ୩୧ ରହିଛି। ବୈଧ ଭାବେ ମନୋନୀତ ପ୍ରାର୍ଥୀଙ୍କ ନାମ ସେପ୍ଟେମ୍ବର ୧୧ ରେ ଘୋଷଣା କରାଯିବ। ତେବେ ଉଭୟ ପଦବୀ ପାଇଁ ନିର୍ବାଚନ ବିନା ପ୍ରତିଦ୍ୱନ୍ଦ୍ୱିତାରେ ହେବାର ସମ୍ଭାବନା ରହିଛି। ଏଜିଏମ ବୈଠକର କାର୍ଯ୍ୟସୂଚୀରେ ଭାରତୀୟ କ୍ରିକେଟର ସଂଘର ପ୍ରତିନିଧିଙ୍କୁ ଆଇପିଏଲ ପରିଚାଳନା ସମିତିରେ ସାମିଲ କରିବା ମଧ୍ୟ ଅନ୍ତର୍ଭୁକ୍ତ ଅଛି। ଏହା ବ୍ୟତୀତ ବିସିସିଆଇର ଲୋକପାଳ ଏବଂ ଆଚରଣ ଅଧିକାରୀଙ୍କ ନିଯୁକ୍ତି ପ୍ରସଙ୍ଗ ମଧ୍ୟ ବୈଠକରେ ଉପସ୍ଥାପନ କରାଯିବ।



ବୈଠକରେ 'କ୍ରିକେଟ ଆସୋସିଏସନ ଅଣ୍ଡାମାନ ଆଣ୍ଡ ନିକୋବର'କୁ ଆସୋସିଏଟ୍ ମେମ୍ବରସିପ୍ ଦେବା ପ୍ରସ୍ତାବ ଉପରେ ବିଚାର କରାଯିବ। ଏହି ସଂସ୍ଥା କେନ୍ଦ୍ରଶାସିତ ଅଞ୍ଚଳରେ ଏହି ଖେଳକୁ ପ୍ରୋତ୍ସାହନ ଦେବା ପାଇଁ କାମ କରେ। ବର୍ତ୍ତମାନ ଏହି ସଂସ୍ଥା ବିସିସିଆଇ ସହ ଜଡ଼ିତ ନାହିଁ ଏବଂ ଏହି ଆଲୋଚନା ଦ୍ୱାରା ଦ୍ୱୀପ ଅଞ୍ଚଳରେ କ୍ରିକେଟକୁ ବୋର୍ଡର ପରିସରଭୁକ୍ତ କରିବା ଦିଗରେ ପ୍ରଥମ ଆନୁଷ୍ଠାନିକ ପଦକ୍ଷେପ ନିଆଯାଇପାରେ। ବିସିସିଆଇ ନିଜର ସଦସ୍ୟ ସଂସ୍ଥାଗୁଡ଼ିକୁ ଏକ ନୋଟିସ୍ ପଠାଇଛି ଏବଂ ମେମ୍ବରସିପ୍ ପ୍ରସ୍ତାବ ଉପରେ କୌଣସି ନିଷ୍ପତ୍ତି ନେବା ପୂର୍ବରୁ ସେମାନଙ୍କ ମତାମତ ଲୋଡ଼ିବ।

ବାର୍ଷିକ ବୈଠକରେ ଯଦି ଏହି ଆବେଦନକୁ ମଞ୍ଜୁରୀ ମିଳିଯାଏ, ତେବେ ଆଶା କରାଯାଉଛି ଯେ ବିସିସିଆଇ ଏହି ଦ୍ୱୀପଗୁଡ଼ିକରେ କ୍ରିକେଟର ଭିତ୍ତିଭୂମି ତିଆରି କରିବା ଏବଂ ମ୍ୟାଚ୍ ଆୟୋଜନ କରିବା କାମ ଆରମ୍ଭ କରିବ। ଏହା ସହିତ ଏହି ଖେଳକୁ ପ୍ରୋତ୍ସାହନ ଦେବାରେ ମଧ୍ୟ ସାହାଯ୍ୟ କରିବ। ତେବେ ଅଣ୍ଡାମାନ ଏବଂ ନିକୋବର ଦଳ ଭାରତର ଘରୋଇ ଟୁର୍ଣ୍ଣାମେଣ୍ଟରେ ତୁରନ୍ତ ସାମିଲ ହେବା କଷ୍ଟକର। ଏହା ବଦଳରେ ଘରୋଇ ସର୍କିଟରେ ଦଳକୁ ସାମିଲ କରିବା ବିଷୟରେ ବିଚାର କରିବା ପୂର୍ବରୁ ଖେଳାଳି ଏବଂ କ୍ରିକେଟର ଭିତ୍ତିଭୂମିକୁ ଧୀରେ ଧୀରେ ବିକଶିତ କରାଯିବ। ବର୍ତ୍ତମାନ ବିସିସିଆଇର ବାର୍ଷିକ ଘରୋଇ ଟୁର୍ଣ୍ଣାମେଣ୍ଟରେ ୩୮ଟି ଦଳ ଭାଗ ନେଉଛନ୍ତି ଏବଂ ଏହି ଦ୍ୱୀପ ମଧ୍ୟ ଆଗକୁ ଯାଇ ଏହି ବ୍ୟବସ୍ଥାର ଅଂଶ ହୋଇପାରେ।

# ରାମୋଜୀ ଗ୍ରୁପ୍‌ର ଉଷୋଦୟ ଏଣ୍ଟରପ୍ରାଇଜେସ୍ କିଣିଲା ଡବ୍ଲୁଏପିଏଲର ସବୁଠାରୁ ଦାମୀ ଟିମ୍ : ସେପ୍ଟେମ୍ବର ୧୫ରୁ ଖେଳାଯିବ ଲିଗ୍

**ନୂଆଦିଲ୍ଲୀ**

କ୍ରିକେଟ୍‌ରେ ମହିଳାମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଆନ୍ଧ୍ର କ୍ରିକେଟ୍ ଆସୋସିଏସନ୍ (ଏସିଏ) 'ୱିମେନ୍ସ ଆନ୍ଧ୍ର ପ୍ରିମିୟର ଲିଗ୍' (ଡବ୍ଲୁଏପିଏଲ) ଆରମ୍ଭ କରିଛି। ଏହି ଲିଗ୍ ସେପ୍ଟେମ୍ବର ୧୫ ରୁ ୨୬ ପର୍ଯ୍ୟନ୍ତ ମଙ୍ଗଳଗିରିର ଏସିଏ ଷ୍ଟାଡିୟମ୍‌ରେ ଖେଳାଯିବ। ଭାରତୀୟ ମହିଳା କ୍ରିକେଟ୍ ଦଳର ପୂର୍ବତନ ଅଧିନାୟିକା ମିତାଲି ରାଜ୍‌ଙ୍କୁ ଏହି ଲିଗ୍‌ର ବ୍ରାଣ୍ଡ ଆମ୍ବାସଡର କରାଯାଇଛି।

ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ଚାରିଟି ଦଳ ଅଂଶଗ୍ରହଣ କରିବେ। ସେଥିମଧ୍ୟରୁ ଗୋଟିଏ ଦଳକୁ ରାମୋଜୀ ଗ୍ରୁପ୍‌ର 'ଉଷୋଦୟ ଏଣ୍ଟରପ୍ରାଇଜେସ୍' ୮୯ ଲକ୍ଷ ଟଙ୍କାର ସବୁଠାରୁ ବଡ଼ ବୋଲି ଲଗାଇ କିଣିଛି ଏବଂ ଏହି ଦଳର ନାମ 'ଅମରାବତୀ ଇ-ଚାମ୍ପିଅନ୍ସ' ରଖାଯାଇଛି। ତେଲେଙ୍ଗାନା ପ୍ରିମିୟର ଲିଗ୍‌ର ପ୍ରଥମ ସିଜନ୍‌ରେ ରାମୋଜୀ ଗ୍ରୁପ୍‌ର ଦଳ 'ହାଇଦ୍ରାବାଦ ଇ-ଚାମ୍ପିଅନ୍ସ' ମଧ୍ୟ ଟାଇଟଲ୍ ଜିତିଥିଲା।

ଟୁର୍ଣ୍ଣାମେଣ୍ଟରେ ଭାଗ ନେଉଥିବା ଚାରିଟି ଦଳ ପାଇଁ ବିଜୟୱାଡ଼ାରେ ଅନୁଷ୍ଠିତ ଖେଳାଳି ନିଲାମ ବେଶ୍ ରୋମାଞ୍ଚକର ଥିଲା। ଫ୍ରାଞ୍ଚାଇଜ୍‌ଗୁଡ଼ିକ ମୋଟ ୭୪ ଜଣ ମହିଳା କ୍ରିକେଟରଙ୍କୁ ନିଜ ନିଜ ଦଳରେ ସାମିଲ କରିଛନ୍ତି। ଅଲରାଉଣ୍ଡର ହର୍ନିତା ପ୍ଲାଭିଆ ଏହି ନିଲାମୀରେ ୪.୩୦ ଲକ୍ଷ ଟଙ୍କାର ସବୁଠାରୁ ମହଙ୍ଗା କ୍ରିକେଟର ହୋଇଛନ୍ତି। ତାଙ୍କୁ 'ଗୋଦାବରୀ ଗୋଲ୍ଡେନ ଇଗଲ୍ସ' ଫ୍ରାଞ୍ଚାଇଜ୍ କିଣିଛି।




ଅନ୍ୟପଟେ ୧୨ ବର୍ଷୀୟା ଷଣ୍ମୁଖ ପ୍ରିୟାଙ୍କୁ 'ରାୟଲସୀମା ଜେନ ଷ୍ଟାର୍ସ' ନିଜ ଦଳରେ ସାମିଲ କରିଛି। ଯିଏ ଏହି ଡବ୍ଲୁଏପିଏଲର ସର୍ବ କିନଷ୍ଠ ଖେଳାଳି ହୋଇପାରିଛନ୍ତି। ଏତେ କମ୍ ବୟସରେ ଏହି ଲିଗ୍‌ରେ ଖେଳିବାର ସୁଯୋଗ ମିଳିବା ତାଙ୍କ କ୍ରିକେଟ୍ କ୍ୟାରିୟର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ ସାବ୍ୟସ୍ତ ହେବ।

ଲିଗ୍‌ରେ ଭାଗ ନେଉଥିବା ଚାରିଟି ଯାକ ଫ୍ରାଞ୍ଚାଇଜ୍ ନିଜର ନିର୍ଦ୍ଧାରିତ ବଜେଟ୍ ମଧ୍ୟରୁ ପ୍ରମୁଖ ଖେଳାଳିମାନଙ୍କୁ ଚୟନ କରିଛନ୍ତି। ଖେଳାଳିମାନଙ୍କୁ କିଣିବା ପାଇଁ ପ୍ରତ୍ୟେକ ଫ୍ରାଞ୍ଚାଇଜ୍‌କୁ ୧୫ ଲକ୍ଷ ଟଙ୍କାର ପର୍ସ ଦିଆଯାଇଥିଲା। ପ୍ରତ୍ୟେକ ଦଳକୁ ଅତିକମ୍‌ରେ ୧୮ ଏବଂ ସର୍ବାଧିକ ୨୦ ଜଣ କ୍ରିକେଟରଙ୍କୁ ଦଳଭୁକ୍ତ କରିବାର ସୁଯୋଗ ମିଳିଥିଲା।

ଅମରାବତୀ ଇ-ଚାମ୍ପିଅନ୍ସ ଦଳ : ଅମରାବତୀ ଇ-ଚାମ୍ପିଅନ୍ସ ଦଳ ନୀରାଗାନ୍ଟୁ ଅନୁଷା (୨.୧୦ ଲକ୍ଷ), କାନ୍ଦ୍ରେଗୁଲା ଦେବିକା (୨ ଲକ୍ଷ), କତ୍ରାଗଡ୍ଡା ଦୀକ୍ଷା (୧.୯୦ ଲକ୍ଷ), ଶବନମ ଶକିଲ୍ (୧.୩୦ ଲକ୍ଷ), ପି. ରଙ୍ଗାଲକ୍ଷ୍ମୀ (୧ ଲକ୍ଷ), ତରୁଣୀ ଜୋଶୀ (୧.୨୦ ଲକ୍ଷ), କଟ୍ଟା ମହନ୍ତି ଶ୍ରୀ (୮୫ ହଜାର), କେ. ହଂସା (୬୦ ହଜାର), ଅଙ୍କମ ବିଷ୍ଣୁପ୍ରିୟା (୬୦ ହଜାର), ହେମାସାଇ ରାମ୍ୟା (୫୫ ହଜାର), ସୈପୁଜିଆ (୫୦ ହଜାର), ନକ୍କା ସନା (୪୫ ହଜାର), ଓରୁଗନ୍ତୀ ସାହିତଶ୍ରୀ (୪୦ ହଜାର); ଏବଂ ଏମ. ରୁକ୍ସର, ତବାସୁମ, ସାଇଦୀପ୍ତି, ବୋଦ୍ଦୁପଲ୍ଲୀ ତନିଷ୍କା, ଟି. ମଲ୍ଲିକା ଓ ଏମ. ସହସ୍ର ରେଡ୍ଡୀଙ୍କୁ ୩୦ ହଜାର ଟଙ୍କା ଲେଖାଏଁ ମୂଲ୍ୟରେ କିଣାଯାଇଛି।

ରାୟଲସୀମା ଜେନ ଷ୍ଟାର୍ସ ଦଳ : ରାୟଲସୀମା ଜେନ ଷ୍ଟାର୍ସ ଦଳ ଭେମୁଲାପତି ସେତୁସାଇ (୨.୧୦ ଲକ୍ଷ ଟଙ୍କା), ପଦ୍ମଜା (୨ ଲକ୍ଷ ଟଙ୍କା), ଗ୍ରୀଷ୍ମା ସୈନୀ ରେଡ୍ଡୀ (୧.୨୦ ଲକ୍ଷ ଟଙ୍କା), ଶ୍ରୀଚରଣୀ (୧.୧୦ ଲକ୍ଷ ଟଙ୍କା), ଧାତ୍ରୀ (୧ ଲକ୍ଷ ଟଙ୍କା), ବାସଭୀ ଅଖିଳପାବନୀ (୧ ଲକ୍ଷ ଟଙ୍କା), ମଲ୍ଲି ଅନୁଷା (୯୦ ହଜାର ଟଙ୍କା), ସାଇଲକ୍ଷ୍ମୀ (୮୦ ହଜାର ଟଙ୍କା), ଚିନ୍ନାସିରିଷା (୬ପ୫ ହଜାର ଟଙ୍କା), ପୂଜିତା (୬୦ ହଜାର ଟଙ୍କା), ଶୁଭା ଶ୍ରୀ (୫୦ ହଜାର ଟଙ୍କା), ହେମା ରୋଶିନୀ (୫୦ ହଜାର ଟଙ୍କା), ଲିଖିତା (୫୦ ହଜାର ଟଙ୍କା), ମେଘନାଶ୍ରୀ (୩୫ ହଜାର ଟଙ୍କା), ମୁନି ନିତିଶା (୩୦ ହଜାର ଟଙ୍କା), ହଂସିରେଡ୍ଡୀ (୩୦ ହଜାର ଟଙ୍କା), ଷଣ୍ମୁଖପ୍ରିୟା (୩୦ ହଜାର ଟଙ୍କା), ବର୍ଷା (୩୦ ହଜାର ଟଙ୍କା), ହର୍ଷିତା ଗୌଡ଼ା (୩୦ ହଜାର ଟଙ୍କା) ଏବଂ ଚୈତ୍ରା (୩୦ ହଜାର ଟଙ୍କା)।

ଗୋଦାବରୀ ଗୋଲ୍ଡେନ ଇଗଲ୍ସ ଦଳ : ଗୋଦାବରୀ ଗୋଲ୍ଡେନ ଇଗଲ୍ସ ଦଳ ହର୍ନିତା ପ୍ଲାଭିଆ ପରେରା (୪.୩୦ ଲକ୍ଷ), ପୁଷ୍ପିତା ଗୌଡ଼ା (୧.୬୦ ଲକ୍ଷ), ଅକ୍ଷୟା (୧.୪୦ ଲକ୍ଷ), ଉଦବିତା (୧.୧୦ ଲକ୍ଷ), ଭିନ୍ନି ସୁଜନ (୧.୧୦ ଲକ୍ଷ), ହରିକା (୭୦ ହଜାର), ହର୍ଷିତା (୫୦ ହଜାର), ସୃଷ୍ଟି ଶେଖର (୫୦ ହଜାର), ମହାଲକ୍ଷ୍ମୀ ମନୋଜ (୫୦ ହଜାର), ମେହର ଲହରୀ (୫୦ ହଜାର), ମେଘନା ରେଡ୍ଡୀ (୪୦ ହଜାର), ଅଞ୍ଜନା (୩୫ ହଜାର), ନିବେଦିତା (୩୫ ହଜାର), ବୈଷ୍ଣବୀ (୩୦ ହଜାର), ବନଜାକ୍ଷୀ (୩୦ ହଜାର), ଦୁର୍ଗା ଭବାନୀ (୩୦ ହଜାର), ରାଗଚୌଧୁରୀ (୩୦ ହଜାର) ଏବଂ ପି. ବୈଷ୍ଣବୀଙ୍କୁ ୩୦ ହଜାର ଟଙ୍କା ମୂଲ୍ୟରେ କିଣାଯାଇଛି।

ଭିଜାଗ୍ ଫାୟାର ବାର୍ଡସ ଦଳ : ଭିଜାଗ୍ ଫାୟାର ବାର୍ଡସ ଦଳ ଅଞ୍ଜଳି ଶରଭାନୀ (୩.୬୦ ଲକ୍ଷ), ଆୟଶା ସିଂ (୨.୪୦ ଲକ୍ଷ), ବିଦ୍ୟାଶ୍ରୀ (୧.୫୦ ଲକ୍ଷ), ଋଷିକୃଷ୍ଣନ (୧.୨୦ ଲକ୍ଷ), ସରୟୁ (୮୫ ହଜାର), ପୁଷ୍ପଲତା (୭୦ ହଜାର), ହାସିନୀ ଚୌଧୁରୀ (୭୦ ହଜାର), ଶରଣ୍ୟା ଗଡ଼ୱାଲ (୬୦ ହଜାର), ସୈଥନମୟୀ (୫୦ ହଜାର), ଅଞ୍ଜୁମ (୫୦ ହଜାର), ଯୁହାସିନୀ (୩୫ ହଜାର), ମଧୁରା ସଞ୍ଜନାପ୍ରିୟା (୩୦ ହଜାର), ଦିବ୍ୟାଶ୍ରୀ (୩୦ ହଜାର), ବିଶ୍ୱଶ୍ରୀ (୩୦ ହଜାର), ସାମନ୍ଥା (୩୦ ହଜାର), ନିୟାଥିରାଜ (୩୦ ହଜାର), ଯଶସ୍ୱିନୀ ମଣିବଲ୍ଲୀ (୩୦ ହଜାର) ଏବଂ ବିଷ୍ଣୁବର୍ଦ୍ଧିନୀଙ୍କୁ ୩୦ ହଜାର ଟଙ୍କା ମୂଲ୍ୟରେ କିଣାଯାଇଛି।




# ଯୁବପିଢ଼ିଙ୍କ ସାମାଜିକ ଦାୟିତ୍ୱବୋଧ ବିକାଶ ପାଇଁ 'ମିଶାଲ' ପ୍ରକଳ୍ପର ଶୁଭାରମ୍ଭ

**ବୌଦ୍ଧ, ନ୍ୟୁଜ୍‌ବ୍ୟୁରୋ**

ଯୁବପିଢ଼ି ମଧ୍ୟରେ ନେତୃତ୍ୱ, ଦକ୍ଷତା, ଚରିତ୍ର ଗଠନ, ଆତ୍ମବିଶ୍ୱାସ ଓ ସାମାଜିକ ଦାୟିତ୍ୱବୋଧ ବିକାଶ ଲକ୍ଷ୍ୟରେ ବୌଦ୍ଧ ଜିଲ୍ଲାରେ ତୋଫାନ ପରି ଫାଉଣ୍ଡେସନ ଓ ଓଏଏସଆଇଏସ ସହ ଯୋଗରେ ମିଶାଲ ପ୍ରକଳ୍ପର ଶୁଭାରମ୍ଭ ହୋଇଯାଇଛି। ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ ତୋଫାନ ପରି ଫାଉଣ୍ଡେସନ ପକ୍ଷରୁ ଏବଂ ଗୁଜରାଟର ଓଏଏସଆଇଏସ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଯୋଗ ଦେଇଥିଲେ। ସଭାରେ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଉପସ୍ଥିତ ଥିଲେ। ଓଏଏସଆଇଏସ ଗୁଜୁରାଟର ପ୍ରତିଷ୍ଠାତା ସଦସ୍ୟ ମେହୁଲ ପଞ୍ଚାଲ, ତୋଫାନ ପରି ଫାଉଣ୍ଡେସନର ସଭାପତି ଆଡଭୋକେଟ୍ ବିଶ୍ୱଜିତ ମିଶ୍ର, ସମ୍ପାଦକ ତୋଫାନ ପରିଡ଼ା ଏବଂ ପରାମର୍ଶଦାତା ଅଧ୍ୟାପକ ଅଶୋକ କୁମାର ପାଣ୍ଡିଆ ମଧ୍ୟ କାର୍ଯ୍ୟକ୍ରମରେ ଯୋଗଦେଇ ଥିଲେ। ସଦସ୍ୟା ସୁଶ୍ରୀ ସନ୍ଧ୍ୟାରାଣୀ ସାହୁଙ୍କ ସ୍ୱାଗତ ଭାଷଣ ଓ ଅତିଥି ପରିଚୟରୁ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ପରେ ଏହାର ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ ବିଭିନ୍ନ କାର୍ଯ୍ୟକଳାପ ସମ୍ପର୍କରେ ଅବଗତ କରାଯାଇଥିଲା। ସଭାପତି ଶ୍ରୀ ମିଶ୍ର ଯୁବପିଢ଼ି ମଧ୍ୟରେ ନେତୃତ୍ୱ ଓ ଚରିତ୍ର ଗଠନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସଂପାଦକ ଶ୍ରୀ ପରିଡ଼ା ମିଶାଲ ପ୍ରକଳ୍ପର ଲକ୍ଷ୍ୟ, ଦୃଷ୍ଟିକୋଣ ଓ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇଥିଲେ। ଏହି ପ୍ରକଳ୍ପର ମୂଳ ବିଶ୍ୱାସ ହେଉଛି- ପ୍ରତ୍ୟେକ ଯୁବକ ଓ ଯୁବତୀଙ୍କ ମଧ୍ୟରେ ଜଣେ ଜଣେ ସମ୍ଭାବନାମୟ ନେତା ଲୁଚି ରହିଛନ୍ତି; ଆବଶ୍ୟକ ହେଉଛି ସଠିକ୍ ସୁଯୋଗ, ମାର୍ଗଦର୍ଶନ ଓ ଉପଯୁକ୍ତ ପରିବେଶ। ଏହି ଦୃଷ୍ଟିକୋଣକୁ ଆଧାର କରି ମିଶାଲ ପ୍ରକଳ୍ପ ମାଧ୍ୟମରେ ଯୁବମାନଙ୍କ ମଧ୍ୟରେ ନେତୃତ୍ୱ ଦକ୍ଷତା, ଯୋଗାଯୋଗ କୌଶଳ, ଦଳଗତ କାର୍ଯ୍ୟ, ନିଷ୍ପତ୍ତି ଗ୍ରହଣ କ୍ଷମତା, ଶୃଙ୍ଖଳା, ଆତ୍ମବିଶ୍ୱାସ ଏବଂ ସମାଜ ପ୍ରତି ଦାୟିତ୍ୱବୋଧ ବିକଶିତ କରାଯିବ। ଏହା ମାଧ୍ୟମରେ ଯୁବଗୋଷ୍ଠୀ ଦାୟିତ୍ୱବାନ ନାଗରିକ ଭାବେ ଗଢ଼ିଉଠିବା ସହ ନିଜ ନିଜ ସମୁଦାୟ ପାଇଁ ସକାରାତ୍ମକ ଆଦର୍ଶ ଓ ପରିବର୍ତ୍ତନର ବାହକ ହୋଇପାରିବେ। ସଭାରେ ବିଭିନ୍ନ କଲେଜ ଅଧକ୍ଷ, ଅଧ୍ୟାପକ, ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତା ଯୋଗ ଦେଇଥିଲେ। ଶେଷରେ ତୋଫାନ ଫାଉଣ୍ଡେସନର ପରାମର୍ଶଦାତା ଶ୍ରୀ ପାଣ୍ଡିଆ ଧନ୍ୟବାଦ ଅର୍ପଣ କରିଥିଲେ।



# ନବୀନ ନିବାସରେ ରକ୍ଷାବନ୍ଧନ ପର୍ବ

## ସବୁ ଭେଦଭାବ ଭୁଲି ଆମର ସାମାଜିକ ଓ ସାଂସ୍କୃତିକ ବନ୍ଧନକୁ ସୁଦୃଢ଼ କରିବା : ଶ୍ରୀ ପଟ୍ଟନାୟକ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ରକ୍ଷା ବନ୍ଧନ ଅବସରରେ ଗୁରୁବାର ନବୀନ ନିବାସରେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇବାକୁ ବିଶେଷ ଭିଡ଼ ହୋଇଥିଲା। କୁନି କୁନି ଝିଅମାନଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ଅନୁଷ୍ଠାନର ସଭ୍ୟମାନେ ସମବେତ ହୋଇଥିଲେ। ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବ୍ରହ୍ମକୁମାରୀମାନେ ଗାଇଡ୍ସର ଛାତ୍ରୀମାନେ, ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀ ଓ ଗୁରୁଜୀମାନେ ଓ ବିରୋଧୀଦଳ ମୁଖ୍ୟ ସଚେତକ ଶ୍ରୀମତୀ ପ୍ରମିଳା ମଲ୍ଲିକ, ପୂର୍ବତନ ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ ପ୍ରମୁଖ ବିରୋଧୀଦଳ ନେତାଙ୍କୁ ରାଖୀ ବାନ୍ଧି ଶୁଭେଚ୍ଛା ଜଣାଇଥିଲେ। ଶ୍ରୀ ପଟ୍ଟନାୟକ ଶୁଭେଚ୍ଛା ଗ୍ରହଣ କରି ସବୁ ଭେଦ ଭାବ ଭୁଲି ଆମର ସାମାଜିକ ଓ ସାଂସ୍କୃତିକ ବନ୍ଧନକୁ ସୁଦୃଢ଼ କରିବାକୁ କାମ କରିବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ।



## ନେପାଳର ପ୍ରଳୟଙ୍କରୀ ବନ୍ୟା ନେଇ ଦୁଃଖ ପ୍ରକାଶ କଲେ ନବୀନ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ନେପାଳରେ ପ୍ରଳୟଙ୍କରୀ ବନ୍ୟାରେ ସଂଖ୍ୟାଧିକ ଲୋକଙ୍କ ମୃତ୍ୟୁ ଘଟଣାରେ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ନବୀନ ଲେଖିଛନ୍ତି ନେପାଳର ଭୋଟେକୋଶି ନଦୀରେ ହୋଇଥିବା ପ୍ରଳୟଙ୍କରୀ ବନ୍ୟା ଏବଂ ଭୂସ୍ଖଳନରେ ଏତେ ଲୋକଙ୍କ ମୃତ୍ୟୁ ବିଷୟରେ ଜାଣିବାକୁ ପାଇ ମୁଁ ଗଭୀର ଦୁଃଖିତ। ମୋର ଭାବନା ଏବଂ ପ୍ରାର୍ଥନା ସେହି ନିକଟତମ ଏବଂ ପ୍ରିୟଜନଙ୍କୁ ହରାଇଥିବା ପରିବାରଗୁଡ଼ିକ ସହିତ ଅଛି। ଏହି ଦୁର୍ଘଟଣା ପରେ ଏତେ ସଂଖ୍ୟକ ଭାରତୀୟଙ୍କ ସହ ଯୋଗାଯୋଗ ବିଚ୍ଛିନ୍ନ ଅଛି ଜାଣି ମୁଁ ଚିନ୍ତିତ। ଦୁର୍ଘଟଣା ଘଟିବା ପରଠାରୁ ନିଖୋଜ କିମ୍ବା ଯୋଗାଯୋଗ ବିଚ୍ଛିନ୍ନ ଥିବା ଲୋକଙ୍କ ଶୀଘ୍ର ଉଦ୍ଧାର ପାଇଁ ପ୍ରାର୍ଥନା କରୁଛି। ନିଖୋଜ ଥିବା ଲୋକଙ୍କୁ ଶୀଘ୍ର ଉଦ୍ଧାର କରିବା ପାଇଁ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରୁଛି ଏବଂ ଏହି ଦୁଃଖଦ ସମୟରେ ପ୍ରଭୁ ପରିବାରକୁ ପର୍ଯ୍ୟାପ୍ତ ଶକ୍ତି ପ୍ରଦାନ କରିବାକୁ ପ୍ରାର୍ଥନା କରୁଛି।





ପୂର୍ବତନ ଏମଏଲଏ ଉମାବଲ୍ଲଭ ରଥଙ୍କ ବାସଭବନରେ ଅୟୋଜିତ ସମ୍ବର୍ଦ୍ଧନା ଉତ୍ସବ-୨ରେ ଭରତ ଚନ୍ଦ୍ର ସାହୁଙ୍କ ଦୀର୍ଘ ନିରାମୟ ଜୀବନ କାମନା କରାଯାଉଛି। ଶ୍ରୀ ରଥ ଶ୍ରୀ ସାହୁଙ୍କୁ ବିଭିନ୍ନ ଉପହାର ପ୍ରଦାନ କରିଥିଲା ବେଳେ ଶ୍ରୀ ରଥଙ୍କ ପତ୍ନୀ କଳ୍ପନା ରଥ ଶ୍ରୀ ସାହୁଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। (ଫଟୋ : ସମ୍ବାଦ କଳିକା)

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଗାମୀ ୨...

ଏହାପରେ ମୁଖ୍ୟମନ୍ତ୍ରୀ ମଞ୍ଚ ଉପରେ ନିଜ ହାତରେ ହିତାଧିକାରୀଙ୍କୁ ଜମି ପଟ୍ଟା ପ୍ରଦାନ କରିଥିଲେ।

କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଗୋଳାବନ୍ଧର ଅଧିବାସୀଙ୍କ ସଂଘର୍ଷ ଓ ତ୍ୟାଗ ଅସୀମ। ୧୯୮୪ ମସିହାରେ ଆର୍ମି ଏୟାର ଡିଫେନ୍ସ କଲେଜ ପାଇଁ ଜମି ହସ୍ତାନ୍ତର ପରଠାରୁ ଦୀର୍ଘ ୪ ଦଶନ୍ଧି ଧରି ଅଣଦେଖା ହୋଇ ରହିଥିବା ଏହି ସମସ୍ୟାର ଆମ ସରକାର ସ୍ଥାୟୀ ସମାଧାନ କରିଛନ୍ତି। ବିଗତ ୨୪ ବର୍ଷର ଶାସନ କାଳରେ ଗଞ୍ଜାମ ଜିଲ୍ଲାରୁ ପ୍ରତିନିଧିତ୍ୱ କରୁଥିବା ନେତୃତ୍ୱ ନୋଳିଆ ପରିବାରଙ୍କ ସ୍ୱରକୁ ଚାପି ରଖିଥିବା ବେଳେ, 'ଡବଲ ଇଞ୍ଜିନ' ସରକାର ଆସିବା ପରେ ଏହି ସମସ୍ୟାକୁ ପ୍ରାଥମିକତା ଦିଆଯାଇଛି।

ସୂଚନା ଯୋଗ୍ୟଯେ ଘୋଷିତ ସ୍ୱତନ୍ତ୍ର ପ୍ୟାକେଜ୍ ଅଧୀନରେ ୧,୩୭୧ଟି ଯୋଗ୍ୟ ପରିବାରକୁ ଆର୍ଥିକ ସ୍ୱାବଲମ୍ବନ ପାଇଁ ପରିବାର ପିଛା ୫ ଲକ୍ଷ ଟଙ୍କା ଲେଖାଏଁ ମୋଟ ୬୮.୫୫ କୋଟି ଟଙ୍କାର ଏକକାଳୀନ କ୍ଷତିପୂରଣ ଡିବିଟି ମାଧ୍ୟମରେ ପ୍ରଦାନ କରାଯାଉଛି। ଘର ନିର୍ମାଣ ସହାୟତା ବାବଦରେ ୪ କୋଟି ୨୫ ଲକ୍ଷ ୧୦ ହଜାର ଟଙ୍କା ଆବଣ୍ଟନ କରାଯାଇଛି, ଯେଉଁଥିରେ ୯୯୮ଟି ଅସମ୍ପୂର୍ଣ୍ଣ ଗୃହକୁ ସମ୍ପୂର୍ଣ୍ଣ କରାଯିବା ସହ ୧୦ଟି ନୂତନ ଘର ନିର୍ମାଣ ହେବ। ଏହା ବ୍ୟତୀତ ନୂଆ କାର୍ତ୍ତିପୁର କଲୋନୀର ରାସ୍ତା, ଷ୍ଟ୍ରିଟ୍ ଲାଇଟ୍, ଅଙ୍ଗନବାଡ଼ି, ମାର୍କେଟ କମ୍ପ୍ଲେକ୍ସ, ପବ୍ଲିକ୍ ଟଏଲେଟ୍, ବାତ୍ୟା ଆଶ୍ରୟସ୍ଥଳୀ ଓ ମାଛଧରା ଡଙ୍ଗା ରଖିବା ପାଇଁ ବେଳାଭୂମି ସମତୁଲକରଣ ଭଳି ଭିତ୍ତିଭୂମି ବିକାଶ ପାଇଁ ୨.୮୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମଞ୍ଜୁର କରାଯାଇଛି।

ସେହିପରି ଛେଳିଗଡ଼ ପ୍ରକଳ୍ପର ବିସ୍ଥାପିତଙ୍କୁ ଦିଗପହଣ୍ଡିର ସାନ୍ତରାପୁରଠାରେ ଥଇଥାନ କରାଯାଇ ୧୧୨ ପରିବାରକୁ ୧୦ ଡିସିମିଲ୍ ଘରବାରି ଓ ୨ ଏକର ଲେଖାଏଁ ଚାଷଜମି ଯୋଗାଇ ଦିଆଯାଉଛି। ଗୁରୁବାର ଏମାନଙ୍କ ମଧ୍ୟରୁ ୯୬ ପରିବାରକୁ ପଟ୍ଟା ଦିଆଗଲା। ଅନ୍ୟ ସମସ୍ତଙ୍କୁ ଖୁବ୍ ଶିଘ୍ର ପଟ୍ଟା ଦିଆଯିବ।

ଆସନ୍ତା ବର୍ଷ ଶେଷ ସୁଦ୍ଧା ଛେଳିଗଡ଼ ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ଗଞ୍ଜାମ ଓ ଗଜପତି ଜିଲ୍ଲାର ୬ ହଜାର ହେକ୍ଟରରୁ ଅଧିକ ଜମି ଜଳସେଚିତ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।

ଗଞ୍ଜାମ ଜିଲ୍ଲାର ସାମଗ୍ରିକ ବିକାଶ ସମ୍ପର୍କରେ ଆଲୋଚନା କରି ମୁଖ୍ୟମନ୍ତ୍ରୀ ବ୍ଲୁ-ଇକୋନୋମି, ଅର୍ଜିପଲ୍ଲୀ ଫିସିଂ ବନ୍ଦର ନବୀକରଣ, ୨୮ଟି ଫିସ୍ ଲ୍ୟାଣ୍ଡିଂ ସେଣ୍ଟର, ଗୋପାଳପୁର ବନ୍ଦର ସମ୍ପ୍ରସାରଣ ଏବଂ ବାହୁଦାଠାରେ ୨୧,୫୦୦ କୋଟି ଟଙ୍କାର ନୂତନ ବୃହତ୍ ବନ୍ଦର ନିର୍ମାଣ ଯୋଜନା ବିଷୟରେ ସୂଚନା ଦେଇଛନ୍ତି। ଗୋପାଳପୁର ଶିଳ୍ପ ପାର୍କରେ ୪୦ ହଜାର କୋଟିରୁ ଅଧିକ ନିବେଶ ମାଧ୍ୟମରେ ୧୮ ହଜାରରୁ ଊର୍ଦ୍ଧ୍ୱ ଯୁବକଯୁବତୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ରାଜ୍ୟରେ ଆଗାମୀ ଦୁଇ ବର୍ଷରେ ୫ ଲକ୍ଷରୁ ଅଧିକ ନିଯୁକ୍ତି ସୃଷ୍ଟି ହେବାକୁ ଯାଉଥିବାରୁ ଯୁବଗୋଷ୍ଠୀଙ୍କୁ ନିଜକୁ ଦକ୍ଷ ଓ ପ୍ରଶିକ୍ଷିତ କରିବାକୁ ସେ ଆହ୍ୱାନ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ, ବିରୋଧୀମାନେ ଦୀର୍ଘ ୨୪ ବର୍ଷ ଧରି ଗଞ୍ଜାମକୁ ନିଜର ଅଭେଦ୍ୟ ଦୁର୍ଗ ଭାବି କେବଳ ରାଜନୀତି କରିଛନ୍ତି, କିନ୍ତୁ ବିସ୍ଥାପିତଙ୍କ ଦୁଃଖ ବୁଝିନାହାନ୍ତି। ଏହି ଜିଲ୍ଲା ରାଜ୍ୟକୁ ୫ ଥର ମୁଖ୍ୟମନ୍ତ୍ରୀ ଦେଇଥିଲେ ସୁଦ୍ଧା ଗରିବ ନୋଳିଆଙ୍କ ସ୍ୱର କ୍ଷମତାର ଅଳିନ୍ଦ ପାଖରେ ପହଞ୍ଚିପାରି ନଥିଲା। ବର୍ଷ ବର୍ଷ ଧରି ଫାଇଲ୍ ତଳେ ଗୋଳାବନ୍ଧର ଭବିଷ୍ୟତ ଚାପି ହୋଇରହିଥିଲା। କିନ୍ତୁ ଆମ 'ଡବଲ ଇଞ୍ଜିନ' ସରକାର କେବଳ ଭାଷଣ କିମ୍ବା ପ୍ରତିଶ୍ରୁତି ନଦେଇ, ପ୍ରତ୍ୟେକ ବିସ୍ଥାପିତ ପରିବାରକୁ ସ୍ଥାୟୀ ଓ ସୁରକ୍ଷିତ ଅଧିକାର ଦେବାକୁ କାର୍ଯ୍ୟ କରିଛନ୍ତି।

କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ନିଜ ଅଭିଭାଷଣରେ କହିଥିଲେ ଯେ, ଲୋକଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିବା ଆମ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। ଦୀର୍ଘ ବର୍ଷ ଧରି ଅଟକି ରହିଥିବା ଏହି ପୁନର୍ବାସ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ପାଇଁ ରାଜସ୍ୱ ବିଭାଗ ସ୍ୱତନ୍ତ୍ର ଧ୍ୟାନ ଦେଇଛି। ଗୋଳାବନ୍ଧ ଓ ଛେଳିଗଡ଼ର ବିସ୍ଥାପିତଙ୍କୁ ଯଥାଶୀଘ୍ର ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ଏବଂ ଜମି ପଟ୍ଟା ପ୍ରଦାନ ପ୍ରକ୍ରିୟାରେ କୌଣସି ପ୍ରକାର ବିଳମ୍ବ ସହ୍ୟ କରାଯିବ ନାହିଁ।

ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୁତି ଭୁଷଣ ଜେନା ପ୍ରକାଶ କରିଥିଲେ ଯେ, ଗୋପାଳପୁର ଶିଳ୍ପ ପାର୍କରେ ୧୪ଟି ପ୍ରକଳ୍ପ ମାଧ୍ୟମରେ ୪୦ ହଜାର କୋଟିରୁ ଅଧିକ ଟଙ୍କାର ନିବେଶ ହେବାକୁ ଯାଉଛି, ଯାହା ୧୮ ହଜାରରୁ ଊର୍ଦ୍ଧ୍ୱ ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ବାହୁଦାଠାରେ ୨୧,୫୦୦ କୋଟି ଟଙ୍କାରେ ମେଗା ବନ୍ଦର ନିର୍ମାଣ ଗଞ୍ଜାମର ବାଣିଜ୍ୟିକ ନକ୍ସାକୁ ବଦଳାଇ ଦେବ।

ସେହିପରି ଏମଏସଏମଇ, ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ, ସାମୁଦ୍ରିକ ଅର୍ଥନୀତିର ବିକାଶ ପାଇଁ ଅର୍ଜିପଲ୍ଲୀ ଫିସିଂ ବନ୍ଦରର ନବୀକରଣ ସହ ୨୮ଟି ନୂତନ ଫିସ୍ ଲ୍ୟାଣ୍ଡିଂ ସେଣ୍ଟର ପ୍ରତିଷ୍ଠା କରାଯାଉଛି। ଏମଏସଏମଇ ମାଧ୍ୟମରେ ସ୍ଥାନୀୟ ମହିଳା ଓ ଯୁବକମାନଙ୍କୁ ସ୍ୱାବଲମ୍ବୀ କରିବାକୁ ନୂତନ ଯୋଜନା କାର୍ଯ୍ୟକାରୀ ହେଉଛି।

ଏହି ଆୟୋଜିତ ସମାରୋହରେ ଆସିକା ସାଂସଦ ଅନୀତା ଶୁଭଦର୍ଶିନୀ, ବ୍ରହ୍ମପୁର ସାଂସଦ ଡକ୍ଟର ପ୍ରଦୀପ କୁମାର ପାଣିଗ୍ରାହୀ, ଆସିକା ବିଧାୟକ ସରୋଜ କୁମାର ପାଢ଼ୀ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା, ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ, ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା, ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ, ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡକ୍ଟର ଅରବିନ୍ଦ ପାଢ଼ୀ ଓ ଦକ୍ଷିଣାଞ୍ଚଳ ଆରଡିସି ସଂଗ୍ରାମ କେଶରୀ ମହାପାତ୍ରଙ୍କ ସମେତ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ୍ ଏବଂ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ନେପାଳରେ...

ସମସ୍ତ ପ୍ରୟାସ କରୁଛୁ। ଆମେ ଏହି ବିଷୟ ଉପରେ ଅଧିକ ଅପଡେଟ୍ ପାଇବୁ ଏବଂ ଆମେ ଯଥାଶୀଘ୍ର ଆପଣଙ୍କୁ ସୂଚନା ଦେବାକୁ ଚେଷ୍ଟା କରିବୁ।

ନେପାଳର ରସୁୱାର ଭୋଟେକୋଶୀ ନଦୀରେ ବୁଧବାର ଆସିଥିବା ବିନାଶକାରୀ ବନ୍ୟା ପରେ ଖୋଜାଖୋଜି ଏବଂ ଉଦ୍ଧାର ଅଭିଯାନ ଯୁଦ୍ଧକାଳୀନ ଭିତ୍ତିରେ ଆରମ୍ଭ ହୋଇଛି। ନେପାଳୀ ସେନା ଗୁରୁବାର ସକାଳେ ହେଲିକପ୍ଟର ମାଧ୍ୟମରେ ୧୨୩ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରିଛନ୍ତି। ଏଥିରେ ୨୧ ଜଣ ଭାରତୀୟ ପର୍ଯ୍ୟଟକ ମଧ୍ୟ ସାମିଲ ଅଛନ୍ତି।

ନେପାଳୀ ସେନାର ସୂଚନା ଅନୁସାରେ, ଟିମୁରେ ଅଞ୍ଚଳରୁ ୯୫ ଜଣ, ହାକୁ ସ୍ଥିତ ଏକ ଜଳବିଦ୍ୟୁତ ପ୍ରକଳ୍ପର ସୁଡଙ୍ଗରେ ଫସିଥିବା ୭ ଜଣ ଏବଂ ନିଖୋଜ ୨୧ ଜଣ ଭାରତୀୟ ପର୍ଯ୍ୟଟକଙ୍କୁ ଜୀବିତ ସୁରକ୍ଷିତ ଭାବେ ବାହାର କରାଯାଇଛି।

ସେନା କହିଛି ଯେ ପ୍ରଭାବିତ ଅଞ୍ଚଳର ଅନ୍ୟ ସୁଡ଼ଙ୍ଗଗୁଡ଼ିକରେ ଫସିଥିବା ଲୋକଙ୍କୁ ଖୋଜାଯାଉଛି। ବନ୍ୟା ପ୍ରଭାବିତ ଅଞ୍ଚଳରେ ରିଲିଫ ଏବଂ ଉଦ୍ଧାର କାର୍ଯ୍ୟକୁ ପ୍ରାଥମିକତା ସହ ଆଗକୁ ବଢ଼ାଯାଉଛି।

ନେପାଳର ପ୍ରଧାନମନ୍ତ୍ରୀ ବାଲେନ୍ଦ୍ର ଶାହ କହିଛନ୍ତି ଯେ ଭୋଟେକୋଶୀ ବନ୍ୟା ପ୍ରଭାବିତ ଅଞ୍ଚଳରେ ଆବଶ୍ୟକ ରିଲିଫ ଏବଂ ସହାୟତା ସାମଗ୍ରୀ ଦ୍ରୁତ ଗତିରେ ପହଞ୍ଚାଯାଉଛି।

ପ୍ରଧାନମନ୍ତ୍ରୀ ଶାହଙ୍କ ସୂଚନା ଅନୁସାରେ, ଗୁରୁବାର ସକାଳ ୬:୩୦ଟାରୁ ହିଁ ପ୍ରଭାବିତ ଅଞ୍ଚଳରେ ଉଦ୍ଧାର ପାଇଁ ହେଲିକପ୍ଟର ଉଡ଼ାଣ ଆରମ୍ଭ ହୋଇଥିଲା। ସକାଳଠାରୁ ଏପର୍ଯ୍ୟନ୍ତ ୧୫ରୁ ଅଧିକ ଉଡ଼ାଣ ହୋଇସାରିଛି, ଯେତେବେଳେକି ଅତିରିକ୍ତ ହେଲିକପ୍ଟରଗୁଡ଼ିକୁ ମଧ୍ୟ ଉଡ଼ାଣ ପାଇଁ ପ୍ରସ୍ତୁତ ରଖାଯାଇଛି।

ପ୍ରଧାନମନ୍ତ୍ରୀ ଶାହ କହିଛନ୍ତି ଯେ ନେପାଳୀ ସେନା ଦ୍ୱାରା ଆଜି ସକାଳେ ଚଳାଯାଇଥିବା ଉଦ୍ଧାର ଅଭିଯାନ ଅଧୀନରେ ରସୁୱାର ଟିମୁରେରୁ ୧୧୬ ଜଣଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି। ଏଥିରେ ୯୫ ଜଣ ନେପାଳୀ ଏବଂ ୨୧ ଜଣ ଭାରତୀୟ ନାଗରିକ ସାମିଲ ଅଛନ୍ତି। ଏହି ଅଭିଯାନ ସମୟରେ ଏକ ସୁଡ଼ଙ୍ଗରେ ଫସିଥିବା ୭ ଜଣ ନେପାଳୀ ନାଗରିକଙ୍କୁ ମଧ୍ୟ ସୁରକ୍ଷିତ ବାହାର କରାଯାଇଛି।

ସେ କହିଛନ୍ତି ଯେ ପ୍ରଭାବିତ ଅଞ୍ଚଳରେ ଜେନେରେଟର, ପୋର୍ଟେବଲ ମୋବାଇଲ ଟାୱାର, ଚିକିତ୍ସା ସାମଗ୍ରୀ, ଟେଣ୍ଟ ତଥା ଲୁହା ଏବଂ ପଥର କାଟିବା ମେସିନ ପହଞ୍ଚାଯାଉଛି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ବିପର୍ଯ୍ୟୟ ପ୍ରଭାବିତ ଅଞ୍ଚଳରେ ମୋବାଇଲ ନେଟୱର୍କ ଏବଂ ମୋବାଇଲ ଫୋନ ଚାର୍ଜିଂର ଅସ୍ଥାୟୀ ବ୍ୟବସ୍ଥା ଶୀଘ୍ର ଆରମ୍ଭ କରାଯିବ।

ପ୍ରଧାନମନ୍ତ୍ରୀ ଶାହ କହିଛନ୍ତି ଯେ ନୂଆକୋଟରେ ଅସ୍ଥାୟୀ ଶିବିର ପ୍ରସ୍ତୁତ କରାଯାଇଛି, ଯେଉଁଠାରେ ଖାଦ୍ୟ ଏବଂ ପାଣିର ବ୍ୟବସ୍ଥା କରାଯାଇଛି। ସେ ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି ଯେ ଡ୍ରୋନ ସର୍ଭେ ମାଧ୍ୟମରେ ପ୍ରଭାବିତ ସମସ୍ତ ଅଞ୍ଚଳର ସୂଚନା ସଂଗ୍ରହ କରିବା କାମ ଶେଷ ପର୍ଯ୍ୟାୟରେ ଅଛି। ହେଲିକପ୍ଟରରେ ଲୋକଙ୍କୁ ଉଦ୍ଧାର କରିବା ସମୟରେ ଗୁରୁତର ଭାବେ ଅସୁସ୍ଥ, ବୃଦ୍ଧ, ମହିଳା ଏବଂ ଶିଶୁମାନଙ୍କୁ ପ୍ରାଥମିକତା ଦିଆଯିବ।

### ବିଶିଷ୍ଟ ବୋଲାଉଥିବା...

ଗୋଷ୍ଠୀଗଣ ସମଧର୍ମା ସାହିତ୍ୟକାର ମାନଙ୍କୁ ନେଇ ଯୁଗ ପରିସ୍ଥିତିକୁ ଲକ୍ଷ୍ୟ କରି ନିଜ ନିଜର କୃତୀ ସର୍ଜନାକୁ ପାଠକାର୍ପଣ କରିବାରେ ମଧ୍ୟ ସେବେଳେ ସଫଳ ହୋଇଛନ୍ତି। ସାହିତ୍ୟକାରଙ୍କ ଉପଲବ୍ଧି ଓ ସାରସ୍ୱତ କୃତୀ ଗତ ଆହ୍ୱାନ ମଧ୍ୟ ତତ୍‌କାଳରେ ସମଗ୍ର ବିଶ୍ୱରେ ବିପ୍ଳବ ଆଣିବାରେ ସଫଳ ହୋଇଛି ଓ ବିଶ୍ୱର ବୈଚାରିକ ଦୃଷ୍ଟିଭଙ୍ଗୀ ମଧ୍ୟ ବଦଳିଯାଇଛି। ଏହି କଥା କହିବାର ତାତ୍ପର୍ଯ୍ୟ ଏହି ଯେ, ସାହିତ୍ୟକାରଟିଏ ପ୍ରାଚୀନକାଳର କବି ପରି ସ୍ୱପ୍ନଭୁକ୍ ନହୋଇ ସମାଜ ମନସ୍କ ହୋଇଛି ଓ ସମାଜରେ ଘଟୁଥିବା ଅବିଚାର ପ୍ରତି ମଧ୍ୟ ନିଃସର୍ତ୍ତରେ କଲମ ଚାଳନା କରିବାକୁ ପଶ୍ଚାତପଦ ହୋଇନାହିଁ। ସାହିତ୍ୟ ସ୍ରଷ୍ଟାଟିର ଏହାହିଁ ଧର୍ମ ଓ ସାମାଜିକ ଉତ୍ତରଦାୟିତ୍ୱର ମାନସିକତା ! ଏବେ କିନ୍ତୁ ସେଭଳି ସାହିତ୍ୟିକ ସଂଗୋଷ୍ଠୀ ଭାବ କିମ୍ବା ଅଗ୍ରଜ ସାହିତ୍ୟ ସାଧକମାନଙ୍କ ଠାରୁ ଆପଣାପଣର ଲେଶମାତ୍ର କରୁଣା ଅନୁଜ ସ୍ରଷ୍ଟାଗଣ ପାଇବାରେ ଯେ ଦାବିଦାର ହୋଇପାରିବେ ଏପରି ଆଶା କାହିଁ ଦେଖାଯାଉ ନାହିଁ ! ସ୍ୱକୀୟ ସୃଷ୍ଟି, ତା'ର ବୈଧତା, ପ୍ରଚାର ପ୍ରସାର ଆଦି ପୁରସ୍କାର ମଞ୍ଚମାନଙ୍କୁ ଏପରି ପ୍ରଭାବିତ କରି ରଖିଛି ଯେ, ଏହି ଆଗଧାଡିର କତିପୟ ସାଧକଙ୍କୁ ବାଦ୍ କଲେ ଯେପରି ଓଡ଼ିଆ ସାହିତ୍ୟର ଅଗ୍ରଗତି ପ୍ରଭାବଶୂନ୍ୟ ହୋଇପଡିବ ? ପୁରସ୍କାର ପ୍ରାପ୍ତି ଜନିତ ଅକୁଳାଣ ଲାଳସା ଏବେ ସାହିତ୍ୟକାର ମାନଙ୍କୁ ଏପରି ଘାରିଛି ଯେ, ସଂପୃକ୍ତ ପୁରସ୍କାର ଦାତା (ଅନୁଷ୍ଠାନ), କର୍ତ୍ତାଙ୍କ ଗୃହ ପ୍ରାଙ୍ଗଣରେ ସାହିତ୍ୟିକମାନଙ୍କର ଲମ୍ବା ଧାଡି ତା'ର ଅଶୁଭ ସୂଚନା ପ୍ରଦାନ କରୁଛି ! ସମଗ୍ର ରାଜ୍ୟରେ ନିଜର କୃତୀ-ପ୍ରବୃତ୍ତି-ଜୀବନସାଧନକୁ ହତାଦାର କରି ବହୁ ସାହିତ୍ୟ ସାଧକଗଣ ଗଳଦଘର୍ମ ହୋଇ ସେମାନଙ୍କର ଶ୍ରମ-ସମୟକୁ ଆସିବାରେ କେବେବି ସାମର୍ଥ୍ୟ ପାଉନାହିଁ। ଏହାହିଁ ଆମ ସାହିତ୍ୟର ଘୋରତର ବିଡମ୍ବନା ! ସେହି ମୁକୁଟ ମଣ୍ଡିତ ତଥାକଥିତ ସାହିତ୍ୟକାର ଗଣ ପଲ୍ଲୀଠୁଁ ଦିଲ୍ଲୀ ପର୍ଯ୍ୟନ୍ତ ଘୋଷିତ ହେଉଥିବା ପ୍ରତ୍ୟେକଟି ସାହିତ୍ୟ ପୁରସ୍କାର, ଉପାଧିଗୁଡିକୁ ଅତ୍ୟନ୍ତ କୌଶଳରେ ହାସଲ -ଅପହରଣ କରିବାରେ ମଧ୍ୟ ସଫଳକାମୀ ଅଟନ୍ତି। ଏଠି ଏବେ ସର୍ଜନାର ମୂଲ୍ୟାୟନ ହେଉନାହିଁ, ମୂଲ୍ୟାୟନ ହେଉଛି ସାହିତ୍ୟିକର ନାମ, ପଦପଦବୀ ଓ ଚତୁଳ ପାରଦର୍ଶିତା ଯାହା ତାକୁ ଅଯଥା ମହିମାମୟ କରି ସାରସ୍ୱତ ସମାଜରେ ଏକ ବିକଳଚିତ୍ରର ଦୃଶ୍ୟାୟନ କରାଯାଉଛି। ଏପରି ସ୍ଥଳେ ଜାତି ସାହିତ୍ୟର ଉନ୍ନତି ହେବ ବା କେଉଁଠୁ ? ଦେଶ ସ୍ୱାଧୀନତାର ପରେ ପରେ ଏହି ଲେଖକର ବାଲ୍ୟକାଳରେ ରାଜ୍ୟକୁ ପ୍ରତିନିଧିତ୍ୱ କରୁଥିବା ଜଣେ ତୁଙ୍ଗ ରାଜନୀତିକ ପୁରୁଷ ତାଙ୍କ ଅନୁଷ୍ଠାନ ପ୍ରାଙ୍ଗଣରେ ବିବୁଧ ସଭାର ଆୟୋଜନ କରି ରାଜ୍ୟର ଲବ୍ଧ ପ୍ରତିଷ୍ଠା ସାହିତ୍ୟିକ, କଳାକାର, ଲୋକ ସଙ୍ଗୀତ, ଯାଦୁକରଙ୍କ ଠୁଁ ବିଶିଷ୍ଟ ଶିକ୍ଷାବିତ୍, ଯୋଜନାବିତ୍‌ମାନଙ୍କୁ ଏକତ୍ରିତ କରାଇ ସେ ରାଜ୍ୟର ଭାଷା-ଶିକ୍ଷା-କଳା-ସ୍ଥାପତ୍ୟ ବିକାଶକୁ ଲୋକାଭିମୁଖୀ କରାଇବାରେ ଏଭଳି ପ୍ରଚେଷ୍ଟା କରୁଥିଲେ ଯେ, ତାହା ଆମ୍ଭେ ଦେଖି ଶୁଣି ରୋମାଞ୍ଚିତ ହେଉଥିଲୁ। ସେପରି ରାଜନୀତିକ ବିଶିଷ୍ଟ ବ୍ୟକ୍ତିମାନେ ହିଁ ଆମ ରାଜ୍ୟର କଳା-ସଂସ୍କୃତି-ସାହିତ୍ୟର ଅଭ୍ୟୁଦୟ ବିକାଶ ଓ ପ୍ରସାର ପାଇଁ ଅନେକାନେକ କଷ୍ଟ-ଯନ୍ତ୍ରଣାକୁ ନେଇ ଆମ ଭାଷା ସାହିତ୍ୟକୁ ମୂର୍ତ୍ତିମନ୍ତ କରିବାରେ ସହଯୋଗ କରିଛନ୍ତି। ମାତ୍ର ଆମେ ଏବେ ପାଉଛେ କ'ଣ ? ନା ପ୍ରୋତ୍ସାହନ ନା ଆତ୍ମୀୟତା ନା ବିଚାର ! ଲୋଭୀ-ଲୁବ୍ଧକର ଚତୁର ଶିକାରରେ ବର୍ତ୍ତମାନର ସାହିତ୍ୟ-ସାହିତ୍ୟକାର ଓ ସମାଜରେ ସାହିତ୍ୟ ପ୍ରତି ବୀତସ୍ପୃହତା ଦେଖାଯିବାରେ କୌଣସି ଆଶ୍ଚର୍ଯ୍ୟଜନକ କାରଣ ଯେ ଅଛି କାହିଁ ସେପରି ଦେଖାଯାଉ ନାହିଁ ତ !! ବିଶିଷ୍ଟମାନେ ଏବେ ପୁରସ୍କାରଜନିତ ଲାଭଫଳ ସମ୍ପାଦିବାରେ ବ୍ୟସ୍ତ ! ଜାତି ସାହିତ୍ୟ ଯେଉଁ ଚୁଲିକୁ ଯାଉଛି ଯାଉ ! ଆପେ ବଞ୍ଚିଲେ ବାପର ନାଁ ! ଏପରି ହେଲେ ଓଡ଼ିଆ ସାହିତ୍ୟ ତିଷ୍ଠି ରହିବ ବା କିପରି ?

## ଟାଟାଷ୍ଟିଲ୍ ପକ୍ଷରୁ ସାର୍ ଦୋରାବଜୀ ଟାଟାଙ୍କ ଜୟନ୍ତୀ ପାଳିତ



ଯାଜପୁର, ନ୍ୟୁଜ ବ୍ୟୁରୋ

ଟାଟା ଷ୍ଟିଲ୍ କଳିଙ୍ଗନଗର ଏବଂ ନୀଳାଚଳ ଇସ୍ପାତ ନିଗମ ପକ୍ଷରୁ ଗୁରୁବାର ସାର୍ ଦୋରାବଜୀ ଟାଟାଙ୍କ ୧୬୭ତମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ଟାଟା ଷ୍ଟିଲ୍ କଳିଙ୍ଗନଗର ଟାଉନସିପ୍ ସ୍ଥିତ ସାର୍ ଦୋରାବଜୀ ଟାଟା ସ୍ପୋର୍ଟସ କମ୍ପ୍ଲେକ୍ସରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ଏହି ମହାନ ଦୂରଦ୍ରଷ୍ଟାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏଥିରେ ଟିଏସକେର ଭାଇସ୍ ପ୍ରେସିଡେଣ୍ଟ (ଅପରେସନ୍ସ) ଉତ୍ତମ ସିଂହ ମୁଖ୍ୟ ଅତିଥି ଭାବେ ଏବଂ ଟାଟା ଷ୍ଟିଲ୍ କଳିଙ୍ଗନଗର ୱାର୍କର୍ସ ୟୁନିଅନର ସଭାପତି ରବୀନ୍ଦ୍ର କୁମାର ଜାମୁଦା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ କମ୍ପାନୀର ବରିଷ୍ଠ ଅଧିକାରୀ, ୟୁନିଅନର କର୍ମକର୍ତ୍ତା ତଥା କର୍ମଚାରୀମାନେ ଉପସ୍ଥିତ ଥିଲେ। ଜୟନ୍ତୀ ଉପଲକ୍ଷେ କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ସେହିପରି ଏନଆଇଏନଏଲ ପରିସରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଏନଆଇଏନଏଲର ଏମଡି ତଥା ସିଇଓ ପଦ୍ମପାଳଙ୍କ ସମେତ ବହୁ ବରିଷ୍ଠ ଅଧିକାରୀମାନେ ଯୋଗଦେଇ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସମାନଭାବେ ବ୍ରାହ୍ମଣୀପାଳ ସ୍ଥିତ ଫେରୋ ଆଲଏଜ୍ ପ୍ଲାଣ୍ଟରେ ମଧ୍ୟ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ ଯେ, ସାର୍ ଦୋରାବଜୀ ଟାଟା ଥିଲେ ଟାଟା ଷ୍ଟିଲର ପ୍ରଥମ ଅଧ୍ୟକ୍ଷ। ସେ ସମୟ ପୂର୍ବରୁ କମ୍ପାନୀରେ ଉନ୍ନତ କର୍ପୋରେଟ୍ ଗଭର୍ନାନ୍ସ ଏବଂ କର୍ମଚାରୀ କଲ୍ୟାଣକାରୀ ନୀତି ପ୍ରଣୟନ କରିଥିଲେ। ଆଇନଗତ ଭାବେ ବାଧ୍ୟତାମୂଳକ ହେବା ପୂର୍ବରୁ ସେ ଦୈନିକ ୮ ଘଣ୍ଟା କାର୍ଯ୍ୟଦିବସ, ପ୍ରସୂତି ଛୁଟି, ଭବିଷ୍ୟ ନିଧି (ପିଏଫ୍), ଦୁର୍ଘଟଣା କ୍ଷତିପୂରଣ ଏବଂ ମାଗଣା ଚିକିତ୍ସା ସୁବିଧା ଭଳି ଅନେକ ଐତିହାସିକ କଲ୍ୟାଣକାରୀ ପଦକ୍ଷେପ ଆରମ୍ଭ କରିଥିଲେ। ଜଣେ ଉତ୍ସାହୀ କ୍ରୀଡ଼ାବିତ୍ ଭାବରେ ସାର୍ ଦୋରାବଜୀ ଟାଟା 'ଭାରତୀୟ ଅଲିମ୍ପିକ୍ ଆସୋସିଏସନ'ର ପ୍ରଥମ ସଭାପତି ଥିଲେ ଏବଂ ଅଲିମ୍ପିକ୍ସରେ ଭାରତର ପ୍ରବେଶ ପଛରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା।

## ରାୟଗଡ଼ାରେ ବଲାଙ୍ଗୀର ପୁଲିସ ଚଢ଼ଉ : ୮ କୋଟିର ସୁନା-ରୁପା ଜବତ,୨ ଅଟକ

କଲ୍ୟାଣସିଂହପୁର, ନ୍ୟୁଜ ବ୍ୟୁରୋ

ବଲାଙ୍ଗୀର ପୁଲିସର ଅତର୍କିତ ଚଢ଼ଉ କରିଥିଲା। ଘର କାନ୍ଥ, ବାଇକ୍ ଡିକି ଓ ଗୁହାଳରୁ ଉଦ୍ଧାର ହୋଇଛି ପୁଳାପୁଳା ସୁନା ଓ ରୁପା ଅଳଙ୍କାର । ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ ଗୋଡ଼ିବାଲି ପଞ୍ଚାୟତ ପଣସଗୁଡ଼ା ସହ କଲ୍ୟାଣସିଂହପୁର ବ୍ଲକ ସିଙ୍ଗାରୀ ପଞ୍ଚାୟତ ଖରଯୋଡ଼ାରେ ଚଢ଼ଉବେଳେ ପୁଲିସ ହାତରେ ଲାଗିଛି ଉପରୋକ୍ତ ଅଳଙ୍କାର । ଏସବୁ ବଲାଙ୍ଗୀର, କଳାହାଣ୍ଡି, ରାୟଗଡ଼ାର ବିଭିନ୍ନ ସୁନାଦୋକାନ, ଘର ଓ ମନ୍ଦିରରୁ ଚୋରି ହୋଇଥିଲା । ଓଜନ ହୋଇ ନ ଥିଲେ ବି ଉଦ୍ଧାର ଅଳଙ୍କାର ପ୍ରାୟ ୫ କେଜି ହେବ । ବଜାର ମୂଲ୍ୟ ୮ କୋଟି ହେବ ବୋଲି ଆକଳନ କରାଯାଉଛି। ମାମଲାରେ ଖରଯୋଡ଼ାର ରାଜେଶ ବାଗ ଓ ବର୍ବିଳ ନାଏକଙ୍କୁ ଅଟକ ରଖାଯାଇଛି । ଓଜନ ପରେ ଉଦ୍ଧାର ଅଳଙ୍କାର ବାବଦରେ ସ୍ପଷ୍ଟ ଚିତ୍ର ମିଳିବ ବୋଲି ବଲାଙ୍ଗୀର ଏସ୍‌ଡ଼ିପିଓ ଯଶୋବନ୍ତ ନାରାୟଣ ପ୍ରଧାନୀ କହିଛନ୍ତି। ବୁଧବାର ବଲାଙ୍ଗୀର ପୁଲିସ ସ୍ଥାନୀୟ ପୁଲିସ ସହଯୋଗରେ କାଶୀପୁର ବ୍ଲକ ପଣସଗୁଡ଼ାର ହରିଶ୍ଚନ୍ଦ୍ର ନାଏକ, କଲ୍ୟାଣସିଂହପୁର ବ୍ଲକ ଖରଯୋଡ଼ାର ରାଜେଶ ଓ ବର୍ବିଳଙ୍କ ଘରେ ଚଢ଼ଉ କରିଥିଲା। ବର୍ବିଳଙ୍କ ଘର କାନ୍ଥରେ ଥାକଥାକ କରି ରଖାଯାଇଥିଲା ସୁନା ଅଳଙ୍କାର । ବାଇକ୍ ଡିକି ଓ ଗୁହାଳରେ ଥିଲା ରୁପା ସାମଗ୍ରୀ । ଅଳଙ୍କାର ଉଦ୍ଧାର ପରେ ଅଧିକ ତଦନ୍ତ ଜାରି ରହିଛି । ମାମଲାରେ କେତେକ ଗିରଫ ହୋଇଥିବା ବେଳେ ରାଜେଶ ଓ ବର୍ବିଳଙ୍କୁ ପଚରାଉଚରା କରାଯାଉଛି । ଆଉ କେତେକ ଅଭିଯୁକ୍ତ ଫେରାର ଥିବା ଏସ୍‌ଡ଼ିପିଓ ଶ୍ରୀ ପ୍ରଧାନୀ ଓ ଆଇଆଇସି ଖଗପତି ବିଶ୍ୱାଳ ସୂଚନା ଦେଇଛନ୍ତି । ପୁଲିସ ସୂଚନା ଅନୁଯାୟୀ, ୨ ମାସ ପୂର୍ବେ ବଲାଙ୍ଗୀର ଜିଲ୍ଲା ସିନ୍ଦ୍ରେକେଲା ଦୁଆରଶୁଣୀ ମନ୍ଦିର, ସୁନା ଦୋକାନ, କଳାହାଣ୍ଡିର ଲାଞ୍ଜିଗଡ଼, ରାୟଗଡ଼ା ଓ କଲ୍ୟାଣସିଂହପୁରର ବିଭିନ୍ନ ସ୍ଥାନରେ ଚୋରି ହୋଇଥିଲା । ପ୍ରଥମେ ଜଣେ ଡ୍ରାଇଭରଙ୍କୁ ୧ ଲକ୍ଷ ୬୦ ହଜାର ଟଙ୍କା ଦିଆଯାଇଥିବା ସୂଚନା ମିଳିଥିଲା । ତଥ୍ୟକୁ ଭିତ୍ତି କରି ତଦନ୍ତ ଆଗେଇଥିଲା। ବର୍ବିଳ ଓ ରାଜେଶଙ୍କୁ ଅଟକ ପରେ ପଚରାଉଚରା କରାଯାଇଥିଲା। ବୁଧବାର ଭିଡିଓ କଲ୍ ମାଧ୍ୟମରେ ବର୍ବିଳ ଓ ରାଜେଶ ସୂଚନା ଦେଇଥିଲେ । ସୂଚନା ଆଧାରରେ ଉପରୋକ୍ତ ୩ ଜଣଙ୍କ ଘରେ ଚଢ଼ଉ କରାଯାଇଥିଲା । ଫେରାର୍ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ପୁଲିସ୍ କହିଛି ।

## ଓଁ ସାଇ ଟ୍ରଷ୍ଟ ଦ୍ୱାରା ରାଜଧାନୀରେ ୪ର୍ଥ ରସାବଳୀ ଦିବସ ପାଳିତ




ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଗୁରୁବାର ପୃଥିବୀ ପ୍ରସିଦ୍ଧ କେନ୍ଦ୍ରାପଡ଼ାର ଶ୍ରୀବଳଦେବଜୀଉଙ୍କ ପ୍ରସାଦ ରସାବଳୀର ଜି ଆଇ ଟ୍ୟାଗ ମିଳିବାର ୪ର୍ଥ ବର୍ଷ ପାଳନ କରାଯାଇଅଛି। ଏହି ଅବସରରେ ଓଁ ସାଇ ଟ୍ରଷ୍ଟ ତରଫରୁ ଭୁବନେଶ୍ୱରସ୍ଥ ଗୁରୁ କେଲୁଚରଣ ଓଡିଶୀ ଗବେଷଣା ପ୍ରତିଷ୍ଠାନ ପରିସରରେ ମହାନନ୍ଦର ସହ ପାଳିତ ହୋଇଯାଇଅଛି। ଆଜି ହେଉଛି ମହାବାହୁ ପ୍ରଭୁ ବଳଦେବଜୀଉଙ୍କ ଜନ୍ମଦିନ। ସବୁଦିନ ପରି ଆଜିର ଏହି ଜନ୍ମଦିନରେ ପ୍ରଭୁ ବଳଦେବଜୀଉଙ୍କୁ ସ୍ୱାଦିଷ୍ଟ ରସାବଳୀ ଭୋଗ ଅର୍ପଣ କରାଯାଇ ଭକ୍ତଗଣଙ୍କୁ ବଣ୍ଟନ କରାଯାଇଥାଏ । ରସାବଳୀକୁ ଜିଆଇଟ୍ୟାଗ ମିଳି ସାରିଛି । ଭୁବନେଶ୍ୱର ଠାରେ ଓମ ସାଇ ଟ୍ରଷ୍ଟର ଶ୍ରୀମତୀ ଜ୍ୟୋସ୍ନାମୟୀ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ବୃନ୍ଦାବନର ସନ୍ୟାସୀ ଶ୍ରୀଲ ଭକ୍ତିବେଦାନ୍ତ ସ୍ୱାମୀ ଉଦଘାଟନ କରିବା ସହ ପୂର୍ବତନ ମନ୍ତ୍ରୀ ଦେବି ପ୍ରସାଦ ମିଶ୍ର, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ରାଜ୍ୟସଭା ସାଂସଦ ସୁଲତା ଦେଓ, ପୂର୍ବତନ ରାଜ୍ୟ ମହିଳା ଆୟୁକ୍ତ ମିନତୀ ବେହେରା, ବଳଦେବଜୀଉଙ୍କ ସେବକ ଦେବେନ୍ଦ୍ର ସୁଆର, ଚକ୍ରଧର ଦାସ, ମନୋରଞ୍ଜନ ମହାନ୍ତି, ମନମୋହନ ରାଉତରାୟ, ଚିନ୍ମୟ ସାହୁ, ଲେନିନ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ରସାବଳିର ଗୁଣଗାନ କରିବାସହ ବଳଭଦ୍ରଙ୍କୁ ବନ୍ଦାଣ କରି ଗୋମାତାଙ୍କର ପୂଜନ କରିଥିଲେ। ପରିଶେଷରେ ଗୁରୁଜୀ ହେମନ୍ତ ଜେନା ଧନ୍ୟବାଦାର୍ପଣ କରି ଥିଲେ। ଏହି ଅବସରରେ କେନ୍ଦ୍ରାପଡ଼ାର ପ୍ରମୁଖ ବ୍ୟକ୍ତିବିଶେଷମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନ (ଟ୍ରଷ୍ଟ) ତରଫରୁ ଉପସ୍ଥିତ ସମସ୍ତଙ୍କୁ ରସାବଳୀ ବଣ୍ଟନ କରାଯିବାସହ ମଧ୍ୟାହ୍ନ ଭୋଜନରେ ଆପ୍ୟାୟିତ କରାଯାଇଥିଲା। ମଞ୍ଚରେ ବଳଭଦ୍ର ଏବଂ ଜଗନ୍ନାଥ ବେଶରେ କୁନି ପିଲାଙ୍କୁ କୁନି ସୁଭଦ୍ରା ରାକ୍ଷୀ ବାନ୍ଧିବା ଦୃଶ୍ୟ ସମସ୍ତଙ୍କୁ ଚମତ୍କୃତ କରିଥଲା। ଏତଦଭିନ୍ନ ରସାବଳୀ ଉପରେ ଆଧାରିତ ସଂଗୀତ, ଓଡିଶୀ ହ୍ୟାଣ୍ଡଲୁମ ବସ୍ତ୍ର ପରିହିତା ମହିଳାମାନଙ୍କ ରାମ୍ପ ସୋ କାର୍ଯ୍ୟକ୍ରମକୁ ରସମୟ କରି ରଖିଥିଲା। ସାଧନ ଜେନା ଏବଂ ରଶ୍ମିତା ଖଟୁଆଙ୍କ ତତ୍ତ୍ୱାବଧାନରେ ଟ୍ରଷ୍ଟର ବହୁ ସଭ୍ୟ ସଭ୍ୟା ଏବଂ ସ୍ୱେଚ୍ଛାସେବୀମାନଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ଅତି ସୁନ୍ଦର ଭାବେ ପରିଚାଳିତ ହୋଇଥିଲା।

## ନିଶା-ଏ-ନୁର କମିଟି ପକ୍ଷରୁ ମହାପୁରୁଷ ହଜରତ ମହମ୍ମଦଙ୍କ ଜୟନ୍ତୀରେ ବୃକ୍ଷ ରୋପଣ

କଟକ ସଦର, ନ୍ୟୁଜ ବ୍ୟୁରୋ

କଟକ ସଦର ଅନ୍ତର୍ଗତ ସୋମପୁର ପଞ୍ଚାୟତ ଥୋରିଆପଡ଼ା ଗ୍ରାମର ନୁରାନୀ ମହଲାରେ ଥିବା ନିଶା-ଏ-ନୁର୍ କମିଟି ପକ୍ଷରୁ ମହାପୁରୁଷ ହଜରତ ମହମ୍ମଦ(ସ)ଙ୍କ ଜୟନ୍ତୀ ଅବସରରେ 'ଏକ ପେଡ୍ ମହମ୍ମଦ(ସ)ଙ୍କ ନାମ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମୀର କୁମାର ସେନାପତି ମୁଖ୍ୟ ଅତିଥି, ଶିକ୍ଷାବିତ ରୋଶନ ରଥ, ପୂର୍ବତନ ସମିତି ସଭ୍ୟ ଅଶୋକ ବେହେରା, ସୁଦାମ ଭୋଇ, ସାମ୍ବାଦିକ ସାଜିଦ୍ ଅଲ୍ଲି, ବସନ୍ତ ରଥ , ଅମୂଲ୍ୟ ରଥ, ଶକିଲ ଅହମଦ, ସୟଦ୍ ନଇମ ଅଲ୍ଲି, ତଜମୁଲ ହୁସେନ, ଅବଦୁଲ ଗଫାର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ବୃକ୍ଷ ରୋପଣ କରିଥିଲେ। ଆୟୋଜକ କମିଟିର ଶେଖ ଯଫିର, ଶେଖ ସଦାକତ ଅଲ୍ଲି, ହୁମେରା ସାହେବା, ମନଜର ଅଲ୍ଲି ଖାନ୍, ମହମ୍ମଦ ମୋଜଫର, ମହମ୍ମଦ ରିଜୱାନ, ମହମ୍ମଦ ତବ୍ରେଜ, ମହମ୍ମଦ ସରତାଜ୍, ମହମ୍ମଦ ରିୟାଜ, ଶାହରୁଖ ଖାନ୍, ଶେଖ ଅରମାନ, ଅକ୍ସା, ଖୁସି, ଶେଖ ଅଲମସ୍, ଶେଖ ଅରଫାକ୍, ଅଫ୍ରିନ୍, ଗଜଲା, ବୁଲବୁଲ, ନାଜନି, ରାନୀ, ସାନି, ସାକିବ, ଯୁନେଦ୍ ପ୍ରମୁଖ ସହଯୋଗ କରିଥିଲେ।




दिल्ली विश्वविद्यालय
UNIVERSITY OF DELHI

**Advt. No. R&P/322/2026** **Date: 31.07.2026**

ଦିଲ୍ଲୀ ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ, ପରିବେଶ ଅଧ୍ୟୟନ, ଜେନେଟିକ୍ସ, ଭୂତତ୍ତ୍ୱ ବିଜ୍ଞାନ, ହିନ୍ଦୀ, ଭାଷା ବିଜ୍ଞାନ, କାର୍ଯ୍ୟକ୍ଷମ ଗବେଷଣା, ଦର୍ଶନ ଶାସ୍ତ୍ର, ପ୍ରାଣୀ ବିଜ୍ଞାନ ବିଭାଗରେ ସପ୍ତମ କେନ୍ଦ୍ରୀୟ ବେତନ ଆୟୋଗ ପେ ମାଟ୍ରିକ୍ସର ଏକାଡେମିକ୍ ପେ ସ୍ତର-୧୪ରେ ପ୍ରଫେସର ପଦବୀରେ ନିଯୁକ୍ତି ପାଇଁ ଯୋଗ୍ୟ ପ୍ରାର୍ଥୀଙ୍କଠାରୁ ନିର୍ଦ୍ଧାରିତ ଆବେଦନ ଫର୍ମରେ ଅନଲାଇନ୍ ଆବେଦନ ଆହ୍ୱାନ କରାଯାଉଛି। ଆବେଦନ ଗ୍ରହଣର ଶେଷ ତାରିଖ ଏମ୍ପ୍ଲୟମେଣ୍ଟ ନ୍ୟୁଜରେ ବିଜ୍ଞାପନ ପ୍ରକାଶନ ତାରିଖରୁ ଦୁଇ ସପ୍ତାହ। ଅଧିକ ବିବରଣୀ ପାଇଁ, ଦୟାକରି ବିଶ୍ୱବିଦ୍ୟାଳୟ ୱେବସାଇଟ୍ www.du.ac.in ପରିଦର୍ଶନ କରନ୍ତୁ ଏବଂ 'Work with DU' ଶୀର୍ଷକ ଅନ୍ତର୍ଗତ 'Jobs and Opportunities'ରେ କ୍ଲିକ୍ କରନ୍ତୁ।

ଯେକୌଣସି ପରିଶିଷ୍ଟ/ସଂଶୋଧନ କେବଳ ବିଶ୍ୱବିଦ୍ୟାଳୟ ୱେବସାଇଟରେ ପୋଷ୍ଟ କରାଯିବ।

**Cbc 21231/11/0015/2627** ପଞ୍ଜୀକୃତ କରନ୍ତୁ

ଉତ୍କଳ ଦୀପିକା

ଭୁବନେଶ୍ୱର, ୨୮ ଅଗଷ୍ଟ, ଶୁକ୍ରବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

## ଆଇନ ବିଭାଗ ପ୍ରମୁଖ ଶାସନ ସଚିବଙ୍କ ନିକଟରେ ଆଇନ୍‌ଜୀବୀଙ୍କ ଦାବି

# ଭିତରକାଠ ନିକଟରୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଅଧିକ ସମୟ ମିଳୁ



**ପୁରୀ, ୨୭/୮ ନ୍ୟୁଜ ବ୍ୟୁରୋ**

ଶ୍ରୀମନ୍ଦିର ଭିତରକାଠ ନିକଟରୁ ମହାପ୍ରଭୁଙ୍କୁ ଦର୍ଶନ କରିବା ନିମନ୍ତେ ଅଧିକ ସମୟ ଭକ୍ତଙ୍କୁ ଦିଆଯାଉ । ଭିତର କାଠ ଦର୍ଶନ ସମୟକୁ ସଂକୁଚିତ କରିବା ବନ୍ଦ କରାଯାଉ । ଏନେଇ ଆଇନ ବିଭାଗ ପ୍ରମୁଖ ଶାସନ ସଚିବଙ୍କ ନିକଟରେ ଅଭିଯୋଗ ହୋଇଛି । ଜିଲ୍ଲାପାଳଙ୍କ ଜରିଆରେ ଏହି ଅଭିଯୋଗ ଦାଖଲ କରିଛନ୍ତି ଆଇନଜୀବୀ ଦିଲ୍ଲୀପ ବରାଳ । ସେ ନିବେଦନ କରିଛନ୍ତି ଯେ, ଭିତରକାଠ ଠାରୁ ରତ୍ନ ସିଂହାସନରେ ବିରାଜିତ ଚତୁର୍ଦ୍ଧାମୂର୍ତ୍ତିଙ୍କ ସମେତ ଅନ୍ୟ ଚଳନ୍ତି ପ୍ରତିମାମାନଙ୍କ ଦର୍ଶନ ଭଲ ଭାବେ ମିଳିଥାଏ। ଏହି ଦର୍ଶନ ଶ୍ରଦ୍ଧାଳୁଙ୍କୁ ଅଧିକ ଶାନ୍ତି ଓ ତୃପ୍ତି ଦେଇଥାଏ। ମାତ୍ର ଶ୍ରଦ୍ଧାଳୁଙ୍କ ସଂଖ୍ୟା ବଢୁଥିବା ଓ ନୀତି ଶୃଙ୍ଖଳାର ଆଳ ଦେଖାଇ ଭିତରକାଠ ଦର୍ଶନ ସମୟକୁ ସଂକୁଚିତ କରାଯାଉଛି । ଅନେକ ଦିନ ମାନଙ୍କରେ ଶ୍ରଦ୍ଧାଳୁଙ୍କ ଭିତରକାଠ ଦର୍ଶନ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ବନ୍ଦ କରି ଦିଆଯାଉଛି। ଠିକଣା ସମୟରେ ନୀତି ପରିଚାଳନା କରି ନ ପାରି ପ୍ରଶାସନିକ କର୍ତ୍ତୃପକ୍ଷ ବାହାର କାଠ ଦର୍ଶନ ବ୍ୟବସ୍ଥାକୁ ଗୁରୁତ୍ୱ ଦେଉଛନ୍ତି । କିପରି ଅଧିକରୁ ଅଧିକ ଶ୍ରଦ୍ଧାଳୁ ଭିତର କାଠ ଦର୍ଶନ କରିବାର ସୁଯୋଗ ପାଇବେ ଏଥିନିମନ୍ତେ ପ୍ରଶାସନ ଦୃଷ୍ଟି ଦେଉନି । ବାହାର କାଠ ଠାରୁ ଯାଏଁ ଦର୍ଶନ ବ୍ୟବସ୍ଥା ଲାଗୁ ହେବା ପରେ ଭିତରକାଠ ଦର୍ଶନ ପାଇଁ ପାରମାଣିକ ବ୍ୟବସ୍ଥା ଲାଗୁ କରିବାକୁ ମସୁଧା ହୋଇଛି । ଶ୍ରୀଗୁଣ୍ଡିଚା ମନ୍ଦିରରେ ଏଭଳି ପାରମାଣିକ ଦର୍ଶନ ବ୍ୟବସ୍ଥା ଲାଗୁ କରି ରଥଯାତ୍ରା ବେଳେ ଶ୍ରଦ୍ଧାଳୁଙ୍କ ସହ ଅନ୍ୟାୟ ଓ ଶୋଷଣ କରାଯାଉଛି । ଶ୍ରଦ୍ଧାଳୁଙ୍କ ଭାବାବେଗକୁ କୁଠାରଘାତ କରି ଶ୍ରୀମନ୍ଦିରକୁ ବ୍ୟବସାୟିକ କେନ୍ଦ୍ର କରିବାକୁ ମସୁଧା କରାଯାଇଛି । ଶ୍ରୀମନ୍ଦିର ଭିତରେ ଥିବା କୋଇଲି ବୈକୁଣ୍ଠ, ରୋଷଘର, ନୀଳାଚଳ ଉପବନରେ ପ୍ରବେଶ ନିମନ୍ତେ ପ୍ରଶାସନ ଟଙ୍କା ଅଦାୟ କରୁଛି । ରୋହଣି କୁଣ୍ଡକୁ ପୂର୍ବ ଭଳି ନିଲାମ କରିବାକୁ ମଧ୍ୟ ମସୁଧା ଚାଲିଛି । ଶ୍ରୀମନ୍ଦିରକୁ ବ୍ୟବସାୟିକ କେନ୍ଦ୍ର ଭାବେ ବ୍ୟବହାର କରିବା ପାଇଁ ଚାଲିଥିବା ପ୍ରଶାସନିକ ଷଡ଼ଯନ୍ତ୍ର ଏଥିରୁ ସ୍ପଷ୍ଟ ଅନୁମେୟ ।

# ଆଜି ରାକ୍ଷୀ ପିନ୍ଧିବେ ମହାବାହୁ



**ପୁରୀ, ୨୭/୮ ନ୍ୟୁଜ ବ୍ୟୁରୋ**

ଶୁକ୍ରବାର ରାକ୍ଷୀ ପିନ୍ଧିବେ ମହାବାହୁ । ସେବାୟତଙ୍କ ଦ୍ୱାରା ରାକ୍ଷୀ ପ୍ରସ୍ତୁତି ଶେଷ ହୋଇଛି । ନାଲି, ନୀଳ, ହଳଦିଆ ଓ ବାଇଗଣୀ ରଙ୍ଗରେ ରାକ୍ଷୀ ପ୍ରସ୍ତୁତ ହୋଇଛି । ଗହ୍ମା ପୂର୍ଣ୍ଣମୀରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ପ୍ରଭୁ ବଳଭଦ୍ରଙ୍କୁ ରାକ୍ଷୀ ପିନ୍ଧାଇବେ ଭଉଣୀ ସୁଭଦ୍ରା। ସ୍ୱତନ୍ତ୍ର ବାସୁଙ୍ଗା ପାଟ ଶାଢ଼ିରେ ମହାପ୍ରଭୁଙ୍କ ପାଇଁ ସ୍ୱତନ୍ତ୍ର ରାକ୍ଷୀ ପାଟରା ବିଶୋଇ ସେବକମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଛି। ଗହ୍ମା ପୂର୍ଣ୍ଣମା ଦିନ ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ନୀତି ପରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ରଙ୍କଠାରେ ରାକ୍ଷୀ ଲାଗି ନୀତି ଅନୁଷ୍ଠିତ ହେବ । ବିଧି ମୁତାବକ ମହାପ୍ରଭୁ ଶ୍ରୀଜଗନ୍ନାଥ ଦୁଇଟି ଓ ଶ୍ରୀ ବଳଭଦ୍ର ଦୁଇଟି ଲେଖାଏଁ ରାକ୍ଷୀ ପରିଧାନ କରିବେ। ଏଥିସହ ହାତରେ ଦୁଇଟି ଲେଖାଏଁ ଗୁଆର ମାଳ ପରିଧାନ କରି ରାକ୍ଷୀ ପୂର୍ଣ୍ଣିମାରେ ଭକ୍ତଙ୍କୁ ଦର୍ଶନ ଦେବେ ଠାକୁର । ଶୁକ୍ରବାର ମଧ୍ୟ ପ୍ରଭୁ ବଳଭଦ୍ରଙ୍କ ଜନ୍ମ ନୀତି ମଧ୍ୟ ଅନୁଷ୍ଠିତ ହେବ।

# ପୂର୍ବତନ ଡିଜିପି ୱାଇ.ବି. ଖୁରାନିଆଙ୍କୁ ହାଇକୋର୍ଟଙ୍କ କାରଣ ଦର୍ଶାଅ ନୋଟିସ୍

**କଟକ, ୨୭/୦୮ ନ୍ୟୁଜ ବ୍ୟୁରୋ**



ପୂର୍ବତନ ଡିଜିପି ଯୋଗେଶ ବାହାଦୂର ଖୁରାନିଆଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି ହାଇକୋର୍ଟ । ତାଙ୍କ ବିରୋଧରେ କାହିଁକି ଅଦାଲତ ଅବମାନନା ମାମଲା ରୁଜୁ କରାଯିବ ନାହିଁ, ସେନେଇ କୈଫିୟତ ତଲବ କରିଛନ୍ତି କୋର୍ଟ । ବାରମ୍ବାର ସୁଯୋଗ ସତ୍ତ୍ୱେ କୋର୍ଟଙ୍କ ଆଦେଶ କାର୍ଯ୍ୟକାରୀ ନକରିବା ଏବଂ ମାମଲା ସମ୍ପର୍କରେ ବିଭ୍ରାନ୍ତିକର ତଥ୍ୟ ଥିବା ସତ୍ୟପାଠ ଦାଖଲ କରିବା ଅଭିଯୋଗକୁ ହାଇକୋର୍ଟ ଗୁରୁତ୍ୱର ସହ ନେଇଛନ୍ତି । ୨୦୨୫ ସେପ୍ଟେମ୍ବର ୨୫ରେ ଜାରି ହୋଇଥିବା ନିର୍ଦ୍ଦେଶକୁ ଶ୍ରୀ ଖୁରାନିଆ ଜାଣିଶୁଣି ଉଲ୍ଲଂଘନ କରିଥିବା ନେଇ ଅଭିଯୋଗ ରହିଛି । ଅଦାଲତ ଅବମାନନା ଆଇନର ଧାରା ୧୨ ଅନୁଯାୟୀ ତାଙ୍କ ବିରୋଧରେ କାହିଁକି ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆନଯିବ, ସେନେଇ ଜବାବ ରଖିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଶ୍ରୀ ଖୁରାନିଆ ଅବସର ନେଇସାରିଥିବାରୁ ପୁଲିସ ଆଇଜି (ପର୍ସନଲ) ତାଙ୍କୁ ଏହି ନୋଟିସ୍ ପ୍ରଦାନ କରିବେ । ନୋଟିସ୍ ପାଇବାର ୭ ଦିନ ମଧ୍ୟରେ ଶ୍ରୀ ଖୁରାନିଆଙ୍କୁ ଜବାବ ଦେବାକୁ ପଡ଼ିବ। ଚାକିରିରୁ ଛଟେଇ ହୋଇଥିବା ମହିଳା ପୁଲିସ ଅଧିକାରୀ ସାଗରିକା ପରିଡ଼ାଙ୍କ ପକ୍ଷରୁ ଦାୟର ମାମଲାର ଶୁଣାଣି କରି ହାଇକୋର୍ଟ ଏହି ପଦକ୍ଷେପ ନେଇଛନ୍ତି । ସାଗରିକାଙ୍କୁ ପୁନଃ ଚାକିରିରେ ଅବସ୍ଥାପିତ କରିବାକୁ ଗତବର୍ଷ ସେପ୍ଟେମ୍ବରରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ତେବେ ଏହି ଆଦେଶ କାର୍ଯ୍ୟକାରୀ ନକରି ତତ୍କାଳୀନ ଡିଜିପି ୱାଇବି ଖୁରାନିଆ କୋର୍ଟରେ ବିଭ୍ରାନ୍ତିକର ତଥ୍ୟ ସତ୍ୟପାଠ ଜରିଆରେ ଦେଇଥିବା ଅଭିଯୋଗ ହୋଇଛି । ଖୁରାନିଆ ଗତ ୧୬ ତାରିଖରେ ଡିଜିପି ପଦରୁ ଅବସର ନେଇଥିଲେ ମଧ୍ୟ ତାଙ୍କ ବିରୋଧରେ ଅଦାଲତ ଅବମାନନା ପ୍ରକ୍ରିୟା ଜାରି ରହିବ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି । ଏଥିସହ ୪ ସପ୍ତାହ ମଧ୍ୟରେ ସାଗରିକା ପରିଡ଼ାଙ୍କୁ ଚାକିରିରେ ପୁନଃସ୍ଥାପନ ସମ୍ପର୍କିତ ପୂର୍ବ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାକୁ କୋର୍ଟ କହିଛନ୍ତି । ଏଥିରେ ଅବହେଳା ହେଲେ ଭାରପ୍ରାପ୍ତ ଡିଜିପି ଓ ଆଇଜି (ପର୍ସନଲ)ଙ୍କୁ ସେପ୍ଟେମ୍ବର ୨୮ରେ ବ୍ୟକ୍ତିଗତ ଭାବେ ହାଜର ହେବାକୁ ପଡ଼ିବ ବୋଲି ହାଇକୋର୍ଟ ଚେତାବନୀ ଦେଇଛନ୍ତି ।

## ସମ୍ବର୍ଦ୍ଧନା ଉତ୍ସବରେ ବିଶିଷ୍ଟ ବ୍ୟକ୍ତିଙ୍କ ମତ ପ୍ରକାଶ

# "ଭରତ ଚନ୍ଦ୍ର ସାହୁ ମାନବ ସେବାର ଅଗ୍ରଦୂତ ଓ ଅଦ୍ୱିତୀୟ ପ୍ରତୀକ"

**ଭୁବନେଶ୍ୱର, ୨୭/୦୮ ନ୍ୟୁଜ ବ୍ୟୁରୋ**



ଐକାନ୍ତିକ ଉଦ୍ୟମ, ନିସ୍ୱାର୍ଥପର ସେବା ମନବୃତ୍ତି, ମାନବ ସେବାକୁ ମାଧବ ସେବା ଭାବରେ ଗ୍ରହଣ କରିବା ଦୃଢ଼ ଇଚ୍ଛାଶକ୍ତି, ପ୍ରତିବଦ୍ଧତା, ରୋଗୀମାନଙ୍କର ସେବା କରିବା ପାଇଁ ସମର୍ପିତ ମନୋଭାବ, ଭାତୃତ୍ୱ ଭାବର ଅହେତୁକ ଆଗ୍ରହ, ଜାତିଆଣ ଭାବରୁ ଊର୍ଦ୍ଧ୍ୱରେ ରହି ମନୁଷ୍ୟ ସମାଜର ପ୍ରତ୍ୟେକଟି ସଦସ୍ୟଙ୍କ ପ୍ରତି ସେବା କରିବାର ଏକ ଜ୍ୱଳନ୍ତ ପ୍ରତୀକ ହେଉଛନ୍ତି ଭରତ ଚନ୍ଦ୍ର ସାହୁ। ୧୯୪୭ ମସିହା ଭାରତ ସ୍ୱାଧୀନତା ପାଇବା ବର୍ଷ ତାଙ୍କର ଜନ୍ମ। ରାଜଧାନୀ ଡାକ୍ତରଖାନା ପ୍ରତିଷ୍ଠା ହେବା ଦିନଠାରୁ ତା'ରି ଭିତରେ ଏକ କୁଡିଆଘରେ ଚା' ଜଳଖିଆ ବିକ୍ରି ଆରମ୍ଭ କରନ୍ତି ଭରତ ଚନ୍ଦ୍ର। ଡାକ୍ତର ଖାନାକୁ ଆସୁଥିବା ରୋଗୀ ତଥା ସେମାନଙ୍କ ଆତ୍ମୀୟ ସ୍ୱଜନ, ସହାୟକ ମାନଙ୍କ ପାଇଁ ସେ ହିଁ ଥିଲେ ଭଗବାନ ସଦୃଶ୍ୟ। ଦିନରାତି ୨୪ ଘଣ୍ଟା ରୋଗୀମାନଙ୍କ ସେବାରେ ନିଜକୁ ନିୟୋଜିତ କରିଥାନ୍ତି। ୧୯୫୫ ମସିହାରେ ରାଜଧାନୀ ଡାକ୍ତରଖାନାର ସେହି ଚାଳଘରକୁ ତାଙ୍କୁ ଆଣିଥାନ୍ତି ଭରତଙ୍କ ଦାଦା ଲକ୍ଷ୍ମଣ ସାହୁ। ସେତେବେଳେ ତାଙ୍କୁ ୮ବର୍ଷ ବୟସ ହୋଇଥିଲା। ସେଇଠୁ ଆରମ୍ଭ ହୁଏ ଭରତଙ୍କ ମାନବ ସେବା କେନ୍ଦ୍ର। ଚା' ଜଳଖିଆ ମାଧ୍ୟମରେ ରୋଗୀ, ସେମାନଙ୍କର ସହାୟକ, ୟୁନିଟ୍-୬ ବାସିନ୍ଦା, ଗଙ୍ଗନଗର ଛକ ବାସିନ୍ଦାଙ୍କ ଠାରୁ ଆରମ୍ଭ କରି ରାଜଧାନୀର ସମସ୍ତ ଅଞ୍ଚଳର ଅଧିବାସୀ ଭରତ ଭାଇଙ୍କ ଦୋକାନକୁ ଆସନ୍ତି। ଆସନ୍ତି ବରା, ପକୁଡି, ଚା' ସହ କିଛି ଛଣାଜିନିଷ ଖାଇବା ପାଇଁ। ଖାଲି ଏତିକି ନୁହେଁ ସେମାନେ ଆସନ୍ତି ଭରତ ଭାଇ ସହିତ ଦୁଇ ପଦ ପୁରୁଣା କଥା ହେବା ପାଇଁ, ଭରତ ଭାଇର ଦର୍ଶନ ପାଇଁ। ସେମାନଙ୍କ ଭାଷାରେ ଭରତ ଭାଇ ଭଳି ଚରିତ୍ର ସାଧାରଣ ସାମାଜିକ ଜୀବନରେ ଅତ୍ୟନ୍ତ ବିରଳ ଓ କ୍ୱଚିତ ଦେଖାଯାଆନ୍ତି। କାହା ବିରୋଧରେ ପଦଟିଏ କହିବାର କେହି ଦେଖି ନାହାଁନ୍ତି କି ଶୁଣି ନାହାଁନ୍ତି। ତାଙ୍କ ନିକଟରେ ସମସ୍ତେ ସମାନ। ସେ ଶତ୍ରୁ ହୁଅନ୍ତୁ ଅବା ମିତ୍ର। ପ୍ରଭୁ ରାମ ଚନ୍ଦ୍ରଙ୍କ ଭାଇ ଭରତ ଭଳି ଅତୁଟ ମାୟା ବନ୍ଧନରେ ବାନ୍ଧି ରଖିବାର ସମସ୍ତ କ୍ଷମତା ରହିଛି ଭରତ ଭାଇଙ୍କର। ଦୀର୍ଘ ୭୧ବର୍ଷ ହେଲା ଭରତ ଭାଇଙ୍କ ନୀରବଚ୍ଛିନ୍ନ ସେବା ମନୋଭାବ ଆଜିର କୃତ୍ରିମ ସମାଜରେ ସାମାଜିକ ଉଦାହରଣ ସୃଷ୍ଟି ପାଇଁ ଆଲୋକବର୍ତ୍ତିକାର ରୂପ ନେଇଛି। ସମସ୍ତଙ୍କୁ ଭାଇ ଭଳି ଆଦରି ନେବାର କ୍ଷମତା ରହିଛି ଭରତ ଭାଇଙ୍କର। ସେ ଚିହ୍ନା ହୁଅନ୍ତୁ ଅବା ଅଚିହ୍ନା। ତାଙ୍କ ନିକଟରେ ଏ ସବୁ କିଛି ମାନେ ରଖେନା। ତାଙ୍କ ନିକଟରେ ଏକ ମାତ୍ର ଲକ୍ଷ୍ୟ ସମସ୍ତଙ୍କୁ ଭଲ ପାଇବା ଓ ଏହି ଭଲପାଇବା ଶକ୍ତିରେ ସମସ୍ତଙ୍କୁ ନିଜ ଛାତିକୁ ଟାଣିଆଣିବା। ଆଜି ୮୦ ବର୍ଷ ବୟସରେ ଉପନୀତ ଭରତ ଭାଇ। ପକ୍ୱ କେଶ, ଧବଳ ଶ୍ମଶ୍ରୁ, ଚମ ଧୁଡୁଧୁଡୁ। ଚାଲିବାର ଶକ୍ତି ହରାଇନାହାନ୍ତି ଭରତ ଭାଇ କିନ୍ତୁ । ଉଚ୍ଚ ସ୍ୱରରେ ଭରତ ଭାଇ ବୋଲି ଡାକିଦେଲେ 'ଓ' କହି ଦୋକାନ ଭିତରୁ ବାହାରି ଆସନ୍ତି। ମାଗୁଣିର ଶଗଡ଼ ଭଳି ଭରତ ଭାଇଙ୍କ ସେ ଚାଳ ଘର ସତ୍ତା ହରାଇଛି ସିନା, ରାଜଧାନୀ ଡାକ୍ତରଖାନାର ଛାତିରେ ସୁଦୃଶ୍ୟ ଦୋକାନ ଖୋଲି ନିଜ ପୁତ୍ରମାନଙ୍କ ସହାୟତାରେ ସେଇ ସମାଜସେବା, ରୋଗୀସେବା, ସାଧାରଣ ଲୋକଙ୍କୁ ନିଃସ୍ୱାର୍ଥପର ଭାବରେ ଅନବରତ ସେବା ଯୋଗାଇ ଆସୁଛନ୍ତି ଭରତ ଭାଇ।

ଭରତ ଭାଇଙ୍କ ସହିତ ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ ଧରି ତାଙ୍କ ସଂସ୍ପର୍ଶରେ ଆସିଥିବା ଓ ତାଙ୍କୁ ନିକଟରୁ ଦେଖିଥିବା ସାନ ଭାଇ, ବନ୍ଧୁ, ସୁହୃଦ ବ୍ୟକ୍ତିଗଣ ତାଙ୍କର ସଫଳ କର୍ମମୟ ଜୀବନର ସଫଳତା ପାଇଁ ରାଜଧାନୀ ଡାକ୍ତରଖାନାର ତାଙ୍କ କର୍ମସ୍ଥଳରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରି ତାଙ୍କର ଦୀର୍ଘ ନିରାମୟ ଜୀବନ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ମାଗୁଣି ସହିତ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜଣାଇଥିଲେ। ଭୁବନେଶ୍ୱର ଷ୍ଟେଟ୍ ବ୍ୟାଙ୍କର ପୂର୍ବତନ ଡିଜିଏମ୍ ସତ୍ୟଜିତ ଦାସ (ଦୁଲୁ ଭାଇ), ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ ଓ ବିଶିଷ୍ଟ ଯୁବ ଶିଳ୍ପଦ୍ୟୋଗୀ ଗୌରୀଶଙ୍କର ପ୍ରହରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିଲା ଏହି ସମ୍ବର୍ଦ୍ଧନା ଉତ୍ସବ। ସଭାର ପ୍ରାରମ୍ଭରେ 'ସମ୍ବାଦ କଳିକା, କଥା କଳିକା, ରବିବାସରୀୟ କଳିକା ଏବଂ ଉତ୍କଳ ଦୀପିକା'ର ସମ୍ପାଦକ ଜୟାଶୀଷ ରାୟ ଜଗନ୍ନାଥ, ସୁଭଦ୍ରା, ବଳଭଦ୍ର ମହାପ୍ରଭୁଙ୍କ ଏକ ମୂର୍ତ୍ତି ପ୍ରଦାନ କରି ତାଙ୍କର ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ। ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ରାଇଚରଣ ଦାସ, ଜଗଦୀଶ ପାଣି, ଆଶିଷ ସରକାର, ସତ୍ୟନାରାୟଣ ବକ୍ସି, ଅଶୋକ ଶତପଥୀ, ଅଭିନ୍ନ ବରାଳ, ପ୍ରଦୀପ କୁମାର ପରିଜା, ସୁରେନ୍ଦ୍ର ନାୟକ, ରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗଦେଇ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ଏଥି ସହିତ ଅନିବାର୍ଯ୍ୟ କାରଣ ବଶତଃ ଯୋଗଦେଇପାରିନଥିବା ବହୁ ଭରତ ପ୍ରେମୀ, ବହୁ ଶୁଭେଚ୍ଛୁ ଭରତଙ୍କ ସୁସ୍ଥ ନିରାମୟ ଜୀବନ ପାଇଁ ପ୍ରାର୍ଥନା ମଧ୍ୟ କରିଛନ୍ତି। ଏମାନଙ୍କ ମଧ୍ୟରେ ସୁଶାନ୍ତ କୁମାର ସାହୁ, କମଳାକାନ୍ତ ମହାପାତ୍ର, ଗୋକୁଳେନ୍ଦୁ ମିଶ୍ର (ମଣ୍ଟୁ), ଅଶୋକ ମିଶ୍ର, ବିଶ୍ୱଜିତ ରାୟ, ବବି ମହାନ୍ତି, ସୁଧାଂଶୁ ହରିଚନ୍ଦନ, ପ୍ରମୋଦ କୁମାର ମହାନ୍ତି, ସୌର୍ଯ୍ୟ ରଞ୍ଜନ କର, ଜନାଥନ ରାଉଳ, ବାଣୀରଞ୍ଜନ ମହାନ୍ତି, ଶିଶିର କୁମାର ମହାପାତ୍ର, ରମେଶ ପାଣି, ସତ୍ୟନାରାୟଣ ପଣ୍ଡା, ଶିବପ୍ରସାଦ ଦାଶ, ଉମା ପ୍ରସାଦ ଷଣ୍ଢ, ଅଜିତ ପଟ୍ଟନାୟକ (ଟୁଟୁ) ରବିନ୍ଦ୍ର କୁମାର ରଥ ଓ ଟିଲୁ ପଟ୍ଟନାୟକ ପ୍ରମୁଖ ଭରତ ସାହୁଙ୍କ ସମାଜ ପ୍ରତି ଅହେତୁକ ଭଲପାଇବା ଓ ଅଦ୍ୱିତୀୟ ମାନବ ସେବାର ଗୁଣଗାନ କରିବା ସଙ୍ଗେ ସଙ୍ଗେ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରିଛନ୍ତି।

# ଏସସିବି ମେଡିକାଲରେ ୧୦ ବର୍ଷରେ ୧.୪୦ କୋଟି ଟଙ୍କା ଗାଏବ!

**କଟକ, ୨୭/୦୮ ନ୍ୟୁଜ ବ୍ୟୁରୋ**

ଏସସିବି ମେଡିକାଲ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ବଡ଼ ଆର୍ଥିକ ହେରଫେର ଅଭିଯୋଗ ଆସିଛି। ୧୦ ବର୍ଷ ଭିତରେ କର୍ମଚାରୀଙ୍କ ପ୍ରାପ୍ୟ ପ୍ରାୟ ୧ କୋଟି ୪୦ ଲକ୍ଷ ଟଙ୍କା ହେରଫେର ହୋଇଥିବା ଅଭିଯୋଗ ହୋଇଛି। ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଟିଏ, ଡିଏ, ଏରିଅର, ଷ୍ଟଡି ଟୁର୍ ଏବଂ ମାଟର୍ନିଟି ଲିଭ୍ ବାବଦରେ ମିଳିବାକୁ ଥିବା ଟଙ୍କାରେ ହେରଫେର ହୋଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ଅନୁସାରେ, ଏହି ଟଙ୍କା ସମ୍ପୃକ୍ତ କର୍ମଚାରୀଙ୍କ ବ୍ୟାଙ୍କ ଖାତାକୁ ଯିବା ବଦଳରେ ଅନ୍ୟତ୍ର ହଡ଼ପ କରାଯାଇଛି ।

> **ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**
> ତାରିଖ :-୨୭/୦୮/୨୦୨୬
> ୩,୬୪,୩୧୪/- ଟଙ୍କା
> ସୁନା:- ୦ ଗ୍ରାମ୍ ୦୬୦ମିଲିଗ୍ରାମ
> ରୂପା:-୦୩ ଗ୍ରାମ୍ ୫୦୦ମିଲିଗ୍ରାମ୍

# କିମ୍ସ ନେଫ୍ରୋଲୋଜିଷ୍ଟ ଡା. ଅଶ୍ୱିନୀ ପ୍ରସାଦ ପଟ୍ଟନାୟକଙ୍କୁ 'ଦ୍ରୋଣାଚାର୍ଯ୍ୟ ପୁରସ୍କାର'




**ଭୁବନେଶ୍ୱର, ୨୭/୦୮ ନ୍ୟୁଜ ବ୍ୟୁରୋ**

ନେଫ୍ରୋଲୋଜି କ୍ଷେତ୍ରରେ ଆଜୀବନ ଅବଦାନ ପାଇଁ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନସେସ୍ (କିମ୍ସ), ଭୁବନେଶ୍ୱରର ବରିଷ୍ଠ ନେଫ୍ରୋଲୋଜିଷ୍ଟ ଡା. ଅଶ୍ୱିନୀ ପ୍ରସାଦ ପଟ୍ଟନାୟକଙ୍କୁ ପ୍ରତିଷ୍ଠିତ 'ଦ୍ରୋଣାଚାର୍ଯ୍ୟ ପୁରସ୍କାର' ପ୍ରଦାନ କରାଯାଇଛି । ଆସୋସିଏସନ୍ ଅଫ୍ ଭାସ୍କୁଲାର ଆକ୍ସେସ୍ ଆଣ୍ଡ ଇଣ୍ଟରଭେନସନ୍ ଇନ୍ ରିନାଲ୍ ଫିଜିକ୍ସ (ଅବତାର) ପକ୍ଷରୁ ତାଙ୍କୁ ଏହି ସମ୍ମାନ ଦିଆଯାଇଛି। ଚେନ୍ନାଇଠାରେ ଅଗଷ୍ଟ ୨୩ରେ ଆୟୋଜିତ ଅବତାର ଫାଉଣ୍ଡେସନ୍ ଓ ଅବତାର ଇଣ୍ଡିଆ ସୋସାଇଟିର ତୃତୀୟ ବାର୍ଷିକ ସମ୍ମିଳନୀରେ ଡା. ପଟ୍ଟନାୟକଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଜଣେ ଦକ୍ଷ ଶିକ୍ଷକ ଭାବେ ତାଙ୍କର ଅବଦାନ ସହ ନେଫ୍ରୋଲୋଜି ଓ ଡାକ୍ତରୀ ଶିକ୍ଷା କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଭୂମିକାକୁ ଏହି ସମ୍ମାନ ସ୍ୱୀକୃତି ଦେଇଛି। ସମ୍ମାନ ଗ୍ରହଣ କରି ଡା. ପଟ୍ଟନାୟକ ଏହାକୁ ତାଙ୍କ ଚିକିତ୍ସା ପେସାର ଯାତ୍ରାରେ ଏକ 'ଗଭୀର ମାଇଲଖୁଣ୍ଟ' ବୋଲି ବର୍ଣ୍ଣନା କରିଥିଲେ। ଏହି ପୁରସ୍କାର କେବଳ ତାଙ୍କର ବ୍ୟକ୍ତିଗତ ସଫଳତା ନୁହେଁ, ବରଂ ସହକର୍ମୀ ଓ ସମଗ୍ର କିମସର ମିଳିତ ପ୍ରୟାସର ମଧ୍ୟ ସ୍ୱୀକୃତି ବୋଲି ସେ କହିଥିଲେ।

ରୋଗୀସେବା କରିବା ଏବଂ ସ୍ୱାସ୍ଥ୍ୟସେବାର ଉନ୍ନତିରେ ଅବଦାନ ରଖିବା ପାଇଁ କିମ୍ସ ପକ୍ଷରୁ ମିଳିଥିବା ସୁଯୋଗ ଓ ପରିବେଶ ପାଇଁ ସେ କୃତଜ୍ଞତା ଜଣାଇଥିଲେ। ଏଥିସହ କିଟ୍, କିମ୍ସ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ମାର୍ଗଦର୍ଶନରେ ଏହା ସମ୍ଭବ ହୋଇଥିବା ସେ ପ୍ରକାଶ କରିଛନ୍ତି। ମାନବସେବା ପ୍ରତି ତାଙ୍କର ଦୂରଦୃଷ୍ଟି, ନେତୃତ୍ୱ ଓ ପ୍ରତିବଦ୍ଧତା ଚିକିତ୍ସା କ୍ଷେତ୍ର ସହ ଜଡ଼ିତ ସମସ୍ତଙ୍କୁ ଉତ୍କର୍ଷ ପାଇଁ ପ୍ରେରଣା ଯୋଗାଇ ଆସୁଛି ବୋଲି ଡା. ପଟ୍ଟନାୟକ ପ୍ରକାଶ କରିଛନ୍ତି।

ସୂଚନା ଯୋଗ୍ୟ, କିମ୍ସରେ ଯୋଗଦେବା ପୂର୍ବରୁ ଡା. ପଟ୍ଟନାୟକ ଭାରତୀୟ ରେଳବାଇରେ ୩୦ ବର୍ଷ କାର୍ଯ୍ୟ କରିଥିଲେ। ରେଳବାଇ ସହ ତାଙ୍କର ଦୀର୍ଘ ବୃତ୍ତିଗତ ସମ୍ପର୍କ ସମୟରେ ମିଳିଥିବା ଅଭିଜ୍ଞତା ଓ ସୁଯୋଗ ତାଙ୍କ ଚିକିତ୍ସା ଯାତ୍ରାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବୋଲି ସେ କହିଥିଲେ।

# ସଡ଼କ ସୁରକ୍ଷା ବାର୍ତ୍ତା ଦେଲା ପରିବହନ ବିଭାଗ

**ଭୁବନେଶ୍ୱର,୨୭/୦୮ ନ୍ୟୁଜ ବ୍ୟୁରୋ**

ରାକ୍ଷୀ ପୂର୍ଣ୍ଣିମାରେ ପରିବହନ ବିଭାଗ ପକ୍ଷରୁ ସଡ଼କ ସୁରକ୍ଷା ବାର୍ତ୍ତା । ହେଲମେଟ ପିନ୍ଧିଥିବା ଲୋକଙ୍କୁ ଗିଫ୍ଟ, ହେଲମେଟ ବ୍ୟବହାର ନ କରୁଥିବା ଲୋକଙ୍କୁ ସୁରକ୍ଷା ବାର୍ତ୍ତା ରାଖୀ ବାନ୍ଧିଲେ ପରିବହନ କମିଶନର ଅମିତାଭ ଠାକୁର। ସେପଟେ ଏକମାତ୍ର ପୁଅକୁ ହରାଇଥିବା ମା' ଲୋକଙ୍କୁ ଦେଲେ ସଡ଼କ ସୁରକ୍ଷା ବାର୍ତ୍ତା । ଭୁବନେଶ୍ୱର ଏସପ୍ଲାନେଡ ମଲ୍‌ରେ ବିଭାଗ ପକ୍ଷରୁ ଆୟୋଜିତ ହୋଇଛି ଏହି ରକ୍ଷା ବନ୍ଧନ କାର୍ଯ୍ୟକ୍ରମ। ପରିବହନ କମିଶନର ଅମିତାଭ ଠାକୁର କହିଛନ୍ତି ଯେ, ବିଭାଗ ସର୍ବଦା ଲୋକଙ୍କୁ ସଚେତନ କରୁଅଛି। ଲୋକମାନଙ୍କ ସୁରକ୍ଷା ପାଇଁ ଏହି ପ୍ରୟାସ କରାଯାଉଛି ।





**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କସ୍ଥ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


# ଡେରାସ 'ସି-ଫୁଡ୍ ପାର୍କ'କୁ ଆହୁରି ସୁଦୃଢ଼ କରିବାକୁ ଗୁରୁତ୍ୱ ଦେଲେ ମୁଖ୍ୟ ଶାସନ ସଚିବ

**ଭୁବନେଶ୍ୱର, ୨୭/୮ ନ୍ୟୁଜ ବ୍ୟୁରୋ**

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଡେରାସ ସି-ଫୁଡ୍ ପାର୍କ ପରିଦର୍ଶନ କରିଛନ୍ତି । ଏହି ଅବସରରେ ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ, ମୂଲ୍ୟଯୋଗ, ରପ୍ତାନି ଏବଂ ଶିଳ୍ପର ବିକାଶ ସମ୍ପର୍କିତ ବିଭିନ୍ନ ସମସ୍ୟା, ସମାଧାନ ଓ ଆବଶ୍ୟକତା ସମ୍ପର୍କରେ ସେ ରାଜ୍ୟର ପ୍ରମୁଖ ରପ୍ତାନିକାରୀମାନଙ୍କ ସହ ଆଲୋଚନା କରି ସେମାନଙ୍କ ମତାମତ ନେଇଥିଲେ । ସି-ଫୁଡ୍ କ୍ଷେତ୍ରରେ ନିବେଶ, ଉତ୍ପାଦନ ଓ ରପ୍ତାନିକୁ ଆହୁରି ସୁଦୃଢ଼ କରି ଡେରାସ ସି-ଫୁଡ୍ ପାର୍କକୁ ଏକ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ଓ ରପ୍ତାନିମୁଖୀ ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ ଏବଂ ମୂଲ୍ୟଯୋଗ କେନ୍ଦ୍ର ଭାବେ ବିକଶିତ କରିବାକୁ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି। ଏହି ପରିଦର୍ଶନ ଅବସରରେ ମୁଖ୍ୟ ଶାସନ ସଚିବ ଡେରାସ ଠାରେ ଅନୁଷ୍ଠିତ ଏକ ବୈଠକରେ ସଂପୃକ୍ତ ବିଭିନ୍ନ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ଓପିଟିସିଏଲର ପରିଚାଳନା ନିର୍ଦ୍ଦେଶକ ଭାସ୍କର ଜ୍ୟୋତି ଶର୍ମା, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର କମିଶନର ତଥା ଶାସନ ସଚିବ ପ୍ରେମ ଚନ୍ଦ୍ର ଚୌଧାରୀ, ଇଡ୍‌କୋର ପରିଚାଳନା ନିର୍ଦ୍ଦେଶକ ଡି. ପ୍ରଶାନ୍ତ କୁମାର ରେଡ୍ଡୀ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ଅଧିକାରୀ ଓ ଅଂଶୀଦାରମାନେ ଉପସ୍ଥିତ ଥିଲେ । ଡେରାସ ସି-ଫୁଡ୍ ପାର୍କକୁ ଏକ ସମନ୍ୱିତ ସାମୁଦ୍ରିକ ଖାଦ୍ୟ ପ୍ରକ୍ରିୟାକରଣ ଭାବେ ବିକଶିତ କରିବା ଲକ୍ଷ୍ୟରେ ପାର୍କର ଭିତ୍ତିଭୂମି ଓ ସାଧାରଣ ସୁବିଧାଗୁଡ଼ିକର ସର୍ବାଧିକ ଉପଯୋଗ, ଶିଳ୍ପ ପ୍ରତିଷ୍ଠାନଗୁଡ଼ିକର କାର୍ଯ୍ୟକ୍ଷମତା ଓ ନିବେଶକଙ୍କ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ ଦିଆଯାଉଛି । ବର୍ତ୍ତମାନ ପାର୍କରେ ଆବଣ୍ଟିତ ହୋଇଥିବାବେଳେ ପ୍ଲଟ୍, ୟୁନିଟ୍ କାର୍ଯ୍ୟକ୍ଷମ, ନିର୍ମାଣାଧୀନ ଏବଂ ଯୋଜନା ପର୍ଯ୍ୟାୟରେ ଥିବା କାର୍ଯ୍ୟ ସଂପର୍କରେ ମୁଖ୍ୟ ଶାସନ ସଚିବ ସମୀକ୍ଷା କରି ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ । ପାର୍କର ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମତା ପାଇଁ ଶିଳ୍ପ ପ୍ରତିଷ୍ଠାନଗୁଡ଼ିକର ଶୀଘ୍ର କାର୍ଯ୍ୟାରମ୍ଭ, ଅଚଳ ସାଧାରଣ ସୁବିଧାଗୁଡ଼ିକର ପୁନଃ କାର୍ଯ୍ୟକ୍ଷମ ଏବଂ ମୌଳିକ ସେବାଗୁଡ଼ିକର ସୁଦୃଢ଼ୀକରଣକୁ ମୁଖ୍ୟ ସଚିବ ଗୁରୁତ୍ୱ ଦେଇଛନ୍ତି । ବିକଶିତ ଓଡ଼ିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ ଦୃଷ୍ଟିକୋଣରୁ 'ବ୍ଲୁ ଇକୋନୋମି' ପଦକ୍ଷେପର ଅଂଶ ଭାବେ ଡେରାସ ସିଫୁଡ୍ ପାର୍କର ୧୦୦ପ୍ରତିଶତ ଉପଯୋଗ ନିଶ୍ଚିତ କରିବାକୁ ମୁଖ୍ୟ ଶାସନ ସଚିବ ଆଲୋଚନା କରି ଅଧିକାରୀମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି । ଏହାପରେ ମୁଖ୍ୟ ଶାସନ ସଚିବ ଡେରାସ ସ୍ଥିତ 'ଉଦ୍ୟାନ କୃଷି ଉତ୍କର୍ଷ କେନ୍ଦ୍ର'(ସେଣ୍ଟର ଅଫ୍ ଏକ୍ସେଲେନ୍ସ ଅନ୍ ହର୍ଟିକଲଚର) ପରିଦର୍ଶନ କରିଥିଲେ । ସେ ଉଚ୍ଚ ଜ୍ଞାନ କୌଶଳରେ ବିକଶିତ ଛାୟା ଜାଲି(ଶେଡ୍ ନେଟ୍), ଅମୃତଭଣ୍ଡା ନର୍ସରୀ, ଭିଏନ୍ ଆର ବିହି ପିଜୁଳି (ମଞ୍ଜି ଅତ୍ୟନ୍ତ କମ୍ କିମ୍ବା ପ୍ରାୟ ନଥିବା), ଡ୍ରାଗନ୍ ଫ୍ରୁଟ୍ ଚାଷ, ନାଲି କଦଳୀ ଚାଷ ଓ ୧୦ ମେଟ୍ରିକ୍ ଟନ୍ କ୍ଷମତାର ସୌରଶକ୍ତି ଚାଳିତ ଶୀତଳଭଣ୍ଡାର ପରିଦର୍ଶନ କରି ଉଦ୍ୟାନକୃଷିର ଆଧୁନିକ ପ୍ରଯୁକ୍ତି ଓ ବିବିଧ ଚାଷ ପ୍ରଣାଳୀ ସମ୍ପର୍କରେ ଅବଗତ ହୋଇଥିଲେ । ଆଧୁନିକ, ପ୍ରଯୁକ୍ତିଭିତ୍ତିକ ଓ ସ୍ଥାୟୀ ଉଦ୍ୟାନକୃଷି ପ୍ରଣାଳୀର ପ୍ରସାର ସହ କୃଷକ କ୍ଷମତାବୃଦ୍ଧି ଦିଗରେ ଫାର୍ମ ତରଫରୁ ପଦକ୍ଷେପ ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଅବଗତ ହୋଇଥିଲେ। ଏହି ଅବସରରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର-ତଥା-ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ଓ୍ୱାମନଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଉଦ୍ୟାନ କୃଷି ଉତ୍କର୍ଷ କେନ୍ଦ୍ରକୁ କେବଳ ପ୍ରଦର୍ଶନ ଓ ପ୍ରଶିକ୍ଷଣ କେନ୍ଦ୍ର ଭାବେ ସୀମିତ ନ ରଖି ଏହାର ସମ୍ଭାବନାକୁ ଅଧିକ ବ୍ୟାପକ କରିବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଥିଲେ ।





**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com